ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୨୮
୨୫ ଡିସେମ୍ବର, ୨୦୨୫ ଗୁରୁବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 228
25th December, 2025 Thursday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

କୁତ ଆଗତ୍ୟ ଘଟତେ ବିଘଟ୍ୟ କ୍ୱନୁ ଯାତିଚ ।
ନ ଲକ୍ଷ୍ୟତେ ଗତିଶ୍ଚିତ୍ରା ଘନସ୍ୟ ଚ ଧନସ୍ୟ ଚ ।

ମେଘ ଏବଂ ଧନର ଗତି ବିଚିତ୍ର । ଏହା ଦେଖାଯାଏ ନାହିଁ । କେଉଁଠାରୁ ଆସି ମିଳିତ ହୁଏ ଏବଂ ବିଭକ୍ତ ହୋଇ କେଉଁଆଡ଼େ ଚାଲିଯାଏ !

**ଅମ୍ବିକା ପ୍ରସାଦ ଦାସଙ୍କ ‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ**

**ଲୋକଶକ୍ତି ଆଗରେ ଲୋକ ପ୍ରତିନିଧି ଭୀଷଣ ଅସହାୟ**

# ୨୫ ବରପୁତ୍ରଙ୍କ ଗାଁ ହେବ ଐତିହ୍ୟ ଗ୍ରାମ

**ଭୁବନେଶ୍ୱର,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, କବି, ସାହିତ୍ୟିକ, ଶିକ୍ଷାବିତ୍, ସମାଜ ସୁଧାରକ ଏବଂ ମହାନ୍ ବ୍ୟକ୍ତିତ୍ୱ, ଯେଉଁମାନେ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ିଥିଲେ, ସେମାନଙ୍କର ଜୀବନ ବ୍ୟାପି ସାଧନା ଓ ବଳିଦାନକୁ ସ୍ମରଣ କରି ସେମାନଙ୍କର ସ୍ମୃତିକୁ ପରବର୍ତ୍ତୀ ପିଢି ପାଇଁ ସାଇତି ରଖିବାର ଆବଶ୍ୟକତା ରହିଛି। ସେମାନଙ୍କର ସାହସ, ସଂକଳ୍ପ ଏବଂ ଦୃଷ୍ଟିକୋଣ ଓଡିଆ ଜାତିର ସ୍ୱାଧୀନତା ଓ ସାର୍ବଭୌମତ୍ୱ ପାଇଁ ଭିତ୍ତିଭୂମି ତିଆରି କରିଥିଲା। ଓଡ଼ିଶାର ବରପୁତ୍ର ତଥା ସ୍ୱାଧୀନତା ସେନାନୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନିତ କରିବା ଦ୍ୱାରା ସେମାନଙ୍କର ବଳିଦାନକୁ ସ୍ୱୀକୃତି ମିଳିଥାଏ। ନାଗରିକମାନେ ସେମାନଙ୍କର ମୂଲ୍ୟବୋଧ ଓ ସିଦ୍ଧାନ୍ତକୁ ଅନୁସରଣ କରି ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ ହୁଅନ୍ତି। ସେମାନଙ୍କର ଅବଦାନ ପରପିଢିକୁ ପ୍ରେରିତ ଓ ଅନୁପ୍ରାଣିତ କରିବା ପାଇଁ ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତାକୁ ଗୁରୁତ୍ୱ ପୂର୍ଣ୍ଣ ମନେକରି ରାଜ୍ୟରେ ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’ ଲାଗୁ କରିବା ପାଇଁ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ନିଆଯାଇଛି।




ଏହି ଯୋଜନା ଅଧୀନରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିକାଶ କରାଯିବ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି/ସ୍ମାରକୀ ସ୍ଥାପନ କରାଯିବ। ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ। ବରପୁତ୍ରମାନଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେମାନଙ୍କର ଆଦର୍ଶ, ପ୍ରେରଣା ଓ ମୂଲ୍ୟବୋଧର ପ୍ରଚାର ପ୍ରସାର ଆଦି ପଦକ୍ଷେପମାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ନିମନ୍ତେ ୨୫ ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରିତ କରାଯାଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ସର୍ବାଧିକ ୩୪୫ କୋଟି ଟଙ୍କା ଖର୍ଚ୍ଚ ହେବ। ଯଦି ସରକାର ଯଥାର୍ଥତା ଅନୁଭବ କରନ୍ତି ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ବରପୁତ୍ରମାନଙ୍କୁ ଚୟନ କରାଯାଇ ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ଅର୍ଥରାଶି ପ୍ରଦାନ କରାଯିବ। ଏହା ପ୍ରତିବର୍ଷ ରାଜ୍ୟ ବଜେଟରେ ସ୍ଥାନିତ କରାଯିବ।

## ଓଡ଼ିଶାକୁ ମିଳିଲା ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଉନ୍ନୟନ କମିସନର ଅନୁ ଗର୍ଗଙ୍କ ପଦୋନ୍ନତି ହୋଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀମତୀ ଗର୍ଗଙ୍କୁ ନୂଆ



ଦାୟିତ୍ୱ ମିଳିଛି। ଆସନ୍ତା ୩୧ରେ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସରିବ। ଶ୍ରୀ ଆହୁଜାଙ୍କ ସ୍ଥାନରେ ରାଜ୍ୟ ସରକାର ଅନୁ ଗର୍ଗଙ୍କୁ ଅବସ୍ଥାପିତ କରିଛନ୍ତି। ଏଥି ସହିତ ରାଜ୍ୟବାସୀଙ୍କୁ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ମିଳିଛି। ଅନୁ ଗର୍ଗ ଆଉ ୩ବର୍ଷ ପରେ ଅବସର ନେବେ। ସୂଚନାଯୋଗ୍ୟ, *(ଶେଷ ପୃଷ୍ଠା ଦେଖନ୍ତୁ)*

## ଏଣିକି ବିନା ମୋବାଇଲ୍ ଟାୱାରରେ ଆସିବ ନେଟୱର୍କ

**ନୂଆଦିଲ୍ଲୀ,୨୪।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ପାଇଁ ଆଜି ଏକ ଐତିହାସିକ ଦିନ। ଯୋଗାଯୋଗ କ୍ଷେତ୍ରରେ ଯୋଡ଼ି ହେଲା ଏକ ନୂଆ ଫର୍ଦ୍ଦ। ଟେଲି କମ୍ୟୁନିକେସନ କ୍ଷେତ୍ରରେ ଇସ୍ରୋ ରଚିଲା ଇତିହାସ। ଭାରତ ମାଟିରୁ ମହାକାଶକୁ ସବୁଠୁ ଓଜନିଆ ସାଟେଲାଇଟ୍ ଯିବା ପରେ ଉଇଁଛି ଆଶା। ମୋବାଇଲ ନେଟୱର୍କ ନେଇ ବିଭିନ୍ନ ସମୟରେ ସମସ୍ୟା ଦେଖା ଦେଉଥିବା ବେଳେ ଏବେ ସେ ଚିନ୍ତା ଗଲା। ଆଉ ମୋବାଇଲ୍ ନେଟୱର୍କ ପାଇଁ ଲୋକେ ପାହାଡ ଚଢିବେନି କି ଗଛ ଉପରେ କଥା ହେବାକୁ ଭାଡ଼ି ବାନ୍ଧିବେନି। ଦୁର୍ଗମ ଅଞ୍ଚଳର ଦୁଃଖ ଦୂର ହେବା ନେଇ ବାହୁବଳୀ ଦେଲା ବଡ଼ ଭରସା।



ଆଗାମୀ ଦିନରେ ଇଣ୍ଟରନେଟ୍ ବା ମୋବାଇଲ କଲ୍ ପାଇଁ ମୋବାଇଲ ଟାୱାର ଉପରେ ଭରସା କରିବାକୁ ପଡିନପାରେ। ଯେଉଁଠି ଥିଲେ ବି ସହଜରେ କଲ୍ ଲାଗିଯିବ। କାରଣ ସାଟେଲାଇଟ୍ ଟେଲି କମ୍ୟୁନିକେସନ୍ କ୍ଷେତ୍ରରେ ମିଳିବ ବଡ଼ ସଫଳତା। ମହାକାଶରେ ସ୍ଥାପନ ହେବ ବ୍ଲୁ ବାର୍ଡ ସାଟେଲାଇଟ୍, ଯାହା ମୋବାଇଲ୍ ଟାୱାର୍‌ଗୁଡ଼ିକ ଭଳି କାମ କରିବ। ଏ କ୍ଷେତ୍ରରେ ଏବେ ଇତିହାସ ରଚିଛି ଭାରତ। ମହାକାଶକୁ ଉତକ୍ଷେପଣ ହୋଇଛି ଆମେରିକାର ବାଣିଜ୍ୟିକ ଯୋଗାଯୋଗ ସାଟେଲାଇଟ୍ ବ୍ଲୁବାର୍ଡ ବ୍ଲକ-୨। ୬.୧ ଟନ୍ ଓଜନର ଏହି ବିଶାଳ ସାଟେଲାଇଟକୁ କକ୍ଷପଥରେ ଅବସ୍ଥାପିତ କରିବ ଇସ୍‌ରୋର ବାହୁବଳୀ ରକେଟ୍ ଏଲଭିଏମ୍-୩।

ଏହି ଅତ୍ୟାଧୁନିକ ଟେକ୍ନୋଲୋଜି ଜରିଆରେ ଏଣିକି କମ୍ ନେଟୱର୍କ ଥିବା କିମ୍ବା ଦୁର୍ଗମ ଅଞ୍ଚଳର ଲୋକମାନେ ମଧ ବିନା କୌଣସି ବାଧାରେ ଭିଡିଓ କଲ୍ କରିପାରିବେ। କାରଣ ଏହି ସାଟେଲାଇଟ୍ ସିଧାସଳଖ ସ୍ମାର୍ଟଫୋନକୁ ମୋବାଇଲ୍ କନେକ୍ଟିଭିଟି ଯୋଗାଇଦେବ। ଏହାଫଳରେ ଗ୍ରାହକମାନଙ୍କୁ ଆଉ ମୋବାଇଲ୍ ଟାୱାର ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। କାରଣ ସିଧାସଳଖ ସାଟେଲାଇଟ୍ ଜରିଆରେ ୪ଜି ଏବଂ ୫ଜି ସ୍ମାର୍ଟଫୋନରେ ହାଇ-ସ୍ପିଡ୍ ସେଲ୍ୟୁଲାର୍ ବ୍ରଡ୍‌ବ୍ୟାଣ୍ଡ କନେକ୍ଟିଭିଟି ସୁବିଧା ଅତି ସହଜରେ ଉପଲବ୍ଧ ହୋଇପାରିବ। ଏହି ବିଶେଷ ସେବା ପାଇବା ପାଇଁ ୟୁଜର୍ସଙ୍କୁ ନିଜର ସର୍ଭିସ ପ୍ରୋଭାଇଡର *(ଶେଷ ପୃଷ୍ଠା ଦେଖନ୍ତୁ)*

# ଫିଟରଙ୍କ ମୁଣ୍ଡ ମାଲିସ୍ କଲେ ଖେଳାଳୀ

## ପ୍ରତିବାଦ କରିବାରୁ କୋଚ୍‌ଙ୍କୁ ମାଡ଼

**ଭୁବନେଶ୍ୱର,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିବାଦ ଘେରରେ ଓଡ଼ିଶା ସାଇକେଲିଂ ଆସୋସିଏସନ୍। ଉତ୍ତରାଖଣ୍ଡରେ ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାଇଥିବା ଖେଳାଳିମାନଙ୍କୁ ମୁଣ୍ଡ ମାଲିସ ଓ ଘସା ମୋଡାରେ ଲଗାଇବା ସହ କୋଚ୍‌ଙ୍କୁ ମାଡ଼ ମାରିଥିଲେ ଫିଟର। କାହିଁକି ଫିଟର ଟିମ୍ ସହ ଉତ୍ତରାଖଣ୍ଡ ଯାଇଥିଲେ ଓ ଯିବା ପାଇଁ କିଏ ଅନୁମତି ଦେଇଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି।

ସୂଚନାଯୋଗ୍ୟ ଯେ, ଉତ୍ତରାଖଣ୍ଡର ରୁଦ୍ରପୁରରେ ଚାଲିଥିବା ଜାତୀୟ ସ୍ତରର ସିନିୟର, ଜୁନିୟର ଓ ସବ୍ ଜୁନିୟର ଟ୍ରାକ୍ ସାଇକେଲିଂ କମ୍ପିଟିସନରେ ଭାଗ ନେଇଥିଲେ ଓଡ଼ିଶା ଦଳ। ତେବେ ଏହି ପ୍ରତିଯୋଗିତାରେ ଦେଖିବାକୁ ମିଳିଥିଲା ଏକ ଅଭାବନୀୟ ଘଟଣା। ଓଡ଼ିଶା ଟ୍ରାକ୍ ସାଇକେଲ ଗ୍ରୁପରେ ଯାଇଥିବା ଫିଟର୍ ଦିଲ୍ଲୀପ କୁମାର ନାଟିଆ ପ୍ରତିଯୋଗୀମାନଙ୍କୁ ନିଜ ବ୍ୟକ୍ତିଗତ କାମରେ ଲଗାଇଥିବା ସହ ମାଲିସ କରାଉଥିବା ମଧ ଦେଖିବାକୁ ମିଳିଥିଲା। ଖାଲି ସେତିକି ନୁହେଁ ଏହି ଘଟଣାରେ ପ୍ରତିବାଦ କରିବାରୁ ଓଡ଼ିଶା ଦଳର *(ଶେଷ ପୃଷ୍ଠା ଦେଖନ୍ତୁ)*

## ପିୟୁସି ପାଇଁ ବଢ଼ିଲା ସମୟ ସୀମା

# ୧ ଫେବୃଆରୀରୁ ପେଟ୍ରୋଲ ମନା



**ଭୁବନେଶ୍ୱର,୨୪।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯାନବାହନ ମାଲିକମାନଙ୍କୁ ଅତ୍ୟାବଶ୍ୟକୀୟ କାଗଜପତ୍ର ନବୀକରଣ କରିବା ପାଇଁ ସମୟ ସୀମା ଗୋଟିଏ ମାସ ବଢ଼ାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ସୁରକ୍ଷା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପଦକ୍ଷେପକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଏଥିରୁ ଗାଡ଼ି ଚାଳକମାନଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି

ଏହି ଗ୍ରେସ ପିରିୟଡରେ ଗାଡି ମାଲିକମାନେ ସେମାନଙ୍କର ପଞ୍ଜୀକରଣ ପ୍ରମାଣପତ୍ର (ଆରସି), ଫିଟନେସ୍ ପ୍ରମାଣପତ୍ର, ପ୍ରଦୂଷଣ ନିୟନ୍ତ୍ରଣ (ପିୟୁସି) ପ୍ରମାଣପତ୍ର ଏବଂ ବୀମାକୁ ବିନା ଜରିମାନାରେ ଅପଡେଟ୍ କରି ପାରିବେ। ମନ୍ତ୍ରୀ ମାସକ ମଧ୍ୟରେ ନବୀକରଣ ସମାପ୍ତ କରିବାକୁ ଅନୁରୋଧ କରିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ରାଜ୍ୟବ୍ୟାପୀ କଡାକଡି ଯାଞ୍ଚ ୧ ଫେବ୍ରୁଆରି ୨୦୨୬ ରୁ ଆରମ୍ଭ ହେବ।

ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସଟିଏ) ଦ୍ୱାରା ପିୟୁସି ନାହିଁ ତ ପେଟ୍ରୋଲ ନାହିଁ ନୀତି ସମ୍ପ୍ରତି ଘୋଷଣା କରାଯିବା ପରେ ମନ୍ତ୍ରୀ ସମୟ ସୀମା ମାସେ ବଢ଼ାଇଥିବା ସୂଚନା ପ୍ରଦାନ କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ, ପେଟ୍ରୋଲ ପମ୍ପଗୁଡ଼ିକ ବୈଧ ପିୟୁସି ପ୍ରମାଣପତ୍ର ନଥିବା ଯାନଗୁଡ଼ିକୁ ଇନ୍ଧନ ଦେବାକୁ ମନା କରିବେ। ପ୍ରାରମ୍ଭରେ ଡିସେମ୍ବର ମଧ୍ୟଭାଗରେ ପ୍ରଚଳିତ ଏହି ନିୟମ ୧ ଜାନୁଆରି ୨୦୨୬ରୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେବ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଘୋଟାଲାକୁ ଘୋଡ଼ାଇବା ପାଇଁ ପୂର୍ତ୍ତ ବିଭାଗରେ ଧୂର୍ତ୍ତ କାରବାର !

**କେନ୍ଦ୍ରାପଡ଼ା,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ନୀତି ଓ ଜାଲିଆତିର ପେଣ୍ଠୁ ପାଲଟିଥିବା କେନ୍ଦ୍ରାପଡ଼ା ପୂର୍ତ୍ତ ଡ଼ିଭିଜନ-୨ କରଂଜ-ଦହିମାଛ ରାସ୍ତା ନିର୍ମାଣରେ କରିଥିବା ଘୋଟାଲା ପଦାରେ ପଡ଼ିବା ଭୟରେ ସୂଚନା ଅଧିକାର ଆଇନରେ ମଗାଯାଇଥିବା ତଥ୍ୟ ସୂଚନା ଦେଉନାହିଁ । ତଥ୍ୟ ସୂଚନା ଦେବାକୁ ଆବଶ୍ୟକ ଅର୍ଥ ନେବା ପରେ ବି ଚୁପ୍ ହୋଇ ବସିଛନ୍ତି କର୍ତ୍ତୃପକ୍ଷ । ଯାହାର ପ୍ରତିବାଦରେ ଆବେଦନକାରୀ କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ-୨ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ତାଙ୍କୁ ସମର୍ଥନ ଜଣାଇ ବହୁ ସୂଚନା ଅଧିକାର ଅଭିଯାନର କର୍ମୀ ଓ ସାଧାରଣ ଜନତା ଧାରଣାରେ ସାମିଲ ହୋଇଥିବା ଦେଖାଯାଇଛି। ସୂଚନା ଅଧିକାର ଆଇନ ଅନୁଯାୟୀ ତଥ୍ୟ ସୂଚନା ମାଗିଥିବା ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ-୨ କାର୍ଯ୍ୟାଳୟ ପକ୍ଷରୁ ମହାକାଳପଡ଼ା ପୂର୍ତ୍ତ ସବଡିଭିଜନ ଅଧିନସ୍ତ କରଞ୍ଜଠାରୁ ଦହିମାଛ ଭାୟା ଗୋଖାପଡ଼ା ରାସ୍ତା ଉନ୍ନତି କରଣ ନିମନ୍ତେ ୬କୋଟି ୬୭ ଲକ୍ଷ ୭୭ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରାୟ ଦୁଇ କିଲୋମିଟର ବିଶିଷ୍ଟ ରାସ୍ତାର ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଇଛି। ଉନ୍ନତି କରଣ କାର୍ଯ୍ୟ ଆଳରେ ଏହି ରାସ୍ତା କାର୍ଯ୍ୟ ଅତି ନିମ୍ନମାନର କରାଯାଇ ଅର୍ଥକୁ ହରିଲୁଟ କରାଯାଇଛି। ତେଣୁ ଏହାର ସତ୍ୟାସତ୍ୟ ଜାଣିବା ନିମନ୍ତେ କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ-୨ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ ଅନୁଯାୟୀ ଗତ ୧୩।୮।୨୦୨୫ ରିଖ ସୂଚନା ନିମନ୍ତେ ସେ ଆବେଦନ କରିଥିଲେ । ଏଥିସହିତ ଜନ ସୂଚନା ଅଧିକାରୀଙ୍କ ପତ୍ର ଅନୁଯାୟୀ ତଥ୍ୟ ସୂଚନା ପାଇଁ ୫୦୮ ଟଙ୍କା ଦାଖଲ କରିସାରିଥିଲେ। ହେଲେ ତାଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାନଯାଇ ଅଧାପନ୍ତରିଆ ଓ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରି ଭଣ୍ଡେଇ ଦେବାକୁ ମସୁଧା କରାଯାଇଛି। ତେବେ ସମ୍ପୂର୍ଣ୍ଣ ସୂଚନା ପ୍ରାପ୍ତି ନିମନ୍ତେ ଆଇନ ଅନୁଯାୟୀ ପୂର୍ତ୍ତ ଡିଭିଜନ-୨ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଗତ ୭।୧୦।୨୦୨୫ ରିଖରେ ସେ ପ୍ରଥମ ଅପିଲ କରିଥିଲେ। କିନ୍ତୁ ଅଦ୍ୟାବଧି ଏକ ମାସ ପୁରଣ ହେଲା ପରେବି ତାଙ୍କ ଅପିଲ ଦରଖାସ୍ତର ଶୁଣାଣି କରାଯାଇ ନାହିଁ କିମ୍ବା ତାଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ନାହିଁ। ଫଳରେ ସେ ସମ୍ପୂର୍ଣ୍ଣ ତଥ୍ୟ ପ୍ରାପ୍ତିରୁ ବଞ୍ଚିତ ହୋଇଛନ୍ତି । ଜନସୂଚନା ଅଧିକାରୀଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*




**ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମପାଟି)

OIPR-15001/13/1295/2526

DADLS-72



**ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ମାଙ୍କଡ କାମୁଡାରେ ୨ ଆହତ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୈରୀ ବନଖଣ୍ଡ ଅଧିକାରୀ ଅଧିନ ମାହାଙ୍ଗା ବ୍ଲକ ଅଞ୍ଚଳରେ ଦିନକୁ ଦିନ ବଣୁଆ ମାଙ୍କଡମାନଙ୍କର ଉତ୍ପାତ ବଢି ଚାଲିଥିଲାବେଳେ ବନବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ବହୁ ଜନଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଜଳେଶ୍ୱରପୁର ପଞ୍ଚାୟତ ସୁଲତାନପୁର ଓ ମଲ୍ଲୀପୁରା ଗ୍ରାମରେ ଏକ ବଣୁଆ ମାଙ୍କଡର ଆକ୍ରମଣରେ ଦୁଇ ଜଣ ଗୁରୁତର ଆହାତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ପ୍ରକାଶ ଯେ ସୁଲତାନପୁର ଗ୍ରାମର କୁନା ବିଶ୍ୱାଳ ଓ ଅନ୍ୟ ଦୁଇ ଜଣ ବ୍ୟକ୍ତି ଧାନ ନେଇ ଆସୁଥିବା ସମୟରେ ପଛରେ କୁନା ଥିବାରୁ ତାଙ୍କ ଗୋଡକୁ କାମୁଡି କ୍ଷତାକ୍ତ କରିଥିଲେ । ସେହିପରି ମଲ୍ଲୀପୁରା ଗ୍ରାମର ବୃଦ୍ଧ ବାବାଜୀ ରାଉତରାୟ ନିଜ ଘରକୁ ଯାଉଥିବା ସମୟରେ ମଲ୍ଲୀପୁରା ରାସ୍ତାରେ ତାଙ୍କ ଗୋଡକୁ କାମୁଡା ପୁଳାଇ ମାଂସ ଉଠାଇ ନେଇଥିଲା । ଯାହା ଫଳରେ ଉଭୟ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ମାଙ୍କଡଟିର ଉତ୍ପାତ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବାରଣ ସୃଷ୍ଟି ହୋଇଛି । ତୁରନ୍ତ କଟକ ଜିଲ୍ଲା ବନଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣମାନେ ଦାବି କରିଛନ୍ତି ।

## ପୋଡ଼ିଦେଲେ ପେଟି ପେଟି ଔଷଧ: ତଦନ୍ତ ଆରମ୍ଭ

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି । ରୋଗୀଙ୍କୁ ନିରାମୟ ଔଷଧ ଦିଆନଯାଇ କେଉଁଠି ଅଳିଆ ଗଦାରେ ପିଙ୍ଗା ଯାଉଛି ତ ଆଉ କେଉଁଠି ପୋଡ଼ି ଦିଆଯାଉଛି । ଜିଲ୍ଲାର ରେମୁଣା ବ୍ଲକର ଘଟଣା ପରେ ବାହାନଗା ବ୍ଲକ ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଏଭଳି ସାଂଘାତିକ ଚିତ୍ର ଦେଖିବାକୁ ମିଳିଛି ।

ବାହାନଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ ପକାଇବା ପାଇଁ ଉଦ୍ଦିଷ୍ଟ ସ୍ଥାନରେ ପେଟି ପେଟି ଔଷଧ ପୋଡ଼ି ନଷ୍ଟ କରାଯାଇଛି । ରୋଗୀଙ୍କୁ ସରକାର ଯୋଗାଉଥିବା ଔଷଧ ରୋଗୀଙ୍କ ନିକଟରେ ପହଞ୍ଚୁ ନଥିବାର ଅଭିଯୋଗ ହୋଇଛି । ରୋଗୀଙ୍କ ପାଇଁ ଆସିଥିବା ସରକାରୀ ଔଷଧ ଫିଙ୍ଗାଯିବା ସହ ପୋଡାଯାଇଛି । ଏଭଳି ଘଟଣା ସାମ୍ନାକୁ ଆସିବା ସ୍ଥାନୀୟ ଲୋକ ପ୍ରତିନିଧି ଓ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ତେବେ ଏହି ଘଟଣାରେ ତଦନ୍ତ ଆରମ୍ଭ ହୋଇଛି । ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶରେ ବହାନଗା ମେଡିକାଲରେ ୬ଜଣିଆ ଟିମ୍ ତଦନ୍ତ ଆରମ୍ଭ କରିଥିବା ମେଡିକାଲ ସୁପରିଟେଣ୍ଡେଣ୍ଟ ଧୀରେସ ଷଡଙ୍ଗୀ ସୂଚନା ଦେଇଛନ୍ତି । ମେଡିସିନ ପୋଡାଯିବା ଏବଂ ଫିଙ୍ଗିବା ଘଟଣା ସତ୍ୟ, ଏହାର ତଦନ୍ତ ଚାଲିଛି, ତଦନ୍ତ ପରେ ଯିଏ ଦୋଷୀ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି ।

## ଟୋକନ ପାଇଁ ଚାଷୀଙ୍କ ଅସନ୍ତୋଷ

**ଗଞ୍ଜାମ: ଏକ୍ସପ୍ରେସ ନ୍ୟୁଜ୍**

ସରକାର ଗଞ୍ଜାମ ଜିଲ୍ଲାରେ ମଣ୍ଡି ମାଧ୍ୟମରେ ଚାଷୀଙ୍କ ଠାରୁ ମଙ୍ଗଳବାର ଠାରୁ ଧାନକିଣାର ଶୁଭାରମ୍ଭ କରିଛନ୍ତି । ଚଳିତବର୍ଷ ଖରିଫ ଧାନ ବିକ୍ରୟ କରିବାକୁ ୧ଲକ୍ଷ ୫୬ ହଜାର ୭୧୩ଜଣ ଚାଷୀ ପଂଜିକରଣ କରିଥିବାବେଳେ ପ୍ରଥମ ଦଫାରେ ମାତ୍ର ୮୭ ହଜାର ଚାଷୀଙ୍କୁ ଟୋକନ ମିଳିଛି । ଫଳରେ ଟୋକନ ପାଇନଥିବା ଚାଷୀ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ବ ବର୍ଷମାନଙ୍କରେ ଏକକାଳୀନ ସମସ୍ତ ଚାଷୀଙ୍କ ପାଖକୁ ଟୋକନ ଆସିଯାଉଥିଲା । ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଘଟିଛି । ଚାଷୀମାନେ ଦୀର୍ଘ ଦିନ ହେଲା ଧାନ ଅମଳକରି ଖୋଲାମେଳାରେ ବସ୍ତା ବାନ୍ଧି ପକାଇ ରଖିଛନ୍ତି । ଫଳରେ ହାତୀ ଗୋରୁଗାଇ ଓ ମାଙ୍କଡମାନଙ୍କ ଦ୍ୱାରା ଅମଳ ଧାନ କ୍ଷତି ହେବାର ସମ୍ଭାବନା ଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡିଛନ୍ତି । ତୁରନ୍ତ ସରକାରଙ୍କ ପକ୍ଷରୁ ଟୋକନ ପ୍ରଦାନ କରି ଚାଷୀଙ୍କ ଅମଳ ଧାନ ଉଠାଇ ନେବାକୁ ଦାବିହେଉଛି । ଚଳିତ ବର୍ଷ ସରକାର ଜିଲ୍ଲାରୁ ୬୪ଲକ୍ଷ କୁଇଣ୍ଟାଲଧାନ କିଣିବାକୁ ଲକ୍ଷ୍ୟ ରଖିଛନ୍ତି ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଅଙ୍ଗନବାଡି କର୍ମୀ

**ବରଗଡ: ଏକ୍ସପ୍ରେସ ନ୍ୟୁଜ୍**




ବଜାର ଦର ଅନୁସାରେ ଅଣ୍ଡା ଦର ବୃଦ୍ଧି କରିବା ନଚେତ୍ ସରକାର ନିଜେ ଅଣ୍ଡା ଯୋଗାଇଦେବା, ଉନ୍ନତମାନର ମୋବାଇଲ୍ ଦେବା, ଚାରି ଶ୍ରମ ଆଇନ୍‌କୁ କାର୍ଯ୍ୟକାରୀ କରି ସମାନ କାମକୁ ସମାନ ଦରମା, ଶ୍ରମିକର ମାନ୍ୟତା, ସାମାଜିକ ନିରାପତ୍ତା ଯୋଜନାରେ ସାମିଲ, ଭାରତୀୟ ଜାତୀୟ ସମ୍ମିଳନୀରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୨୬ ହଜାର ଟଙ୍କା ପ୍ରଦାନ କରାଯିବା, ୧୦୦ ଶତକଡା ପଦୋନ୍ନତ ଦେବା, ଅତିରିକ୍ତ କାର୍ଯ୍ୟ ସବୁ ବନ୍ଦ କରାଯାଇ କେବଳ ଆଇସିଡ଼ିଏସ୍ କାମକୁ ଅଗ୍ରାଧିକାର ଦିଆଯିବା, ଗାଆଁ କଲ୍ୟାଣ ସମିତିରୁ କର୍ମୀଙ୍କୁ ବାଦ ଦେବା ପ୍ରଭୃତି ଦାବି ନେଇ ବୁଧବାର ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ନେତୃତ୍ୱରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିକ୍ଷୋଭ ପ୍ରଦର୍ଶନକାରୀ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ବରଗଡ଼ର ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ସମ୍ମୁଖରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପଶ୍ଚିମ ଓଡିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ ଆବାହକ ପ୍ରଶାନ୍ତ ପାଢୀ, ଯୁଗ୍ମ ଆବାହକ ବାଳକୃଷ୍ଣ ଭୋଇ, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢୀ, ଜିଲ୍ଲା ସଭାନେତ୍ରୀ ରୁକ୍ମିଣୀ ଜୁଆଡି ଓ ଜିଲ୍ଲା ସମ୍ପାଦକ ନିତାମ୍ବିନୀ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଲି ଓ ବିକ୍ଷୋଭ ପ୍ରଦର୍ଶନରେ ସରସ୍ୱତୀ ପଞ୍ଚ ବିହାର, ବିଳାସିନି ମହାପାତ୍ର, ସାଧବୀ ବିଶ୍ୱାଳ, ଅହଲ୍ୟା ପଣ୍ଡା, କଲ୍ୟାଣୀ ମେହେର, ବ୍ରଜେଶ୍ୱରୀ ସିଂହ, ଶୋଭା କାନ୍ତି ମିଶ୍ର, ବେବୀ ଭୋଇ, ଭାରତୀ ଚୌହାନ,ମୀନା ମିଶ୍ର ସମେତ ଶତାଧିକ ଅଙ୍ଗନବାଡି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ ମ୍ୟାଡମ୍ ବିକ୍ଷୋଭ ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ । ସମସ୍ୟା ର ସମାଧାନ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚୀତ କରିଥିଲେ । ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ନିୟୋଜିତ ହୋଇଥିଲେ ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଧାରଣା

**ମୋରଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକର ମୁଖ୍ୟ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ୧ଟା ପର୍ଯ୍ୟନ୍ତ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ତରଫରୁ ଧାରଣା ଦିଆଯାଇଛି । ଜେଏମ୍ଏମର ଜିଲା ସଭାପତି ତଥା ମୋରଡା ନିର୍ବାମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀମାନେ ୨ ଦଫା ଦାବି ନେଇ ଧାରଣାରେ ବସିବା ସହିତ ନାରାବାଜି ଦେଇଥିଲେ । ଏନେଇ ଏକ ଦାବିପତ୍ର କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଜରିଆରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅବଗତି ନିମନ୍ତେ ପ୍ରଦାନ କରିଛନ୍ତି । କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ଯଥାଶୀଘ୍ର ପୂରଣ କରାଯିବା ସହିତ ଶିଶୁ ରୋଗ ବିଶେଷଜ୍ଞ, ଭେଷଜ, ଅସ୍ତ୍ରୋପଚାର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି କରିବା ଏବଂ ଡାକ୍ତରଖାନାରେ ଏକ୍ସରେ ମେଶିନ ଓ ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ କରିବା ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଉକ୍ତ ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଜେଏମ୍ଏମ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସଭାପତି ଦାସ ଚେତାବନୀ ଦେଇଛନ୍ତି । ଧାରଣା ସମୟରେ ଦାସଙ୍କ ସହିତ ଦିବାକର ସୋରେନ, ସନାତନ ମୁର୍ମୁ, ତରିଣ ସେନାପତି, ସୁଜିତ କୁମାର ବେହେରା, ହେମନ୍ତ କୁମାର ମହାନ୍ତ, ସିପୁ ମୁଦୁଲି, ଅମୀର ଖାନଙ୍କ ସହିତ ଅନ୍ୟ କର୍ମୀଗଣ ଉପସ୍ଥିତ ଥିଲେ ।

## ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା: ମୁଖ୍ୟ ଅଭିଯୁକ୍ତ ଗିରଫ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ମାମଲାରେ ପୋଲିସ୍ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଜାରି ରଖିଛନ୍ତି । ମୃତକଙ୍କୁ ନ୍ୟାୟ ଦାବିରେ ହାଟପଟି, ମଧୁବାବୁ ଛକ ଓ ବସ୍‌ଷ୍ଟାଣ୍ଡରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଛି ।

ସୂଚନା ଅନୁସାରେ ମଙ୍ଗଳବାର ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନଏସି ଅନ୍ତର୍ଗତ ବାଲିଗାଁ ସମବାୟ ସମିତି କାର୍ଯ୍ୟାଳୟ ପଛ ପଟ ବଣ ଭିତରୁ ଜଣେ ନାବାଳିକା (୧୧)ର ମୃତଦେହ ଉଦ୍ଧାର ହୋଇଛି । ଦୁଷ୍କର୍ମ ପରେ ନାବାଳିକାକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।

ମଙ୍ଗଳବାର ସକାଳୁ ସୁଶାନ୍ତ ମିଶ୍ରଙ୍କ ଝିଅ ନିଖୋଜ ଥିଲେ । ସକାଳୁ ପରିବାର ଲୋକେ ଖୋଜିବା ଆରମ୍ଭ କରି ସନ୍ଧ୍ୟାରେ ଚାନ୍ଦବାଲି ଥାନାକୁ ଜଣାଇଥିଲେ । ତେବେ ରାତି ସାଢେ ୭ଟା ସମୟରେ ସମବାୟ ସମିତି କାର୍ଯ୍ୟାଳୟ ପଛ ପଟ ଏକ ନିଛାଟିଆ ବଣୁଆ ସ୍ଥାନରେ ସ୍ଥାନୀୟ ଲୋକେ ନାବାଳିକାର ମୃତଦେହ ଠାବ କରିଥିଲେ । ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଛି । ଘଟଣାସ୍ଥଳରେ ଶହ ଶହ ଲୋକଙ୍କ ଭିଡ ଜମିବା ସହ ଉତ୍ତେଜନା ଲାଗି ରହିଛି ।

ପୋଲିସ୍ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଉଛନ୍ତି ଚାନ୍ଦବାଲିର ବାବୁଲ ଦାସ । ଉତ୍ୟକ୍ତ ଗାଁ ଲୋକେ ଅଭିଯୁକ୍ତଙ୍କ ଘରକୁ ଭାଙ୍ଗି ଦେଇଛନ୍ତି ।

ଏଭଳି ସମ୍ବେଦନଶୀଳ ଘଟଣାରେ କମିସନଙ୍କ ଟିମ୍ ତଦନ୍ତ କରି ଦୋଷୀମାନଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେବା ସାଙ୍ଗେ ସାଙ୍ଗେ ସମ୍ପୃକ୍ତ ଛାତ୍ରୀଙ୍କ ପରିବାରକୁ କ୍ଷତି ପୂରଣ ବାବଦକୁ ୫୦,୦୦୦,୦୦ ଦେବାପାଇଁ ଜାତୀୟ ମାନବ ଅଧିକାର କମିସନଙ୍କ ନିକଟରେ ଏନଏଚ୍‌ଆରସି କେଶ ନମ୍ବର ୨୯୩୩୭/୨୦୨୫ ରେ କେଶ ଦାୟର କରାଯାଇଛି ।

ଏହି ମାମଲାରେ ଏସପି ଭଦ୍ରକ, ଡିଜି ପୋଲିସ ଓଡିଶା, ଗୃହ ସଚିବ ଓଡିଶା ଏବଂ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ପକ୍ଷଭୁକ୍ତ କରାଯାଇଛି ।

## ମୁରିବାହାଲ ଧନୁଯାତ୍ରାରେ କଂସ ବଧ

**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ସପ୍ତମତମ ବିରାଟ ଧନୁଯାତ୍ରା ମହୋତ୍ସବ ମହାସମାରୋହର ଅନ୍ତିମ ରଜନୀର ମହାରାଜ କଂସଙ୍କ ଦରବାରରେ କଂସ ଦରବାର ସହ କଂସ ବଧ ନାଟକ ମଞ୍ଚସ୍ଥ ହୋଇ ଉଦଯାପିତ ହୋଇଯାଇଛି । ଧନୁଯାତ୍ରା କମିଟି ସଭାପତି ତରୁଣ ପୋଡ଼ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦାନ କରିଥିଲେ । ସମ୍ମାନିୟ ଅତିଥି ଭାବେ ଅଧକ୍ଷ ପଞ୍ଚାୟତ ସମିତି ମୁରିବାହାଲ ହରିବନ୍ଧୁ ମେହେର, ରାଜ୍ୟ ଉପସଭାପତି ବିଜେପି ଶିବାଜୀ ମହାନ୍ତି, ଜିଲ୍ଲା ଉପସଭାପତି ବିଜେପି ବଲାଙ୍ଗୀର ବେଦବ୍ୟାସ ନାଗ, ଓଷ୍ଟା ଜିଲ୍ଲା ସଭାପତି ବଲାଙ୍ଗୀର ପ୍ରଦୀପ କୁମାର ପୁଟେଲ, ପତ୍ରାପାଳି ସମିତି ସଭ୍ୟ ସନ୍ୟାସୀ ପୁଟେଲ, ବିଧାୟକ ପ୍ରତିନିଧି ମୁରିବାହାଲ ଗଙ୍ଗାଧର ହେର୍ଣ୍ଣା, ଅର୍ଜୁନ ଯାଦବ, ଶ୍ରୀପତି ଷାଣ୍ଢ, ରମାରଞ୍ଜନ ପାତ୍ର, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ମହାନ୍ତି, ବିଶ୍ୱବିହାରୀ ଯୋଶୀ ପ୍ରମୁଖ ମଞ୍ଚାସିନ ଥିଲେ ଏହି ସାତଦିନ ବ୍ୟାପୀ ବିରାଟ ଧନୁଯାତ୍ରା ମହୋତ୍ସବରେ ମୁରିବାହାଲ ଗ୍ରାମ ମଥୁରା ନଗରୀ ଓ ପାଖ ବନବାହାଲ ଗ୍ରାମ ଗୋପପୁର ପାଲଟିଥିଲା ।

ଅଞ୍ଚଳର ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଓ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ମୀନାବଜାର ଆଦି ଅନୁଷ୍ଠିତ ହୋଇଛି ଦର୍ଶକମାନେ ସୁବିଧାରେ ଧନୁଯାତ୍ରା ଦେଖିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଲାଠୋରର ଆର୍ତ୍ତତ୍ରାଣ ସୁନାନୀ ଓ ତାଙ୍କ ସାଥୀ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି । ଏଥିପାଇଁ ମୁରିବାହାଲ ପୋଲିସ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳା, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗରୁ ସମ୍ପୂର୍ଣ୍ଣ ସହଯୋଗ ରହିଛି ଧନୁଯାତ୍ରା ମହୋତ୍ସବ କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ, ବିଶ୍ୱବିହାରୀ ଯୋଷୀ, ନାରାୟଣ ସାହୁ, ଦିବ୍ୟସୁନ୍ଦର ସାହୁ, ଶ୍ୟାମସୁନ୍ଦର ଝଙ୍କାର, ରମାରଞ୍ଜନପାତ୍ର କାର୍ଯ୍ୟକାରି ସଭାପତି ରାଜିବ କୁମାର ମହାନ୍ତି, ସୁଦାମ ଚରଣ ବଘାର, ରମେଶ ନାଗ,ପ୍ରଫୁଲ୍ଲ ବଘାର, ସୁଦାମ ସାହୁ, ତରଣିସେନ ମେହେର ସାଧାରଣ ସମ୍ପାଦକ ଦୁର୍ଗାନନ୍ଦ ମହାକୁର ସହ ସମ୍ପାଦକ ପ୍ରେମାନନ୍ଦ ମାଝୀ, ଦନାର୍ଦନ ବରଗ୍ରି, ସୁଜିତ ରଞ୍ଜନ ପାଢ଼ୀ, ଅଭିଳାଷ ବଘାର କୋଷାଧକ୍ଷ ଭରତ ଦାସ, ପଦ୍ମଲୋଚନ ସାହୁ ସଂଯୋଜକ ସୁଧାଂଶୁ ପୋଢ଼ ଯାଦବ, ଉଦିତ କଟା, ବିକି ମହାରଣା, ଲିଲୁ ମୋହନ ପଧାନ ସାଂସ୍କୃତିକ ସମ୍ପାଦକ ପ୍ରମୁଖ ସୁଦର୍ଶନ ଦୀପ, ଖଗେଶ୍ୱର ସାହୁ ସାଂସ୍କୃତିକ ସମ୍ପାଦକ ପୂର୍ଣଚନ୍ଦ୍ର ପଧାନ, ବୈରାଷ୍ଟ୍ର ପୋଢ଼, ହେମନ୍ତ ଶର୍ମା, କରନ ଜାଲ, ରଞ୍ଜିତ ଆଚରୀ ଆବାହକ କୁନ୍ତ ପୋଡ଼, ବାବୁଲାଲ କେତକୀ ଯାଞ୍ଚ ଅଧିକାରୀ ଅନିଲ କୁମାର ଶର୍ମା, ସୁରେଶ କୁମାର ଶର୍ମା, ଭୀଷ୍ମରାଜ ମେହେର, ରାମକୃଷ୍ଣ ଆଡ଼ଜୁଆଡ଼ ଆଇନ ପରାମର୍ଶ ଦାତା ଜୟଦୀପ ପୁରୋହିତ, ଶମ୍ଭୁ ପ୍ରସାଦ ଭୋଇ ଗୋପପୁର ପ୍ରମୁଖ ଲକ୍ଷ୍ମଣ ମହାରଣା, ତୁଳସୀ ରାମ ସାହୁ, ରାଜୀବ କୁଅଁର, ହରି ହାତୀ ପରିଚାଳନା କମିଟି ସଭ୍ୟ ଅଭୟାନନ୍ଦ ଦାସ, କିଶୋର ପୁଷ୍ଟି, ହୃଦାନନ୍ଦ ସାହୁ, ବିଜୟଲାଲ ଦୀପ, ଭବାନୀ ଶଙ୍କର ଶର୍ମା, ସୁଦର୍ଶନ ଖର୍ସେଲ, ଯୋଗେନ୍ଦ୍ର ଥାଟି ଯଦୁ ସାହୁ, ଦୁର୍ଯ୍ୟୋଧନ ନାଗ ସହ ପ୍ରଚାର ପ୍ରସାର କମିଟିର ମନୋଜ କୁମାର କର, ଅମରେଶ ମାଝୀ, ଗିରିଧାରୀ ସାହୁ, ତୁଳସୀ ଭୋଇ, ଶଙ୍କର ମାଝୀଙ୍କ ସହ ସମସ୍ତ ସାମ୍ବାଦିକ ଏବଂ ଆୟୋଜକ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଆୟୋଜକ କମିଟିର ଉପସଭାପତି ନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ସଦସ୍ୟ ଦୁର୍ଗାନନ୍ଦ ମହାକୁର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ ।

## କାନ୍ଥ ପଡି ଯୁବକ ମୃତ

**ସୋନପୁର: ଏକ୍ସପ୍ରେସ ନ୍ୟୁଜ୍**

କାନ୍ଥ ପଡ଼ି ଚାଲିଗଲା ଯୁବକଙ୍କ ଜୀବନ । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ରୁଗୁଡ଼ିପାଲି ଗାଁରେ ଅଘଟଣ । ମୃତ ଯୁବକ ଜଣକ ଶଶାଙ୍କ ମିଶ୍ର ବୋଲି ଜଣାପଡିଛି । ସୂଚନା ମୁତାବକ, ଶଶାଙ୍କ ଗତକାଲି ରାତିରେ ପରିଶ୍ରା କରିବାକୁ ଯାଇଥିବାବେଳେ ଏକ ଅର୍ଦ୍ଧ ଭଙ୍ଗା କାନ୍ଥ ପଡିଯାଇଥିଲା । ଫଳରେ କାନ୍ଥ ତଳେ ଚାପି ହୋଇ ଯାଇଥିଲେ ସେ । ଏନେଇ ଘଟଣାସ୍ଥଳରୁ ତାଙ୍କ ପରିବାର ଲୋକ ତାଙ୍କୁ ତୁରନ୍ତ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ତେବେ ଶଶାଙ୍କ ଜଣେ ଯୁବ ବ୍ୟବସାୟୀ ଭାବେ ବେଶ ଜଣାଶୁଣା ଥିବାରୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଜିଲ୍ଲାସ୍ତରୀୟ ଗୋଷ୍ଠୀ ଜଙ୍ଗଲ ପରିଚାଳନା

**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**



ଜିଲ୍ଲା ପଞ୍ଚାୟତ ସାଧନା କେନ୍ଦ୍ର ନୂଆପଡ଼ାଠାରେ ୟାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଖରୀଆର ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଗୋଷ୍ଠୀ ଜଙ୍ଗଲ ପରିଚାଳନା ସମ୍ପର୍କୀୟ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଠାରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ ସ୍ୱାଗତ ସମ୍ଭାଷଣ ରଖିଥିବା ବେଳେ ୟାର ଅନୁଷ୍ଠାନର ସମ୍ପାଦକ ହରି ଦାସ ପଟେଲ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ଏଫ୍ଇଏସ ଭୁବନେଶ୍ୱରରୁ ପ୍ରଦୀପ ମହାରଣା ତାଲିମ ଦାତା ରୂପେ ଯୋଗଦାନ କରିଥିଲେ । ନୂଆପଡ଼ା ଜିଲ୍ଲାରେ ସିଏଫ୍ଆର୍ଆର୍ ଶିରୋନାମା ଦିଆଯାଇଥିବା ସମସ୍ତ ଗ୍ରାମକୁ ଗୋଷ୍ଠୀ ସମ୍ବଳ ଅଧିକାରର ସୁପରିଚାଳନା ନିମିତ୍ତ କମିଟି ଗଠନ, କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ଅନୁମୋଦନ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଥିଲା । ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ୨୦୦୬ ଆକ୍ଟ ମାର୍ଗଦର୍ଶିକା ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବ୍ଲକ ମଙ୍ଗଳ ଅଧିକାରୀ, ଜଙ୍ଗଲ ବିଭାଗ ଏସିଏଫ୍, ସେଲ ସଂଯୋଜକ, ଉପଖଣ୍ଡସ୍ତରୀୟ ସଦସ୍ୟ ସଦସ୍ୟା ତଥା ୟାର ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦାନ କରିଥିଲେ । ୟାର ଅନୁଷ୍ଠାନର ଅରୁଣ ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ବେଳେ ପରିଶେଷରେ ୟାର ସଭାପତି ମହେନ୍ଦ୍ର କୁମାର ଯୋଶୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବାଣିଜ୍ୟ

### କୋଲ୍ ଇଣ୍ଡିଆ ବୋର୍ଡର ଅନୁମୋଦନ: ଷ୍ଟକ୍ ବଜାର ଯିବ ଏମ୍‌ସିଏଲ୍

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ଦୁଇ ସହାୟକ କମ୍ପାନି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଓ ସାଉଥ୍ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏସ୍‌ଇସିଏଲ୍)କୁ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବାକୁ କୋଲ୍ ଇଣ୍ଡିଆ ନିଷ୍ପତ୍ତି ନେଇଛି । ଏହି ପ୍ରସ୍ତାବକୁ କମ୍ପାନି ବୋର୍ଡ ନୀତିଗତ ଅନୁମୋଦନ ପ୍ରଦାନ କରିଛି । ତେବେ ବଜାରରେ ପ୍ରବେଶ କରିବା ପୂର୍ବରୁ ଏହି ଦୁଇ କମ୍ପାନିକୁ ଅନେକ ନିୟାମକ ଅନୁମୋଦନ ହାସଲ କରିବାକୁ ପଡିବ । ଆର୍ଥିକ ବର୍ଷ ୨୦୨୬-୨୭ରେ ଦୁଇ ସହାୟକ କମ୍ପାନିକୁ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବା ଲାଗି ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଚଳିତ ମାସ ୧୬ରେ କୋଲ୍ ଇଣ୍ଡିଆକୁ କୁହାଯାଇଥିଲା । ଏମ୍‌ସିଏଲ୍ ହେଉଛି କୋଲ ଇଣ୍ଡିଆର ପ୍ରମୁଖ ସହାୟକ କମ୍ପାନି । ୨୦୧୯ରେ ଏହାକୁ ମିନିରତ୍ନ ମାନ୍ୟତା ମିଳିଥିଲା । ୧୯୯୨ରେ ସାଉଥ୍ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ୍ ଲିମିଟେଡ୍‌ରୁ ଅଲଗା କରି ଏମ୍‌ସିଏଲ୍ ଗଠନ କରାଯାଇଥିଲା । ଏହାର ମୁଖ୍ୟ କାର୍ଯ୍ୟାଳୟ ଓଡିଶାର ସମ୍ବଲପୁରରେ ରହିଛି ।

କୋଲ ଇଣ୍ଡିଆର ଦୁଇ ସହାୟକ କମ୍ପାନି ଏମ୍‌ସିଏଲ୍ ଓ ଏସ୍‌ଇସିଏଲ୍ ଏହାର ୫୨ ପ୍ରତିଶତରୁ ଅଧିକ କୋଇଲା ଉତ୍ପାଦନ କରୁଛନ୍ତି । ୨୦୨୪-୨୫ରେ ଏମ୍‌ସିଏଲ୍ ୨୨୫ ନିୟୁତ ଟନ୍ କୋଇଲା ଉତ୍ପାଦନ କରିଥିଲା । ୨୦୨୫-୨୬ରେ ଏହା ୨୩୯ ନିୟୁତ ଟନ୍, ୨୦୨୬-୨୭ରେ ୨୫୦ ନିୟୁତ ଟନ୍, ୨୦୨୭-୨୮ରେ ୨୬୫ ନିୟୁତ ଟନ୍, ୨୦୨୮-୨୯ରେ ୨୮୫ ନିୟୁତ ଟନ୍ ଏବଂ ୨୦୨୯-୩୦ରେ ୩୦୫ ନିୟୁତ ଟନ୍ କୋଇଲା ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି । ୨୦୩୪-୩୫ ସୁଦ୍ଧା ଏମ୍‌ସିଏଲ୍‌ର କୋଇଲା ଉତ୍ପାଦନ କ୍ଷମତାକୁ ୩୫୮ ନିୟୁତ ଟନ୍ ପର୍ଯ୍ୟନ୍ତ ବ?ାଇବାକୁ ଲକ୍ଷ୍ୟ ରଖାଯାଇଛି । ୨୦୩୦ ସୁଦ୍ଧା କୋଇଲା ଉତ୍ପାଦନ କ୍ଷମତାକୁ ୧ ବିଲିୟନ ଟନ୍‌ରେ ପହଞ୍ଚାଇବାକୁ କୋଲ୍ ଇଣ୍ଡିଆ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ତାହା ହାସଲ କରିବାରେ ଏମ୍‌ସିଏଲ୍ ଓ ଏସ୍‌ଇସିଏଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ଷ୍ଟକ ବଜାରରେ ପ୍ରବେଶ କରିବା ପରେ ଏହି ଦୁଇ କମ୍ପାନି ପାଖକୁ ଅଧିକ ନିବେଶ ଆସିବ, କର୍ପୋରେଟ ପ୍ରଶାସନରେ ଉନ୍ନତି ହେବ ଏବଂ ସେମାନଙ୍କୁ ସମ୍ପ୍ରସାରଣ ଲାଗି ଅଧିକ ଆର୍ଥିକ ସ୍ୱାଧୀନତା ମିଳିପାରିବ ।

## ଫିଟନେସ୍ ଏବଂ ସାମୁହିକ ଅଂଶଗ୍ରହଣକୁ ପ୍ରୋତ୍ସାହନ




**ଖୋର୍ଦ୍ଧା: ଏକ୍ସପ୍ରେସ ନ୍ୟୁଜ୍**

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି 'ଖୋର୍ଦ୍ଧା ରୋଡ୍ ହାଫ୍ ମାରାଥନ୍ ଭୁବନେଶ୍ୱର-୨୦୨୬'ର ଆଗାମୀ ଦ୍ୱିତୀୟ ସଂସ୍କରଣ ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ପୂର୍ବତଟ ରେଳପଥ କ୍ରୀଡା ସଂଗଠନ (ଇକୋର୍ସା), ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ୧ ଫେବୃଆରୀ ୨୦୨୬ରେ ଆଇଆଇଟି ଭୁବନେଶ୍ୱର ସହଯୋଗରେ ଆୟୋଜିତ ହେଉଅଛି ।

ସାମ୍ବାଦିକ ସମ୍ମିଳନୀ ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ସୂଚନା ଦେଇ କହିଛନ୍ତି ଯେ ଏହି ପ୍ରମୁଖ କ୍ରୀଡା ଇଭେଣ୍ଟର ଲକ୍ଷ୍ୟ ନାଗରିକମାନଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ସହିତ ଫିଟନେସ୍, ସୁସ୍ଥତା ଏବଂ ସାମୁହିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା । ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ତଥା କ୍ରୀଡା ଅଧିକାରୀ ଅନିଲ କୁମାର ଏସ୍ ଏବଂ ମଣ୍ଡଳ ମେକାନିକାଲ୍ ଇଞ୍ଜିନିୟର (କୋଚିଂ) ତଥା ସହକାରୀ କ୍ରୀଡା ଅଧିକାରୀ ମନୀଷ କୁମାର ମୀନା ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ବିବରଣୀ ସମ୍ବନ୍ଧରେ ଆଲୋକପାତ କରାଇଥିଲେ ।

ଏହି ମାରାଥନରେ ଚାରୋଟି ଦୌଡ଼ ବର୍ଗ ରହିବ - ୨୧.୧ କି.ମି. ହାଫ୍ ମାରାଥନ୍, ୧୦ କି.ମି. ହାଫ୍ ମାରାଥନ୍, ୫ କି.ମି. ମଜା ଦୌଡ଼ ଏବଂ ୨ କି.ମି. ପାରିବାରିକ ଦୌଡ଼ ଅନ୍ତର୍ଭୁକ୍ତ ଯାହା ଦେଶର ବିଭିନ୍ନ ପ୍ରାନ୍ତରୁ ବୃତ୍ତିଗତ ଦୌଡ଼କୁଦ ଖେଳାଳୀ, ରେଳ କର୍ମଚାରୀ, ଛାତ୍ରଛାତ୍ରୀ, ପରିବାର ଏବଂ ଫିଟନେସ୍ ଉତ୍ସାହୀମାନଙ୍କୁ ଉତ୍ସାହିତ କରିବ । ୨୧.୧ କିମି ଏବଂ ୧୦ କିମି ହାଫ୍ ମାରାଥନ୍ ସମୟସୀମା ଅନୁଯାୟୀ ହେବ ଯାହା ପ୍ରମାଣିତ ଚିପ୍-ଆଧାରିତ ସମୟ ପ୍ରଣାଳୀ ସହିତ ପରିଚାଳିତ ହେବ ।

ଏହି ଇଭେଣ୍ଟ ଇକୋର୍ସା କ୍ରିକେଟ୍ ଷ୍ଟାଡିୟମ, ଖୋର୍ଦ୍ଧା ରୋଡରେ ଆରମ୍ଭ ହୋଇ ଏକ ସୁନ୍ଦର ଏବଂ ସୁରକ୍ଷିତ ମାର୍ଗ ସହିତ ଆଇଆଇଟି ଭୁବନେଶ୍ୱର ମାର୍ଗ ଦେଇ ଗତି କରିବ ଏବଂ ବ୍ରହ୍ମପୁରାରେ ଏକ ଟ-ଟର୍ନ ନେଇ ପୁନର୍ବାର ଷ୍ଟାଡିୟମକୁ ଫେରି ଶେଷ ହେବ । ଅଂଶଗ୍ରହଣକାରୀଙ୍କ ସୁରକ୍ଷା ଏବଂ ସୁବିଧା ପାଇଁ ଟ୍ରାଫିକ୍ ପରିଚାଳନା, ହାଇଡ୍ରେସନ୍ ଷ୍ଟେସନ୍, ଚିକିତ୍ସା ସୁବିଧା ଏବଂ ସ୍ୱେଚ୍ଛାସେବୀ ସହାୟତା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯିବ ।

୨୧.୧ କିମି ଏବଂ ୧୦ କିମି ବର୍ଗ (ପୁରୁଷ ଏବଂ ମହିଳା)ରେ ବିଜେତାମାନଙ୍କୁ ମୋଟ ୨.୩୨ ଲକ୍ଷ ପୁରସ୍କାର ରାଶି ପ୍ରଦାନ କରାଯିବ । ସମସ୍ତ ପଞ୍ଜିକୃତ ଅଂଶଗ୍ରହଣକାରୀ ପ୍ରିମିୟମ୍ ଇଭେଣ୍ଟ ଟି-ସାର୍ଟ, ଫିନିସର୍ ପଦକ, ରିଫ୍ରେଶମେଣ୍ଟ, ଇ-ସାର୍ଟିଫିକେଟ୍ ଏବଂ ବୃତ୍ତିଗତ ଦୌଡ଼ ଫଟୋଗ୍ରାଫ୍ ପାଇବେ ।

## 'ଡନ୍-୩' ଛାଡିଲେ ରଣବୀର




### ସିନେମାଫିନେମା ଟିଭିଫିବି

ବେଶ କିଛି ଦିନର ବ୍ୟବଧାନ ପରେ ରଣବୀର ସିଂହଙ୍କ କ୍ୟାରିଅର୍ ବଡ ଲମ୍ଫ ଦେଇଛି, ଯାହାର କାରଣ 'ଧୁରନ୍ଧର୍' । ବକ୍ସ ଅଫିସ୍‌ରେ ଏବେ ଧମାଲ୍ କରୁଛି 'ଧୁରନ୍ଧର୍' । ଭାରତରେ ଏହାର ବ୍ୟବସାୟ ୬୦୦ କୋଟି ଟପିଛି । କିନ୍ତୁ ଏହାର ପ୍ରଭାବ 'ଡନ୍-୩' ଉପରେ ପଡିଛି । ତାଜା ଖବର ଅନୁସାରେ, ରଣବୀର 'ଡନ୍-୩' ଛାଡିଛନ୍ତି । ସେ ଏବେ ଜୋମ୍ବିର କାହାଣୀ ଉପରେ ଆଧାରିତ ଫିଲ୍ମ 'ପ୍ରଳୟ'ର ସୁଟିଂରେ ଫୋକସ୍ କରୁଛନ୍ତି ।

ଫରହାନ ଅଖତରଙ୍କ ଅପ୍‌କମିଙ୍ଗ୍ ଫିଲ୍ମ 'ଡନ୍-୩'କୁ ନେଇ ଦର୍ଶକଙ୍କ ମଧ୍ୟରେ ଖୁବ୍ କ୍ରେଜ୍ । କିନ୍ତୁ ଅଡୁଆ ଫିଲ୍ମର ପିଛା ଛାଡୁନି । ନିକଟରେ ଖବର ଆସିଥିଲା, ଫିଲ୍ମ ପୁଣି ଥରେ ଟ୍ରାକ୍‌କୁ ଫେରିଛି ଏବଂ ରଣବୀର ଏହାର ସୁଟିଂ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ୨୦୨୬, ଜାନୁଆରୀ ଶେଷ ସୁଦ୍ଧା ଫିଲ୍ମର ସୁଟିଂ ଆରମ୍ଭ ହେବ ବୋଲି ଚର୍ଚ୍ଚା ଥିଲା । ଏବେ କିନ୍ତୁ ନୂଆ ରିପୋର୍ଟରେ ଦାବି ହୋଇଛି, ରଣବୀର 'ଡନ୍-୩' ଛାଡିଛନ୍ତି । ଏକ ଲୋକପ୍ରିୟ ମନୋରଞ୍ଜନଧର୍ମୀ ଗଣମାଧ୍ୟମ ଅନୁସାରେ, ରଣବୀର ଏବେ 'ଧୁରନ୍ଧର୍'ର ସଫଳତାକୁ ମନଭରି ଉପଭୋଗ କରୁଛନ୍ତି । ବୋଧହୁଏ ସେଥିପାଇଁ ସେ 'ଡନ୍-୩'ରୁ ଓହରିବାକୁ ନିଷ୍ପତ୍ତି ନେଇଛନ୍ତି ।

ସୂତ୍ର ଅନୁସାରେ, ରଣବୀର ଏବେ ସଞ୍ଜୟ ଲୀଳା ଭଂସାଲୀ, ଲୋକେଶ କନଗରାଜ ଓ ଆଟ୍‌ଲିଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାମ କରିବାକୁ ଚାହୁଁଛନ୍ତି । ସେତିକି ନୁହେଁ, ବାରମ୍ବାର ଗ୍ୟାଙ୍ଗଷ୍ଟର ଫିଲ୍ମରେ କାମ କରିବାକୁ ସେ ଚାହୁଁନାହାନ୍ତି । 'ଧୁରନ୍ଧର୍' ତାଙ୍କ ଗ୍ୟାଙ୍ଗ୍‌ଷ୍ଟର ଛବିକୁ ମଜଭୁତ କରିଥିବାବେଳେ ସେ ପୁଣି ଥରେ ରିସ୍କ ନେବାକୁ ଚାହୁଁନାହାନ୍ତି । ରିପୋର୍ଟ ଆହୁରି ଦର୍ଶାଇଛି, ଏହି କାରଣରୁ ରଣବୀର ପ୍ରଯୋଜକ ଜୟ ମେହତାଙ୍କୁ ଆଗାମି ଫିଲ୍ମ 'ପ୍ରଳୟ'ର ସୁଟିଂ ଖୁବ୍‌ଶୀଘ୍ର ଆରମ୍ଭ କରିବାକୁ କହିଛନ୍ତି । ଜୋମ୍ବି ଆଧାରିତ ଏହି ଫିଲ୍ମରେ ଜଣେ ମଣିଷର ଭାବନାତ୍ମକ କାହାଣୀ ରହିଛି । ତେବେ ରଣବୀର 'ଡନ୍-୩'ରୁ ଓହରିବା ପରେ ବି ଏହାର ନିର୍ମାତା ପୂର୍ବ ନିର୍ଦ୍ଧାରିତ ସମୟରେ ଫିଲ୍ମ ସୁଟିଂ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏଥିପାଇଁ ଫିଲ୍ମର ମୁଖ୍ୟ ନାୟକ ଖୋଜା ବି ଜୋରଦାର ଚଳାଇଛନ୍ତି । ସୂଚନାଯୋଗ୍ୟ, କିଆରାଙ୍କୁ ଫିଲ୍ମର ଲିଡ୍ ଲେଡି ଭାବେ କାଷ୍ଟ୍ କରାଯାଇଥିଲା । କିନ୍ତୁ ଗର୍ଭାବସ୍ଥା ଓ ମାତୃତ୍ୱ ଯୋଗୁ ସେ ଫିଲ୍ମରୁ ଓହରିଥିଲେ । ତାଙ୍କ ସ୍ଥାନରେ କ୍ରିତି ସାନନ୍‌ଙ୍କୁ କାଷ୍ଟ୍ କରାଯାଇଛି ।

ଓଡ଼ିଶା

# ମୌଳିକ ସୁବିଧାରୁ ବଞ୍ଚିତ ପଣ୍ଡୁପୋଖରୀ ଗାଁ

**୨୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ଖଣି ରାଜଧାନୀ କୋଇଡ଼ା । ଧନ ଦୃଷ୍ଟିରୁ ଏହା କୁବେର ଅଞ୍ଚଳ ଭାବରେ ଅଭିହିତ । ହେଲେ ଏଠାକାର ଜନଜୀବନର ଚିତ୍ର ଅତ୍ୟନ୍ତ କରୁଣ । ଯେମିତିକି ଜୀବନ ଏଠି ମୂଲ୍ୟହୀନ । କେତେବେଳେ ଜାଳେଣି ବୋଝ ତଳେ ହଜିଯାଉଛି ଏଠାକାର ଶୈଶବ ତ କେତେବେଳେ ଦେଖିବାକୁ ମିଳେ ନଗଡ଼ାଠୁ ଆହୁରି ଭୟଙ୍କର ଦୃଶ୍ୟ । ତେବେ, ଖଣି ଅଞ୍ଚଳବାସୀଙ୍କୁ ଯଦି ଏଭଳି ଦୁର୍ବିଷହ ଜୀବନ ବଞ୍ଚିବାକୁ ପଡୁଛି, ତା'ହେଲେ ଜିଲ୍ଲା ଖଣିଜ ପାଣ୍ଠିରେ କାହାର ବିକାଶ ହେଉଛି? ବର୍ଷକୁ ୧୫ ହଜାର କୋଟି ରାଜସ୍ୱ ଦେବା ପରେ ବି ଖଣି ଅଞ୍ଚଳର ଏ ଚିତ୍ର ସମସ୍ତଙ୍କୁ



ବ୍ୟଥିତ କରିବା ସ୍ୱାଭାବିକ । ଜୀବନଯନ୍ତ୍ରଣାର ନମୁନା ଭାବରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ବ୍ଲକ୍‌ର କାଲଟା ପଞ୍ଚାୟତ ପଣ୍ଡୁପୋଖରୀ ଗ୍ରାମକୁ ନିଆଯାଇପାରେ । ଦୀର୍ଘ ୫୫ ବର୍ଷ ଧରି ଏହି ଗାଁର ଚିତ୍ର ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଖଣି ପ୍ରକଳ୍ପରୁ ବାହାରୁଥିବା ଆବର୍ଜନା ଓ ରସାୟନମିଶ୍ରିତ ନାଳ ଏକମାତ୍ର ଭରସା । ଲୋକେ ପିଇବା ସହିତ ସ୍ନାନଶୌଚ ପାଇଁ ଏହି ଆବର୍ଜନା ପାଣି ବାଧ୍ୟବାଧକତାରେ ବ୍ୟବହାର କରୁଛନ୍ତି ।

ଏହି ନାଳ ପାରି ହୋଇ ପିଲାଏ ପାଠ ପଢ଼ି ଯାଆନ୍ତି । ବର୍ଷାଦିନେ ଯାତାୟାତ ସମ୍ଭବ ହେଉନଥିବାରୁ ପାଠପଢ଼ା ବନ୍ଦ । ଭାଗ୍ୟକୁ ଆଦରି ପଡ଼ିରହିଥିବା ଏଠାକାର ଆଦିବାସୀଙ୍କୁ ପ୍ରଶାସନ ଅଣଦେଖା କରିଆସୁଛି । ପ୍ରକାଶଥାଉକି, କୋଇଡ଼ା ବ୍ଲକ୍ ମୁଖ୍ୟାଳୟଠାରୁ ମାତ୍ର ୫ କିଲୋମିଟର ଦୂରରେ ରହିଛି ପଣ୍ଡୁପୋଖରୀ ଗାଁ । ଚତୁଃପାର୍ଶ୍ୱରେ ଖଣି ରହିଥିବାବେଳେ ଗ୍ରାମରେ ୬୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ବିଡ଼ମ୍ବନା ହେଉଛି, ଆଜି ବି ବିକାଶ ଏ ଗ୍ରାମର ବାଟ ମାଡ଼ିନି । କେବଳ ସେତିକି ନୁହେଁ, ପ୍ରତ୍ୟେକ ରାତି ଏହି ଅଞ୍ଚଳରେ ହାତୀ ଆତଙ୍କ ଲାଗି ରହୁଛି ।

ଏଭଳି ଅବସ୍ଥାକୁ ନେଇ ଗ୍ରାମର ସମ୍ଧାରୀ ମୁଣ୍ଡା କ୍ଷୋଭ ପ୍ରକାଶ କରି କହନ୍ତି, 'ଆମକୁ କିଏ ପଚାରେ । ନେତାମାନେ କେବଳ ଭୋଟ ବେଳେ ଆସନ୍ତି, ତା'ପରେ ଭୁଲିଯାଆନ୍ତି । ନାଳ ହିଁ ଆମର ଏକମାତ୍ର ଭରସା । ବୋରିଂ ଗୋଟିଏ କମ୍ପାନି କରିଥିଲା, ହେଲେ ବିଦ୍ୟୁତ୍ ସଂଯୋଗ କାଟି ଦେବାରୁ ତାହା ବି କାମରେ ଲାଗୁନି । ସେହିପରି ଗ୍ରାମର ଅନ୍ୟଜଣେ ମହିଳା ସମିତା ହେମ୍ବ୍ରମ୍‌ଙ୍କ କହିବା କଥା ହେଲା, ଅଙ୍ଗନବାଡ଼ି ୫ କିଲୋମିଟର ଦୂରରେ । ଛୋଟ ପିଲା ସେଠାକୁ ଚାଲିଚାଲି ଯିବେ କେମିତି? ରାସ୍ତାରେ ହାତୀ ଭୟ ଲାଗି ରହିଥିବାବେଳେ ନାଳ ପାର ହେବା କଷ୍ଟସାଧ । ବର୍ଷା ହେଲେ ନାଳରେ ପାଣି ବି ଯୋଗୁ ପିଲାମାନେ ସ୍କୁଲ ଯାଇପାରନ୍ତି ନାହିଁ ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର-ପଞ୍ଚମୀ |
|---|---|
| ୨୫.୧୨.୨୦୨୫ | ନକ୍ଷତ୍ର- ଧନିଷ୍ଠା, କୁମ୍ଭଚନ୍ଦ୍ର |

| | | |
|---|---|---|
| ମେଷ | : | ପୁତ୍ର କାର୍ଯ୍ୟରେ ଖୁସି ହେବେ । |
| ବୃଷ | : | ଦିନଟି ଖୁସିର ଦିନ ହେବ। |
| ମିଥୁନ | : | ଅପମାନ ଯୋଗ ରହିଛି । |
| କର୍କଟ | : | ଅଯଥା ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । |
| ସିଂହ | : | ଲାଭର ଦିନ ହେବ । |
| କନ୍ୟା | : | ଭଲ କାମ କରି ଖୁସି ପାଇବେ । |
| ତୁଳା | : | ପରିଶ୍ରମ ବୃଦ୍ଧି ପାଇବ । |
| ବିଛା | : | କାର୍ଯ୍ୟରେ ଅବହେଳା କରିବେ । |
| ଧନୁ | : | ଅର୍ଥଲାଭ ଯୋଗ ରହିଛି । |
| ମକର | : | ବିରକ୍ତିଭାବ ଦେଖାଦେବ । |
| କୁମ୍ଭ | : | ବିଦେଶ ଯାତ୍ରା ଯୋଗ ରହିଛି । |
| ମୀନ | : | ଅର୍ଥହାନି ହେବ । |

## ହନୁମାନ ଓ ଲୋକନାଥ ମନ୍ଦିରରୁ ଚୋରି

**କଣାସ, ୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ଅଞ୍ଚଳରେ ଗତ କିଛି ଦିନ ହେଲା ଚୋରଙ୍କ ଉପଦ୍ରବ ବଢିଯାଇଥିବା ବେଳେ ଗତ ରାତି କଣାସ ଗ୍ରାମରେ ଥିବା ସାନମଠର ହନୁମାନ ମନ୍ଦିରର ଗ୍ରିଲ୍ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ହନୁମାନଙ୍କ ରୁପା ମୁକୁଟଟିକୁ ଚୋରି କରି ନେଇଯାଇଛନ୍ତି । ଯାହାର କି ମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ସେହିପରି ସାନମଠ ନିକଟ ଲୋକନାଥ ମନ୍ଦିରରେ ଓହଳା ଯାଇଥିବା ବଡ ପିତଳ ଘଣ୍ଟିଟିକୁ ଗ୍ୟାସ କଟର ସାହାଯ୍ୟ କାଟି ନେଇଯାଇଥିବା କଣାସ ଥାନାରେ ଅଭିଯୋଗ ହୋଇଛି । ସେହିପରି କଣାସ ଗୋଲାବଜାର ଆଖଣ୍ଡଳମଣି ମନ୍ଦିରରେ ଥିବା ସୁକାନ୍ତ ଦଳସିଂହଙ୍କ କ୍ୟାବିନ୍ ତାଲା ଭାଙ୍ଗି ଡ୍ର'ରେ ଥିବା ୧୨ହଜାର ଟଙ୍କା ସହିତ ଖୁଚୁରା ପଇସା ଏବଂ ଟେସ୍‌ନାରୀ ସାମଗ୍ରୀ କେତେକ ନେଇଯାଇଥିବା ଦଳସିଂହ କଣାସ ଥାନାରେ ଏତେଲା ଦେଇଥିବା ଜଣାପଡିଛି । ଖବର ନେବାରେ ଜଣା ପଡିଛି କଣାସ ଥାନାରେ ଆବଶ୍ୟକ ମୁତାବକ ଏସ୍.ଆଇ ଓ ଏଏସ୍ଆଇ ନ ଥିବାରୁ ରାତ୍ରକାଳିନ ପେଟ୍ରୋଲିଙ୍ଗି ବ୍ୟବସ୍ଥା କଡାକାଡି ହୋଇପାରୁ ନଥିବାରୁ ଦୁର୍ବୃତ୍ତମାନେ ଘନଘନ ଚୋରିକାରିବାକୁ ସହଜ ହେଉଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟି ଦେଇ ଖାଲିପଡିଥିବା ଏସ୍ଆଇ ଓ ଏଏସ୍ଆଇ ପଦବୀ ପୂରଣ କରିବା ସହିତ ରାତ୍ରକାଳିନ ପେଟ୍ରୋଲିଙ୍ଗି ବ୍ୟବସ୍ଥା କଡାକଡି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ମୁହାଣରେ ବୁଡିଗଲା ଟ୍ରଲର, ଅଳ୍ପକେ ବର୍ତ୍ତିଲେ ମତ୍ସ୍ୟଜୀବୀ

**ଅସ୍ତରଙ୍ଗ, ୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅସ୍ତରଙ୍ଗ ଦେବୀ ମୁହାଣରେ ବିଳମ୍ବିତ ରାତ୍ରରେ ମା' କାଳୀ ନାମକ ଏକ ମତ୍ସ୍ୟଧରା ଟ୍ରଲର ବୁଡ଼ିଯାଇଛି । ଟ୍ରଲରଟି ଅତ୍ୟନ୍ତ ପୁରୁଣା ଓ ଯାହାର ମେଣ୍ଟେନାନ୍ସ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ଅସ୍ତରଙ୍ଗ ନୂଆଗଡ ମେରାଇନ୍ ଥାନାକୁ ଖବର ଆସିବା ପରେ ନୂଆଗଡ ଜେଟିରୁ ସୁପର ଆଲିଆ ବୋଟ ସହାୟତାରେ ମେରାଇନ୍ ପୋଲିସ ଯାଇ ମଧରାତ୍ରରେ ୬ ଜଣ ମତ୍ସ୍ୟଜୀବୀଙ୍କୁ ଖାଇବାକୁ ଦେଇ ସେମାନଙ୍କୁ ଉଦ୍ଧାର କରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି । ମେରାଇନ ପୋଲିସର ସୂଚନା ଅନୁସାରେ ଉକ୍ତ ବୋଟ ତଳ ଫାଟି ଯିବାରୁ ବୋଟରେ ହଠାତ ପାଣି



ପଶିଯାଇଥିଲା ଯାହା ଫଳରେ ଉକ୍ତ ଟ୍ରଲରଟି ମୁହାଣକୁ ନଆସି ଅନ୍ୟତ୍ର ଏକ ରାସ୍ତାରେ ଆସୁଥିବା ସମୟରେ ବାଲିଚରରେ ଅଟକି ଯାଇଥିଲା । ଏଠି ପ୍ରଶ୍ନ ଉଠୁଛି ବିନା ମେଣ୍ଟେନାନ୍ସରେ ଜଳପଥରେ କିପରି ଟ୍ରଲରରେ ମାଛ ମାରୁଛନ୍ତି ଆଉ ଏହି କ୍ଷମତାବିହୀନ ଟ୍ରଲରକୁ ଅନୁମତି କିଏ ଦେଉଛି ? ଯଦି ସମୁଦ୍ର ଭିତରେ ପାଣି ପଶି ଯାଇଥାନ୍ତା ତେବେ ମତ୍ସ୍ୟଜୀବୀଙ୍କ ଜୀବନ ଯିବା ସମ୍ପୂର୍ଣ୍ଣ ସ୍ପଷ୍ଟ ଥିବାବେଳେ ସେଥିପାଇଁ କିଏ ଦାୟୀ ରହିଥାନ୍ତା? ଗୋଟେ ପଟେ ଅଲିଭ ରିଡଲେ କଇଁଛଙ୍କ ପଜ୍ଜନନ ଓ ଅଣ୍ଡାଦାନ ପ୍ରକ୍ରିୟା ପାଇଁ ସମୁଦ୍ର ମୁହାଣରେ ନିଷିଦ୍ଧାଞ୍ଚଳ ପରିବେଶରେ ମାଛ ମାରିବାକୁ ମାନ୍ୟବର କୋର୍ଟଙ୍କ କଡା ନିର୍ଦ୍ଦେଶ ରହିଛି ଯାହାକୁ ରାଜ୍ୟ ସରକାର କଡାକଡ଼ି ଭାବେ ପାଳନ କରିବାକୁ ମତ୍ସ୍ୟ ସମ୍ପଦ, ଜଙ୍ଗଲ ବିଭାଗ ଓ ମେରାଇନ ପୋଲିସକୁ ନିର୍ଦ୍ଦେଶ ଜାରି କରିଛନ୍ତି ମାତ୍ର ଏତେ ମାତ୍ରା ରେ ଟ୍ରଲର ବାଲା ଆଇନକୁ ଫୁ' କରି କିପରି ନିଷିଦ୍ଧାଞ୍ଚଳ ରେ ପ୍ରବେଶ କରୁଛନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି, ପ୍ରଶାସନର ଦାୟିତ୍ୱହୀନତା ପାଇଁ ଅଲିଭରିଡଲେଙ୍କ ଜୀବନ କେତେ ସୁରକ୍ଷିତ ଯାହାକୁ ନେଇ ପରିବେଶବିତମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ମେଣ୍ଟେନାନ୍ସ ନଥିବା ଟ୍ରଲର କୁ କିପରି ଓ କାହିଁକି ଜଳପଥରେ ମାଛ ଧରିବାକୁ ଅନୁମତି ଦିଆଯାଉଛି ତାହାକୁ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## ଅବୈଧ ଗୋଚାଲାଣ ଗାଡି ପୋଡି

**ବୁଗୁଡ଼ା, ୨୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ବେଆଇନ ଗୋଚାଲାଣ ପ୍ରତି କଠୋର ପଦକ୍ଷେପ ଗ୍ରହଣ ନିମନ୍ତେ ବଦ୍ଧପରିକର ହୋଇଥିବା ସତ୍ତ୍ୱେ ବୁଗୁଡ଼ା ଥାନା ଇଲାକାରେ ବେଆଇନ ଗୋଚାଲାଣ ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ସୋମବାର ରାତିରେ ଘୋଳପୁର-ଭୋଗଡା ରାସ୍ତାରେ ଦୁଇ ପୃଥକ୍ ସ୍ଥାନରେ ଦୁଇଟି ଅବୈଧ ଗୋଚାଲାଣ ପିକଅପ୍ ଗାଡିକୁ ପୋଡା ଯାଇଥିବା ଦୃଶ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଉଭୟ ଗାଡିରେ ଚାଲାଣ ହେଉଥିବା ସମସ୍ତ ଗୋରୁକୁ ଉଦ୍ଧାର କରାଯାଇଥିବା ବେଳେ ସେଥିରୁ ଗୋଟିଏ ମୃତ୍ୟୁବରଣ କରିଥିବା ଜଣାଯାଇଛି । ଘଟଣାସ୍ଥଳରେ ପୋଲିସ ଏବଂ ଦମକଳବାହିନୀ ପହଞ୍ଚିଥିବାବେଳେ ଏହି ଅବୈଧ ଗୋଚାଲାଣ କାର୍ଯ୍ୟରେ କେଉଁମାନେ ସମ୍ପୃକ୍ତ ଏବଂ ଗାଡି କିପରି ପୋଡିଲା ସେନେଇ ପାଟି ଖୋଲିବାକୁ ଲୋକେ ପଛଘୁଞ୍ଚା ଦେଉଥିବା ଦେଖିବାକୁ ମିଳିଛି । ଏଭଳି ଚର୍ଚ୍ଚିତ ଘଟଣାକୁ ସ୍ଥାନୀୟ ପ୍ରଶାସନର କୌଣସି ତତ୍ପରତା ଦେଖିବାକୁ ମିଳିନଥିବା ବେଳେ ଏହାକୁ ଚପାଇବାକୁ ଉଦ୍ୟମର ରହସ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ନାନା ପ୍ରକାର ସମାଲୋଚନା ହେଉଥିବା ଜଣାଯାଇଛି ।

## ବାଇକ ଚୋରି ଗ୍ୟାଙ୍ଗର ୫ ଗିରଫ

**ବ୍ରହ୍ମପୁର, ୨୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ପୋଲିସକୁ ପୁଣି ସଫଳତା ମିଳିଛି । ଦୁଇ ବାଇକ ଲୁଟେରା ଗ୍ୟାଙ୍ଗକୁ ଛତ୍ରପୁର ପୋଲିସ କାବୁ କରିଛି । ସେମାନଙ୍କ ନିକଟରୁ ୬ଟି ବାଇକ ଜବତ କରିଥିବା ବେଳେ ଦୁଇ ନାବାଳକ ସମେତ ୫ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ବ୍ରହ୍ମପୁର ସଦର ଥାନା ଲାଠି ଅଞ୍ଚଳର ଆକାଶ କୁମାର ମହରଣା(୨୦), ଶିବରାମ ପ୍ରଧାନ(୨୦) ଓ ସୁଭମ ସେଠୀ(୧୯) ଓ ଅନ୍ୟ ଦୁଇ ଜଣ ଦିଗପହଣ୍ଡି ଥାନା ଅନ୍ତର୍ଗତ ବଛପଲ୍ଲୀ ଅଞ୍ଚଳର ବୋଲି ଛତ୍ରପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି ।

ସୂଚନା ଥାଉକି, ଛତ୍ରପୁର ଥାନା ଅଞ୍ଚଳରେ କିଛି ଦିନ ହେଲା ବାଇକ ଚୋରି ହେଉଥିବା ନେଇ ଅଭିଯୋଗ ହେଉଥିଲା । ଗତ ୧ ନଭେମ୍ବର ୨୦୨୫ରେ ପିଲ୍ଲୀ ବନ୍ଧ ସ୍ଥିତ ଭାରତ ଫାଇନେନ୍ସ କମ୍ପାନୀ କାର୍ଯ୍ୟାଳୟ ନିକଟରୁ ମନୋଜ କୁମାର ମିଶ୍ରଙ୍କ ଏକ ବାଇକ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ଥାନାରେ ୭୧୬/୨୫ ମାମଲା ରୁଜୁ ହୋଇଥିଲା । ସେହିପରି ୧୮ ଡିସେମ୍ବର ରେଡି ସାହି ନିକଟରୁ ସୁବାସ ପ୍ରଧାନ ଗାଡି ଚୋରି ଅଭିଯୋଗରେ ୭୭୬/୨୫ ଓ କିଚେନ ୯୯ ଦେବଦତ୍ତ ପଣ୍ଡାଙ୍କ ଗାଡି ଚୋରି ହୋଇଥିବା ବେଳେ ୭୭୮/୨୫ ମାମଲା ରୁଜୁ ହୋଇଥିଲା । ଏନେଇ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗଠନ ହୋଇ ଲାଠି ଅଞ୍ଚଳରୁ ୩ଜଣଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ୫ଟି ଗାଡି ଓ ବଛପଲ୍ଲୀ ଅଞ୍ଚଳରୁ ଦୁଇ ନାବଳକ ଧରବା ସହ ସେମାନଙ୍କ ନିକଟରୁ ଗୋଟିଏ ଗାଡି ଜବତ କରାଯାଇଥିଲା । ଜବତ ୬ ଗାଡି ମଧ୍ୟରୁ ୩ଟି ଗାଡି ଛତ୍ରପୁର ଥାନା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୩ଟି ଅନ୍ୟ ଥାନା ଅଞ୍ଚଳର ବୋଲି ଥାନା ଅଧିକାରୀ କହିଛନ୍ତି । ଜବତ ଗାଡି ଗୁଡିକୁ ଗାଡି ମାଲିକକୁ ଫେରସ୍ତ କରାଯାଇଛ । ଛତ୍ରପୁର ଅଞ୍ଚଳରେ ବହୁ ଗାଡି ଚୋରି ହୋଇଥିବା ବେଳେ ତଦନ୍ତ ଜାରି ରହିଛି ।

## ଦାଦାବଟି ମାଗି ୪ ଗିରଫ

**ବ୍ରହ୍ମପୁର, ୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦାଦାବଟି ମାଗିବା ଅଭିଯୋଗରେ ଛତ୍ରପୁର ପୋଲିସ ୪ଜଣକୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଖଣ୍ଡା ଜବତ କରିଛି । ଗିରଫମାନେ ହେଲେ ସୁନ୍ଦରପୁର ଗ୍ରାମର ପ୍ରତାପ ନାହାକ(୩୨), ବଳରାମପୁରର କେ.ଲବ ପାତ୍ର(୪୫), ବିଜୁ ଦାସ(୪୨) ଓ ଗଣେଶ ବେହେରା(୨୫) । ଏବେ ବି ଏହି ଘଟଣାରେ ଅନ୍ୟ ଦୁଇ ଜଣ ଫେରାର ରହିଥିବା ବେଳେ ଖୁବଶୀଘ୍ର ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି । ସୂଚନା ଥାଉକି ଗତ ସୋମବାର ରାତିରେ ସୁନ୍ଦରପୁର ଅଞ୍ଚଳର କାଜୁ ବ୍ୟବସାୟୀ ପଦ୍ମଲୋଚନ ପଣ୍ଡାଙ୍କୁ ଅଭିଯୁକ୍ତ ମାନେ ଅଟକାଇ ଖଣ୍ଡା ଦେଖାଇ ଦାଦା ବଟି ମାଗିଥିଲେ । ପରେ ତାଙ୍କ ଘରକୁ ଯାଇ ଭଙ୍ଗାରୁଜା କରିବା ସହ ଗାଡିକୁ ଭାଙ୍ଗିଥିଲେ । ଘଟଣାକୁ ନେଇ ପଦ୍ମଲୋଚନ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତି କରି ପୋଲିସ ୭୮୧/୨୫ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପ୍ରତାପ ଓ କେ. ଲବ ପାତ୍ରଙ୍କ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି ।

## ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ ମହିଳାଙ୍କୁ ଠକେଇ

**ଖଲ୍ଲିକୋଟ, ୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ମଙ୍ଗଳବାର ଦିନ ବିଖ୍ୟାତ ବ୍ୟାଙ୍କ ଠକ୍ ନିଜକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ କହି ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ବିଭିନ୍ନ ଥାନା ଅଞ୍ଚଳ ମହିଳାଙ୍କୁ ଠକେଇ ଅଭିଯୋଗରେ ଅଭିଯୁକ୍ତ ଜ୍ଞାନରଞ୍ଜନ ଦାସ (୫୯)ଙ୍କୁ ଗିରଫ କରାଯିବା ସହିତ ନଗଦ ଟଙ୍କା ଓ ସୁନା ଅଳଙ୍କାର ଜବତ କରାଯାଇଛି । ଖଲ୍ଲିକୋଟ ପୁଲିସ ମଙ୍ଗଳବାର ଦିନ ଖଲ୍ଲିକୋଟ ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀର ସୂଚନା ଅନୁଯାଇ ଡିସେମ୍ବର ୫ ତାରିଖ ଦିନ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଓ ଆଲପୁର ଗ୍ରାମର ଗାନ୍ଧୀ ନାହାକଙ୍କ ପତ୍ନୀ ବାସନ୍ତୀ ନାହାକ(୬୦) ଠକେଇ ନେଇ ଏକ



ଲିଖିତ ଅଭିଯୋଗ ଖଲ୍ଲିକୋଟ ଥାନାରେ ଦେଇଥିଲେ । ଏକ ମାମଲା ରୁଜୁ କରି ଭେଜିଫୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ତଦନ୍ତ ଦାୟିତ୍ୱ ନେଇ ତଦନ୍ତ ଆରମ୍ଭ କରିଥିଲେ । ପରେ ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶରେ ଛତ୍ରପୁର ଏସଡ଼ିପିଓ ଏବଂ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କୁ ନେଇ ଏକ ଟିମ ଗଠନ କରି ତଦନ୍ତ ଆରମ୍ଭ ହୋଇଥିଲା । ବାସନ୍ତୀ ଘରେ ଏକାକୀ ଥିବାବେଳେ ଜଣେ ଅଜଣା ଲୋକ ତାଙ୍କ ଘରେ ପହଞ୍ଚି ନିଜକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ କେଶପୁର ଶାଖାର ବୋଲି ପରିଚୟ ଦେବା ସହିତ । ତାଙ୍କ ନାମରେ ଆବାସ ଯୋଜନାରେ ୪,୫୦,୦୦୦ ଟଙ୍କା ମଞ୍ଜୁର ହୋଇଥିବା କହିବା ସହିତ ଏକ ବ୍ଲାଙ୍କ ଚେକ୍ ଦେଇ ନଗଦ ୫୦ ହଜାର ନଗଦ ଟଙ୍କା ନେଇଥିଲେ । ପରେ ବାସନ୍ତୀ ଟଙ୍କା ମଞ୍ଜୁର ବାବଦରେ କେଶପୁର ଷ୍ଟେଟ ବ୍ୟାଙ୍କ ଶାଖାରେ ପହଞ୍ଚି ଯାଞ୍ଚ କରିବା ପରେ ଏପରି କୌଣସି ଯୋଜନା ଓ କର୍ମଚାର ନଥିବା ଜଣାପଡିଥିଲା । ସେ ଠକାମିର ଶିକାର ହୋଇଥିବା ଜାଣି ପାରିଥିଲେ । ବାସନ୍ତୀଙ୍କ ଠାରୁ ମିଳିଥିବା ତଥ୍ୟକୁ ଭିତ୍ତିକରି ପୁଲିସ ଅଭିଯୁକ୍ତ ଜ୍ଞାନରଞ୍ଜନ ଦାସ (୫୯)ଙ୍କୁ ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଥାନା ଗୋପାଳପୁର ଗ୍ରାମରୁ ଗିରଫ କରି ଜେରା କରିଥିଲେ । ଅଭିଯୁକ୍ତ ଠାରୁ ମିଳି ଥିବା ତଥ୍ୟ ଅନୁଯାଇ ରମ୍ଭା ଥାନା, ଖଲ୍ଲିକୋଟ, ଟାଙ୍ଗୀ ଓ ନିରାକାରପୁର, (ଖୋର୍ଦ୍ଧା ଥାନା) ଚାନ୍ଦପୁର ଓ ରଣପୁର (ନୟାଗଡ଼ ଥାନା) ଅଞ୍ଚଳରେ ସମାନ ପ୍ରକାର ଠକେଇ ଅପରାଧ କରିଥିବା ସ୍ୱୀକାର କରିଥିଲା । ଠକି ଆଣିଥିବା ସୁନା ଅଳଙ୍କାର ମଧ୍ୟରୁ କିଛି ତରଳାଇ ସୁନାଚେକା ନିଜ ପାଖରେ ରଖିଥିଲା । ଗିରଫ ସମୟରେ ଅଭିଯୁକ୍ତ ଠାରୁ ନଗଦ ୧,୨୭,୧୦୦ ଟଙ୍କା, ଦୁଇ ଯୋଡ଼ା ସୁନା କାନଫୁଲ, ଏକ ସୁନା ଚେନ୍ ଓ ଦୁଇଟି ମୋବାଇଲ ଓ ଏକ ନକଲି ବ୍ଲାଙ୍କଚେକ ଜବତ କରିଥିବା ଛତ୍ରପୁର ଏସଡ଼ିପିଓ ଚନ୍ଦନ ଘଡ଼ାଇ ପ୍ରକାଶ କରିଛନ୍ତି । ଜବତ ସୁନ ଅଳଙ୍କାରକୁ ଠକାମିର ଶିକାର ହୋଇଥିବା ମହିଳାଙ୍କୁ ଫେରାଇ ଥିବା ଜଣାପଡିଛି । ଆସାମୀକୁ ଭାରତୀୟ ନ୍ୟାୟ ସଂହିତା ଦଫା ୩୧୯(୨), ୩୧୮(୪), ୩୪୦(୨), ୩୪୧(୧)ରେ କୋର୍ଟ ଚାଲାଣ କରାଗଲା ।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

**ଛତ୍ରପୁର, ୨୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବିଶାଖାପାଟଣାରୁ ଭୁବନେଶ୍ୱର ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ମୃତକଙ୍କ ପରିଚୟ ଜଣା ପଡ଼ିନାହିଁ । ହେଲେ ରେଳ ଲାଇନ ଉପରେ ମୃତକଙ୍କ ବ୍ୟାଗ, ମୋବାଇଲ ଫୋନ ଥିବାରୁ ପୋଲିସ ପହଞ୍ଚିବା ପରେ ପରିଚୟ ମିଳିବ ବୋଲି କୁହାଯାଉଛି । ରାତ୍ର ୭ଟା ସମୟରେ ବନ୍ଦେ ଭାରତ ଏକ୍ସପ୍ରେସ ଛତ୍ରପୁର ବାଳକୃଷ୍ଣପୁର ଅତିକ୍ରମ କରୁଥିବା ବେଳେ ଟ୍ରେନ ଆଗକୁ ଆସି ଯୁବକ ଜଣକ ଡେଇଁ ପଡ଼ିଥିଲେ । ଘଟଣା ଘଟିବା ପରେ ଦୀର୍ଘ ୪୦ ମିନିଟ ଧରି ଛତ୍ରପୁର ବଡ଼ ଷ୍ଟେସନ ନିକଟରେ ଏକ୍ସପ୍ରେସ ଅଟକି ରହିଥିଲା । ଯାହା ଫଳରେ ଦୀର୍ଘ ସମୟ ଧରି ରେଳ ଫାଟକ ପଡି ରହିଥିଲା । ଫାଟକ ବନ୍ଦ ରହିଥିବାରୁ ଦୁଇ ପାର୍ଶ୍ୱରେ ବହୁ ଗାଡି ଅଟକି ରହିଥିଲା ।

## ଜେଲରଙ୍କ ବଦଳି ଦାବିରେ ଜିଲ୍ଲା କାରାଗାର କଏଦୀଙ୍କ ଅନଶନ

**ସୁନ୍ଦରଗଡ଼, ୨୪।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନୂତନ ଜେଲରଙ୍କ ବଦଳି ଦାବି କରି ଆମରଣ ଅନଶନରେ ବସିଛନ୍ତି କଏଦୀ । ତେବେ ସୁନ୍ଦରଗଡ ଜିଲ୍ଲା କାରାଗାରରେ ଥିବା ବିଚାରଧିନ ଓ ସଜା ପାଇ ରହିଥିବା ୫୪୬ଜଣ କଏଦୀ ଗତ ୨୩ ତାରିଖ ସନ୍ଧ୍ୟାରୁ ଖାଇବା ବନ୍ଦ କରି ଅନଶନରେ ବସିଥିବା ସୂଚନା ମିଳିଛି । ଜିଲ୍ଲା କାରାଗାର କର୍ମଚାରୀ କଏଦୀମାନଙ୍କୁ ଅନଶନରୁ ନିବୃତ ରହି ଖାଇବାକୁ ବାଧ କରୁଥିବା ବେଳେ କଏଦୀ ଓ ଜେଲ କର୍ମଚାରୀଙ୍କ ମଧ୍ୟରେ ଠେଲା ପେଲା ହୋଇଥିଲା । ପରିସ୍ଥିତି ଅଣାୟତ ହେବାରୁ ସ୍ୱତନ୍ତ୍ର ପୁଲିସ ଫୋର୍ସ ଜେଲକୁ ଡକାଯାଇଥିଲା । ଏହାରି ମଧ୍ୟରେ ଜିଲ୍ଲା କାରାଗାର ସାଇରନ ତିନିଥର ବାଜି ସାରିଲାଣି । ଜେଲ ଭିତରେ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ସହ ଟାଉନ ସଦର ଥାନା ଅଧିକାରୀ, ଏସଡିପିଓ, ଅତିରିକ୍ତ ଆରକ୍ଷୀ ଅଧିକାରୀ ରହିଛନ୍ତି । ଉପଜିଲ୍ଲାପାଳ କାରାଗାରକୁ ଆଜି ୧୧ଟା ସମୟରେ ଆସି ଆନ୍ଦୋଳନରତ କଏଦୀମାନଙ୍କ ସହ ଆଲୋଚନା କରିଥିଲେ । ହେଲେ କଏଦୀମାନେ ଜିଲ୍ଲା ଜଜ ଆସିଲେ ଆଲୋଚନା ହେବ ବୋଲି ଜିଦ୍ ଧରି ବସିଥିବା ଜଣାପଡିଛି ।

## ୨ ମୃତଦେହ ଜବତ, ହତ୍ୟା ସନ୍ଦେହ

**ତାଳଚେର, ୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୋଳ ଜିଲା ତାଳଚେର ଥାନାର ୧୪୯ନଂ ଜାତୀୟ ରାଜପଥର ଲିଙ୍ଗରାକଟା ଗ୍ରାମ ନିକଟସ୍ଥ ନାଳକୋର ପାଇପଲାଇନ ନିକଟରେ ବୁଧବାର ସକାଳ ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖିବକୁ ପାଇଥିଲେ । ପରର ପୋଲିସକୁ ଖବର ଦେଇଥିଲେ । ମୃତ ଦୁଇ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ତାଳଚେର ଥାନା ଲିଙ୍ଗରାକଟା ଗ୍ରାମର ୧୮ ବର୍ଷୀୟ ଯୁବକ ଦିବ୍ୟରଞ୍ଜନ ପରିଡ଼ା ଏବଂ ଅନ୍ୟ ଜଣଙ୍କ ବଅଁରପାଳ ଥାନା ଭୋଗବେରଣୀ ପଞ୍ଚାୟତ ଜଣକ ହେଲେ ୨୦ ବର୍ଷୀୟ ଯୁବକ ନାରାୟଣ ଚନ୍ଦ୍ରପୁର ଜନାର୍ଦ୍ଦନ ନାଏକ କୁହାଯାଉଛି । ଘଟଣାସ୍ଥଳରେ ଉଭୟ ପରିବାରବର୍ଗ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହିତ ହତ୍ୟା ଅଭିଯୋଗ ଆଣିଛନ୍ତି । ଘଟଣାସ୍ଥଳରେ ତାଳଚେର ଓ ବଅଁରପାଳ ପୋଲିସ ପହଁଚି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଏହାକୁ ନେଇ ସେଠାରେ ଚାପା ଉତ୍ତେଜନା ଲାଗି ରହିଛି ।

## ଅସୁରକ୍ଷିତ ନେତାଜୀ ଏବଂ ନେହରୁ ଶିଶୁ ଉଦ୍ୟାନ

**ଢେଙ୍କାନାଳ, ୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ସହର ଭାଗିରଥି ସାଗର (ନୂଆ ପୋଖରୀ) ପାଖରେ ଦେଶର ଭବିଷ୍ୟତ ଶିଶୁମାନଙ୍କ ଖେଳିବା ଓ ବ୍ୟାୟାମ କରିବାପାଇଁ ଥିବା ନେତାଜୀ ଏବଂ ନେହରୁ ଶିଶୁ ଉଦ୍ୟାନ ଅସୁରକ୍ଷିତ ହୋଇପଡିଛି। ନେତାଜୀ ଶିଶୁ ଉଦ୍ୟାନଟି ପିଲାମାନଙ୍କ ଖେଳିବା ପାଇଁ ସମ୍ପୂର୍ଣ୍ଣ ମାଗଣା ଥିବାବେଳେ ନେହରୁ ପାର୍କଟି ଟିକେଟ ବ୍ୟବସ୍ଥାରେ ପ୍ରତି ପିଲା ଓ ଅଭିଭାବକ ଅଳ୍ପ କିଛି ଦେୟ ଦେବାକୁ ପଡ଼ିଥାଏ । ଅନେକ ଦିନରୁ ବ୍ୟାୟାମ ଓ ଖେଳ ବସ୍ତୁ ଗୁଡିକ ଭଙ୍ଗାରୁଜା ହୋଇ ପଡ଼ିରହିଛି । ଫଳରେ ପ୍ରାତଃ, ସନ୍ଧ୍ୟା ଭ୍ରମଣକାରୀ ଓ ଛୋଟ ଛୋଟ ପିଲାମାନେ ଏଠାରେ ନା ବ୍ୟାୟାମ କରିପାରୁଛନ୍ତି ନା ଖେଳି ପାରୁଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ କିଛି ଶିଶୁ ଖେଳୁଥିବା ବେଳେ ଭାଙ୍ଗିଯାଇଥିବା



ଦୋଳି, ଖସଡ଼ା ଉପରେ ଦୁର୍ଘଟଣାର ଶିକାର ହୋଇଥିଲେ । ଅନେକ ଦିନରୁ ପିଲାମାନଙ୍କ ଅଭିଭାବକ ମାନେ ଅଭିଯୋଗ କରିଆସୁଛନ୍ତି । ପୌର ପ୍ରଶାସନ ବିଭିନ୍ନ ଜାଗାରେ ବିଭିନ୍ନ ଯୋଜନା କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ବୁଦ୍ଧିଜୀବୀଙ୍କ ମହଲରେ ଏହା ତୀବ୍ର ଆଲୋଡନ ସୃଷ୍ଟି କରିଛି । ନେତାଜୀ ଶିଶୁ ଉଦ୍ୟାନ, ନେହରୁ ପାର୍କ ସହିତ ସହରର ବିଭିନ୍ନ ପଥ ପ୍ରାନ୍ତ ଓ ରାସ୍ତା କଡ଼ରେ ଥିବା ବ୍ୟାୟାମ ବସ୍ତୁଗୁଡିକ ତୁରନ୍ତ ମରାମତି କରାଯିବା ପାଇଁ ବୁଦ୍ଧିଜୀବୀଙ୍କ ସହିତ ଅଭିଭାବକମାନେ ଦାବି କରିଛନ୍ତି ।

## ଧାନକିଣା ମନ୍ଥର : ଟୋକନ ଲାପ୍ସ ଆଶଙ୍କାରେ ଚାଷୀ

**କର୍ଲାମୁଣ୍ଡା, ୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଏସ୍‌ଏଚ୍‌ଜି ଦ୍ୱାରା ପରିଚାଳିତ ମଣ୍ଡିରେ ଶହଶହ କ୍ୱିଣ୍ଟାଲ ଧାନ ପଡିରହିଥିବା ଦେଖାଯାଇଛି । ମିଲର୍ସମାନେ ଟ୍ରକ ଠିକ୍ ଭାବରେ ପଠାଉନଥିବାରୁ ଏପରି ଅଚଳାବସ୍ଥା ରହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀମାନେ କ୍ୱିଣ୍ଟାଲ ପିଛା ୫କିଲୋ ସହ ବସ୍ତା ପ୍ରତି କେଜିଏ ଧାନଦେବାକୁ ସମ୍ମତ ହୋଇଥିଲେ ବି ମିଲର୍ସଙ୍କ ମନମାନି ହେତୁ ଧାନ ଉଠୁନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଚାଷୀ କେତେଦିନ ଆଉ ପୋଷଣ କରିବ ଓ କେତେଦିନ ଯାଏ ଶୀତକାକରରେ ଶୁଆଇବ ବୋଲି ଆଲୋଚନା ହେଉଛି ।

କ୍ରୟସଂସ୍ଥା ଏସ୍‌ଏଚ୍‌ଜି ପକ୍ଷରୁ ୧ତାରିଖ ଠାରୁ ୧୨ତାରିଖ ମଧ୍ୟରେ



ଆସିଥିବା ଟୋକନର ଧାନ ଉଠାଣକରାଯାଉଥିବାର ନୋଟିସ ମରାଯାଇଛି । କିନ୍ତୁ ଏବେ ବି ଏହି ସମୟ ସୀମା ମଧ୍ୟରେ ଆସିଥିବା ଟୋକନର ଚାଷୀମାନଙ୍କ ଧାନ ମଣ୍ଡିରେ ପଡିରହିଛି । ଦିନକୁ ମାତ୍ର ଗୋଟିଏ, ଦୁଇଟି ଟ୍ରକ ଆସୁଥିବା ଦେଖାଯାଇଛି । ଏହି ମଣ୍ଡିରେ ଧାନ ଉଠାଇବା ପାଇଁ ୫ଟି ମଲର୍ସକୁ ଦାୟିତ୍ୱ ଦିଆଯାଇଛି । ସମଲେଶ୍ୱରୀଫୁଡ ପ୍ରଡକ୍ଟକୁ ତିନିହଜାର କ୍ୱିଣ୍ଟାଲ, ବାଲାଜୀ ଏଗ୍ରୋ ଇଣ୍ଡଷ୍ଟ୍ରିଜକୁ ୩୫୦୦ କ୍ୱିଣ୍ଟାଲ, ଲକ୍ଷ୍ମୀନାରାୟଣ ପେଡି ପ୍ରଡକ୍ଟକୁ ଦୁଇହଜାର କ୍ୱିଣ୍ଟାଲ, ଜୟ ଜଗଦମ୍ବା ରାଇସ ଟେକନୋ ପ୍ରାଃ ଲିଟକୁ ୩୭ କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଟିବା ବେଳେ ଗତକାଲି ସୁଦ୍ଧା ପ୍ରାୟ ୪ହଜାର କୁଇଣ୍ଟା ଧାନ ଉଠିଥିବା ସୂଚନା ମିଳିଛି ।

ତେବେ ମଣ୍ଡିରେ ଧାନ ଗଦା ହେବା ଓ ଧାନ ନ ଉଠିବା ନେଇ କ୍ରୟସଂସ୍ଥା ଜଗନ୍ନାଥ ଏସଏଚଜି କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ ଆମେ ୧୨ ତାରିଖ ମଧ୍ୟରେ ଆସିଥିବା ଟୋକନର ଧାନ ଉଠିବାଇବା ପାଇଁ ନୋଟିସ ମାରିଛୁ । ହେଲେ ଏହା ପରର ତାରିଖରେ ଆସିଥିବା ଟୋକନର ଚାଷୀମାନେ ବି କଥା ନ ମାନି ଧାନ ପକାଇଛନ୍ତି । ଏପରିକି ଅଦ୍ୟାବଧି ଟୋକନ ନ ଆସିଥିବା ବହୁ ଚାଷୀ ବି ଧାନ ପକାଇଥିବାରୁ ମଣ୍ଡିରେ ଅଧିକ ଧାନ ଥିବା ଦେଖାଯାଉଛି ବୋଲି ପ୍ରକାଶ କରିଥିଲେ । ତେବେ ଟୋକନ ଲ୍ୟାପ୍ସନହେବା ପାଇଁ ତୁରନ୍ତ ୧୨ ତାରିଖ ମଧ୍ୟରେ ଟୋକନର ଧାନ ଉଠାଇବା ସହ ପାଇଁ ଦାବି ହେଉଛି । ସେହିପରି ୧୨ ତାରିଖ ପରିବର୍ତ୍ତେ ଟୋକନ ଗୁଡିକୁ ମଧ୍ୟ ଯେପରି ଲ୍ୟାପ୍ସ ନହେବ ସେଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବୀ ହେଉଛି । ତେବେ ମିଲର୍ସ ମାନେ ଅଧିକ ସଂଖ୍ୟାରେ ଟ୍ରକ ପଠାଇବାକୁ ପ୍ରଶାସନ ନିର୍ଦ୍ଦେଶ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

ଆମ୍ବୁଲାନ୍ସ ସେବାର ଉନ୍ନତି ସହିତ ପ୍ରତିଟି ଅପହଞ୍ଚ ଅଞ୍ଚଳକୁ କିଭଳି ଆମ୍ବୁଲାନ୍ସ ଯାଇପାରିବ ସେ ଦିଗକୁ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଅନେକ ସମୟରେ ଖବର ପ୍ରକାଶ ପାଏ– ରୋଗୀଟି ଖଟିଆରେ ବୁହାହୋଇ ଆସିବା ପରେ ଆମ୍ବୁଲାନ୍ସ ସେବା ପାଇଲେ । କାରଣ ରୋଗୀଙ୍କ ଦୁଆରମୁହଁ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାଇପାରିଲା ନାହିଁ, ଆମ୍ବୁଲାନ୍ସ ଗଡ଼ିବା ଉପଯୋଗୀ ରାସ୍ତା ନଥିବାରୁ । ଏ ସମସ୍ୟା ପାଇଁ ମଧ୍ୟ ରୋଗୀ ଡାକ୍ତରଖାନାରେ ପହଞ୍ଚିବାରେ ବିଳମ୍ବ ହୋଇଥାଏ ଏବଂ ରୋଗୀଙ୍କ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ି ଯାଇଥାଏ । ତେଣୁ ଅପହଞ୍ଚ ଅଞ୍ଚଳକୁ କିଭଳି ଆମ୍ବୁଲାନ୍ସ ପହଞ୍ଚିପାରିବ ସେ ଦିଗକୁ ଗୁରୁତ୍ୱ ଦେଲେ ହିଁ ଓଡ଼ିଶା ଏକ ବିକଶିତ ରାଜ୍ୟ ବୋଲି ପ୍ରମାଣିତ ହୋଇପାରିବ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୫ ଡିସେମ୍ବର, ୨୦୨୫ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍


## ଆମ୍ବୁଲାନ୍ସ ସେବା : ମାଧବ ସେବା

କଥାରେ ଅଛି– **ମାନବ ସେବା ହିଁ ମାଧବ ସେବା।**

ମଣିଷଙ୍କ ସେବା କଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି । ଭଗବାନଙ୍କୁ ଆଉ ଡାକିବାକୁ ପଡ଼େନି । ଠିକ୍ ସେମିତି ଆମ୍ବୁଲାନ୍ସ ସେବା ମଧ୍ୟ ମାଧବ ସେବା ସହିତ ସମାନ। ଆମ୍ବୁଲାନ୍ସ ଜୀବନ ଦେଇପାରେ । ଗୁରୁତର ରୋଗୀଟିକୁ ଯେତେଶୀଘ୍ର ଡାକ୍ତରଖାନାରେ ପହଞ୍ଚାଯାଇପାରେ ତା'ର ଆଶୁ ଆରୋଗ୍ୟ ତାହାରି ଉପରେ ନିର୍ଭର କରେ। କେତେକ କ୍ଷେତ୍ରରେ ସାମାନ୍ୟ ବିଳମ୍ବ ପାଇଁ ମଧ୍ୟ ଜୀବନ ଚାଲିଯାଇଥାଏ । ତେଣୁ ଆମ୍ବୁଲାନ୍ସ ମଧ୍ୟ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନକ ତଳେ ୧୫୦ଟି ନୂଆ ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆମ୍ବୁଲାନ୍ସ ସେବା ଉପରେ ଗୁରୁତ୍ୱ ଦେଇଥିବାରୁ ତାଙ୍କୁ ଅନେକ ଅନେକ ଧନ୍ୟବାଦ । ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଆମ୍ବୁଲାନ୍ସ ଲୋକର୍ପଣ ଅବସରରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି– ରାଜ୍ୟରେ ଜରୁରିକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ପାଇଁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସଗୁଡ଼ିକୁ ବଦଳାଯାଇ ନୂଆ ଆମ୍ବୁଲାନ୍ସ ଅଣାଯାଉଛି । ସ୍ୱାସ୍ଥ୍ୟସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ୧୧୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଅବଶିଷ୍ଟ ନୂତନ ଆମ୍ବୁଲାନ୍ସଗୁଡ଼ିକୁ ଖୁବ୍‌ଶୀଘ୍ର ରୋଗୀ ସେବାରେ ନିୟୋଜିତ କରାଯିବ, ତା'ସହିତ ପୁରୁଣା ଜରୁରିକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବାକୁ ମଧ୍ୟ ପରିବର୍ତ୍ତନ କରାଯିବ ବୋଲି ସେ ମତ ଦେଇଛନ୍ତି ।

କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମୁହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ ।

ଆମ୍ବୁଲାନ୍ସ ସେବାର ଉନ୍ନତି ସହିତ ପ୍ରତିଟି ଅପହଞ୍ଚ ଅଞ୍ଚଳକୁ କିଭଳି ଆମ୍ବୁଲାନ୍ସ ଯାଇପାରିବ ସେ ଦିଗକୁ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଅନେକ ସମୟରେ ଖବର ପ୍ରକାଶ ପାଏ– ରୋଗୀଟି ଖଟିଆରେ ବୁହାହୋଇ ଆସିବା ପରେ ଆମ୍ବୁଲାନ୍ସ ସେବା ପାଇଲେ । କାରଣ ରୋଗୀଙ୍କ ଦୁଆରମୁହଁ ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଯାଇପାରିଲା ନାହିଁ, ଆମ୍ବୁଲାନ୍ସ ଗଡ଼ିବା ଉପଯୋଗୀ ରାସ୍ତା ନଥିବାରୁ । ଏ ସମସ୍ୟା ପାଇଁ ମଧ୍ୟ ରୋଗୀ ଡାକ୍ତରଖାନାରେ ପହଞ୍ଚିବାରେ ବିଳମ୍ବ ହୋଇଥାଏ ଏବଂ ରୋଗୀଙ୍କ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ି ଯାଇଥାଏ । ତେଣୁ ଅପହଞ୍ଚ ଅଞ୍ଚଳକୁ କିଭଳି ଆମ୍ବୁଲାନ୍ସ ପହଞ୍ଚିପାରିବ ସେ ଦିଗକୁ ଗୁରୁତ୍ୱ ଦେଲେ ହିଁ ଓଡ଼ିଶା ଏକ ବିକଶିତ ରାଜ୍ୟ ବୋଲି ପ୍ରମାଣିତ ହୋଇପାରିବ ।

ସରକାରଙ୍କ ପ୍ରତିଟି ଜନହିତକର ଯୋଜନା ତୃଣମୂଳ ସ୍ତରରେ ପହଞ୍ଚିବା ଦରକାର । ସବୁପ୍ରକାର ଜୀବନରକ୍ଷକାରୀ ସଂରଞ୍ଜାମ ଥାଇ ଅତ୍ୟାଧୁନିକ ଆମ୍ବୁଲାନ୍ସ ଯଦି ପ୍ରତିଟି ରୋଗୀଙ୍କ ପାଇଁ ଉପଲବ୍ଧ ନହେଲା ଏହା ଏକ ପୂର୍ଣ୍ଣାଙ୍ଗ ସେବା ବୋଲି କୁହାଯାଇପାରିବନି । ଯେତେଦିନ ପର୍ଯ୍ୟନ୍ତ ପ୍ରତିଟି ଅନୁନ୍ନତ ଗାଁକୁ ଭଲ ରାସ୍ତା ନହୋଇଛି ସେତେଦିନ ଯାଏଁ ଆମ୍ବୁଲାନ୍ସରେ ଷ୍ଟ୍ରେଚର ସାହାଯ୍ୟରେ ରୋଗୀକୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ତତ୍କାଳ ବୋହି ଆଣିବାର ବ୍ୟବସ୍ଥା କରାଯିବା ଦରକାର ।

ଆଉ ଏକ ସମସ୍ୟା ଆମ୍ବୁଲାନ୍ସ ପାଇଁ ବାଧକ ସାଜୁଛି ଅନେକ ସମୟ। ଏ ସମସ୍ୟାଟି ହେଲା– ଟ୍ରାଫିକ ଜାମ୍ ସମସ୍ୟା । ବେଳେବେଳେ ଏଭଳି ସମସ୍ୟା ଦେଖାଦିଏ ଆମ୍ବୁଲାନ୍ସ ପାଇଁ ମଧ୍ୟ ବାଟ ମିଳେନା । ଲୋକେ ଚାହିଁଲେ ମଧ୍ୟ କିଛି କରିପାରନ୍ତିନି । ତେଣୁ ଆମ୍ବୁଲାନ୍ସ ସହିତ ଟ୍ରାଫିକ୍ ପରିଚାଳନା କରୁଥିବା ପୁଲିସଭାଇମାନଙ୍କର ଯୋଗାଯୋଗ ରହିବା ଦରକାର । ଆମ୍ବୁଲାନ୍ସ ଆସୁଛି– ଏ ବାର୍ତ୍ତା ଟ୍ରାଫିକ୍ ପରିଚାଳନା କରୁଥିବା ପୁଲିସଭାଇମାନେ ଆଗରୁ ଜାଣିବା ଉଚିତ୍ । ଏଥିପାଇଁ ଜିପିଏସ୍ ସିଷ୍ଟମ୍‌କୁ ମଧ୍ୟ କାମରେ ଲଗାଯାଇପାରେ । ଆମ୍ବୁଲାନ୍ସଟି କେତେ ଦୂରରେ ଅଛି ତାହା ସହଜରେ ଜଣାଇ ଦେଇପାରିବ ଜିପିଏସ୍ ସିଷ୍ଟମ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍) ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି– ଆମ୍ବୁଲାନ୍ସଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ନିୟମିତ ଯାଞ୍ଚ । ଆମ୍ବୁଲାନ୍ସ କର୍ମଚାରୀଙ୍କ ନିକଟରେ କର୍ତ୍ତବ୍ୟନିଷ୍ଠା ସହିତ ସେବା ମନୋଭାବ ମଧ୍ୟ ରହିବା ଦରକାର ।

# ଲୋକଶକ୍ତି ଆଗରେ ଲୋକ ପ୍ରତିନିଧି ଭୀଷଣ ଅସହାୟ

**ସତ କହିବାକୁ କିଆଁ ଡରିବି**

**◆ ଅମ୍ବିକା ପ୍ରସାଦ ଦାସ ◆**

**ଲୋକେ ସରକାରଙ୍କୁ ୫ ବର୍ଷ ପାଇଁ ଭଣ୍ଡାର ଚାବି ଏହି ବିଶ୍ୱାସରେ ଦେଇଛନ୍ତି ଯେ ତାଙ୍କ ଅର୍ଥର ସଦୁପୋଯୋଗ ହେବ, ତା'ର ଉପଯୁକ୍ତ ଜଗାରଖା କରିବେ ସରକାର । କିନ୍ତୁ କ୍ଷମତା ପାଇଗଲା ପରେ ଏଥିପ୍ରତି କ୍ଷମତାଧର କିପରି ଆଖି ବୁଜିଦେଉଛନ୍ତି ଉପରୋକ୍ତ ଦୁଇଟି ଘଟଣାରୁ ସୁସ୍ପଷ୍ଟ । ବୁଝିବିଚାରି କାମ କଲେ ପ୍ରମାଦ ନପଡଇ ଭଲେ । ଏହି ଆପ୍ତ ବାକ୍ୟକୁ ସମ୍ଭବତଃ କ୍ଷମତାଧର ଭୁଲିଯାଇଛନ୍ତି ବା ଅଣଦେଖା କରିଛନ୍ତି । ଯାହାର କୁଫଳ ଆଜି ଭୋଗିବାକୁ ପଡୁଛି ଏବଂ ନିଷ୍ପତ୍ତି ପୁନର୍ବିଚାର କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି ।**

କଥାରେ ଅଛି– ଲୋଭରୁ ପାପ, ପାପରୁ ମୃତ୍ୟୁ । ମଣିଷ ଲୋଭାଗ୍ରସ୍ତ ହେଲେ ପାପାଚରଣ କରେ, ଏଇ ପାପାଚରଣ କାରଣରୁ ଅକାଳରେ ମୃତ୍ୟୁବରଣ କରିବାକୁ ପଡ଼ିଥାଏ । ଠିକ୍ ଏହିପରି ଅକଳରେ ପଡ଼ିଛନ୍ତି ସରକାର । ଓଡ଼ିଶାରେ ବିଜେପି ଏକାକୀ ନିଜ ଦମ୍‌ରେ ସରକାର ଗଢ଼ିବା ପରେ ଏମ୍‌ଏଲ୍‌ଏ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଦରମା ରକେଟ ଭଳି ବଢ଼େଇଦେଲେ, ଯାହାର ପରିମାଣ ସମଗ୍ର ଦେଶରେ ସର୍ବାଧିକ । ବିରୋଧୀ ପକ୍ଷ ବିରୋଧ ନକରିବାରୁ ସରକାର ତାଙ୍କ ପ୍ରସ୍ତାବକୁ ଅତି ସହଜରେ ଅନୁମୋଦନ କରେଇନେଲେ । ଚଟୁରେ ଚଟୁରେ କୋଳାକୋଳି । ଶାସକ ଓ ବିରୋଧୀ ଏହି ପ୍ରସଙ୍ଗରେ ଏକ୍ ହୋଇଗଲେ ।

କିନ୍ତୁ ହାଟ ମଝିରେ ହାଣ୍ଡି ଭାଙ୍ଗିଲେ ବିଧାନସଭାରେ ଉପସ୍ଥିତ ନଥିବା ସିପିଏମ୍ ବିଧାୟକ । ବିଧାୟକମାନଙ୍କ ଦରମା ଆଶାତୀତ ବୃଦ୍ଧି ପାଇଥିବାର ଖବର ପ୍ରଚାରିତ ହେବା ପରେ ପ୍ରଥମେ ସାମ୍ନାକୁ ଆସିଲେ ସେ । କହିଲେ– ଏପରି ନିଷ୍ପତ୍ତିକୁ ସେ ବିରୋଧ କରୁଛନ୍ତି । ଲୋକଙ୍କ ଟିକସ ଟଙ୍କାକୁ ଏପରି ବାଣ୍ଟି ନିଆଯିବା ଗ୍ରହଣୀୟ ନୁହେଁ । ତାଙ୍କ ପରେ ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ନେତା ପ୍ରସାଦ ହରିଚନ୍ଦନ ମଧ୍ୟ ଅନୁରୂପ ଆଭିମୁଖ୍ୟ ପୋଷଣ କଲେ ।

ଦରମା ଓ ଭତ୍ତା ବୃଦ୍ଧିକୁ ନେଇ ଯେତେବେଳେ ଜନତା ତାତିଲେ ନେତାଏ ମତ, ପଥ ସବୁ ବଦଳାଇବାକୁ ବାଧ୍ୟ ହେଲେ । ପୁଣିଥରେ ପ୍ରମାଣିତ ହେଲା ଲୋକଶକ୍ତି ଆଗରେ ଲୋକପ୍ରତିନିଧି ଅସହାୟ । ପ୍ରାୟୋଜିତ ଢଙ୍ଗରେ ବିଜେପି ବିଧାୟକ ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ପରେ ବାହାରକୁ ଆସି କହିଲେ– ଜନମତକୁ ସମ୍ମାନ ଦେଇ ଆମେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଅନୁରୋଧ କରିଛୁ । ବିଜେପି ପରେ ବିଜେଡି ଅନୁରୂପ ଢଙ୍ଗରେ ଦରମା ଓ ଭତ୍ତା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ।

ଲୋକପ୍ରତିନିଧିମାନଙ୍କର ଏହି ଡ୍ରାମାବାଜି ଦେଖି ଲୋକେ କହୁଛନ୍ତି– ଲୋକେ ତମକୁ ପାଞ୍ଚବର୍ଷ ଲାଗି ରାଜ୍ୟର କଲ୍ୟାଣ ପାଇଁ ବିଧାନସଭାକୁ ପଠାଇଥିଲେ । ପଠାଇଲା ବେଳେ ଲୋକେ ଲୋକ ପ୍ରତିନିଧିଙ୍କୁ ଲାଇସେନ୍ସ ଦେଇନଥିଲେ ଯେ ଲୋକଙ୍କ ଟିକସ ଟଙ୍କାକୁ ସେମାନେ ମନଇଚ୍ଛା ଖର୍ଚ୍ଚ କରିବେ । ଏବେବି ରାଜ୍ୟରେ ଅନେକ ଲୋକଙ୍କ ପାଇଁ ଦୁଇଓଳି ଭଲରେ ଖାଇବା, ସଫା ପାଣି ପିଇବା, ଭଲରେ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାୟୀ ଘର ଉପଲବ୍ଧ ହେଉନାହିଁ । ସେପଟେ ରାଜ୍ୟର ଋଣଭାର ବଢ଼ିବଢ଼ି ଚାଲିଛି, ଯାହା ସେଇ ଲୋକଙ୍କ ମୁଣ୍ଡରେ ବୋଝ । ନେତାଙ୍କର ଖେଳ ଅଗାମୀ ଦିନରେ ଲୋକଙ୍କ ପାଇଁ ଯେ କାଳ ହେବ ଏକଥା ବୁଝାଇ କହିବା ନିଷ୍ପ୍ରୟୋଜନ । ଏବେ ଲୋକଙ୍କ ତାତି ଦେଖି ଲୋକପ୍ରତିନିଧି ଚେତିଲେ, କହିଲେ– ଲୋକମତକୁ ସମ୍ମାନ ଦେଇ ପୁନର୍ବିଚାର ପାଇଁ ଆଗକୁ ବାହାରୁଛୁ । ମାନେ ବୀରଦର୍ପେ ପଛଘୁଞ୍ଚା । ଯେତେବେଳେ ମନଇଚ୍ଛା ଦରମା ଓ ଭତ୍ତା ବୃଦ୍ଧି କଲେ ସେତେବେଳେ ଲୋକଙ୍କ ପକେଟ ଉପରେ କେତେ ପରିମାଣର ଚାପ ବଢ଼ିବ ତାହା କ'ଣ ନେତା ଜାଣିନଥିଲେ?

ଠିକ୍ ସେମିତି ପ୍ରଚାର ପ୍ରସଙ୍ଗ। ବିଧାନସଭାରେ ସରକାର ଦେଇଥିବା ତଥ୍ୟ ଅନୁଯାୟୀ ସରକାର କେବଳ ନିଜର ପ୍ରଚାର ପାଇଁ ଦେଢ଼ବର୍ଷରୁ କମ୍ ସମୟ ମଧ୍ୟରେ ୮୫ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ କରିଛନ୍ତି । ଯଦି ସରକାର ପ୍ରଚାର ଲୋଭ ସମ୍ବରଣ କରିଥାନ୍ତେ ତେବେ ତା'ର ଅଧା ଅର୍ଥ ବି ଲୋକଙ୍କର ବଡ଼ କଲ୍ୟାଣକାରୀ କାମରେ ଲାଗିପାରିଥାନ୍ତା । ଲୋକେ ଗାଁଗଣ୍ଡାରେ କାଗଜକୁ ଆଦୌ ଦେଖନ୍ତୁ କି ନ ଦେଖନ୍ତୁ ସରକାରୀ ତାଲିକାରେ ମାନ୍ୟତା ମିଳିଛି ମାନେ ବିଜ୍ଞାପନ ବାବଦରେ ବିପୁଳ ଅର୍ଥରାଶି ଅବିଚାରିତ ଭାବେ କିଛି ଲୋକଙ୍କ ହାତରେ ବାଣ୍ଟି ଦିଆଯାଉଛି । ଲୋକଙ୍କ ଟଙ୍କା ଏକପ୍ରକାର ବରବାଦ ହେଉଥିଲେ ବି ଯାଞ୍ଚର କୌଣସି ବ୍ୟବସ୍ଥା ନାହିଁ ।

ଲୋକେ ସରକାରଙ୍କୁ ୫ ବର୍ଷ ପାଇଁ ଭଣ୍ଡାର ଚାବି ଏହି ବିଶ୍ୱାସରେ ଦେଇଛନ୍ତି ଯେ ତାଙ୍କ ଅର୍ଥର ସଦୁପୋଯୋଗ ହେବ, ତା'ର ଉପଯୁକ୍ତ ଜଗାରଖା କରିବେ ସରକାର । କିନ୍ତୁ କ୍ଷମତା ପାଇଗଲା ପରେ ଏଥିପ୍ରତି କ୍ଷମତାଧର କିପରି ଆଖି ବୁଜିଦେଉଛନ୍ତି ଉପରୋକ୍ତ ଦୁଇଟି ଘଟଣାରୁ ସୁସ୍ପଷ୍ଟ ।

ବୁଝିବିଚାରି କାମ କଲେ ପ୍ରମାଦ ନପଡଇ ଭଲେ । ଏହି ଆପ୍ତ ବାକ୍ୟକୁ ସମ୍ଭବତଃ କ୍ଷମତାଧର ଭୁଲିଯାଇଛନ୍ତି ବା ଅଣଦେଖା କରିଛନ୍ତି । ଯାହାର କୁଫଳ ଆଜି ଭୋଗିବାକୁ ପଡୁଛି ଏବଂ ନିଷ୍ପତ୍ତି ପୁନର୍ବିଚାର କରିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି ।

ରାଜନୈତିକ ଦୃଷ୍ଟିକୋଣରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ପ୍ରତିପକ୍ଷ ସମାଲୋଚନା କରୁଥିଲେ ହେଁ ସେ କିନ୍ତୁ ଥିଲେ ଜଣେ ଉତ୍ତମ ପ୍ରଶାସକ । ସେ ବିଚାରବିମର୍ଶ କରି ନିଷ୍ପତ୍ତି ନେଉଥିଲେ । ବରାବର କହୁଥିଲେ– ଉତ୍ତମ ପ୍ରଶାସକ ସିଏ ଯିଏ ନେଇଥିବା ନିଷ୍ପତ୍ତିରେ (ଭୁଲ୍ ହେଉ କି ଠିକ୍ ହେଉ) ଶେଷ ଯାଏଁ ଦୃଢ଼ ରହେ । କିନ୍ତୁ ଦୁର୍ବଳ ପ୍ରଶାସକ ବାରମ୍ବାର ମତ ଓ ପଥ ବଦଳାଏ ଯାହା ଉତ୍ତମ ଶାସନର ପରିପନ୍ଥୀ ।

ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ଦେଢ଼ବର୍ଷ ପୂରଣ କରିବାକୁ ଯାଉଛି । ଆଉ କିଛିଦିନ ପରେ ସରକାରର 'ହନିମୁନ ପିରିୟଡ଼' ସରିଯିବ । ଆସିବ ପରୀକ୍ଷାର ସମୟ । ପଞ୍ଚାୟତ, ପୌର, ସମବାୟ ନିର୍ବାଚନ ପରେ ପରେ ପୁଣି ଲୋକସଭା ଓ ବିଧାନସଭା ନିର୍ବାଚନକୁ ସାମ୍ନା କରିବ ଦଳ । ଏହି ଆଲେଖ୍ୟ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସରକାର ବିଭିନ୍ନ ନିଗମ ଓ ବୋର୍ଡରେ ଖାଲିଥିବା ପଦବୀ ପୂରଣ କରିପାରିନାହାନ୍ତି । ସମବାୟ ବ୍ୟବସ୍ଥା ମଧ୍ୟ ଠିକଣା ଢଙ୍ଗରେ ଚାଲୁନାହିଁ । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ କୋର୍ଟରେ ଚାଲେଞ୍ଜ ହେଲେ ମଧ କୋର୍ଟରେ ବିଜେଡି ସରକାର ଭଳି ବିଜେପି ସରକାରରେ ସଶକ୍ତ ମାମଲା ପରିଚାଳନା ଦେଖିବାକୁ ମିଳୁନି । ସରକାର ଉପହସିତ ହେଉଛନ୍ତି । ମୋଟ ଉପରେ ସରକାରର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ଯଦି ତାଙ୍କର ଆଭିମୁଖ୍ୟକୁ କଠୋର ନକରିବେ ଏବଂ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନନେବେ ତେବେ କେବଳ ନିଜର ସରଳ ଆଚରଣ ପାଇଁ ସିନା ଲୋକେ ତାଙ୍କୁ ମନେରଖିବେ ହେଲେ ଦୁର୍ବଳ ପ୍ରଶାସକର ସମାଲୋଚନା ଶୁଣିବାକୁ ବାଧ୍ୟ ହେବେ ।

ବେତନ ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ ସରକାରଙ୍କୁ ଅକଳରେ ପକାଇବା ପାଇଁ ଜଣେ ମନ୍ତ୍ରୀଙ୍କର ଭୂମିକା ଦାୟୀ ବୋଲି କୁହାଯାଉଛି । ଯାହା ହେଉନା କାହିଁକି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯେହେତୁ ଶାସନ ବ୍ୟବସ୍ଥା ପରିଚାଳିତ ତେଣୁ ତାଙ୍କୁ ଆଗକୁ ସଜାଗ ହେବାକୁ ପଡ଼ିବ । ବେତନ ଓ ଭତ୍ତା ବୃଦ୍ଧି ପ୍ରସଙ୍ଗ ହେଉ, ପ୍ରଚାରରେ ପାଣିଭଳି ଲୋକଙ୍କ ଟଙ୍କା ଖର୍ଚ୍ଚ ହେଉ, ସବୁ କ୍ଷେତ୍ରରେ ସେ ତାଙ୍କ ଭାବମୂର୍ତ୍ତିକୁ ରକ୍ଷା କରିବା ଲାଗି ବୁଝିବିଚାରି ନିଷ୍ପତ୍ତି ନେବାକୁ ପଡ଼ିବ । ଦିନ ପରେ ଦିନ ଗଡ଼ିଯିବ କିନ୍ତୁ ପରେ କାଗଜ କଥା କହିଲା ଭଳି କାମର ମୂଲ୍ୟାୟନ ହେବ । ଲୋକଙ୍କ ମତକୁ ସମ୍ମାନ ଦେଇ ବେତନ ଓ ଭତ୍ତା ନିଷ୍ପତ୍ତିର ପୁନର୍ବିଚାର ଲାଗି ଶାସକ ଦଳ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ବିଳମ୍ବରେ ହେଲେ ମଧ୍ୟ ସ୍ୱାଗତଯୋଗ୍ୟ । କିନ୍ତୁ ହାତପା'ନ୍ତାରେ କ୍ଷମତା ମିଳିଛି ଭାବି ଲୋକଙ୍କ ଟଙ୍କାକୁ ମନଇଚ୍ଛା ଖର୍ଚ୍ଚ କଲେ ସେଇ ଲୋକେ ଯେ ତାତିବେ ଏହା ପୁଣିଥରେ ସ୍ପଷ୍ଟ ହୋଇଛି, ଦରମା ଓ ଭତ୍ତା ବୃଦ୍ଧି ପ୍ରସଙ୍ଗରେ। ଏହି ପ୍ରକରଣରେ ଆଉ ଯେଉଁ ଦିଗଟି ଜଳଜଳ ଦିଶିଲା ତା'ହେଲା– ଲୋକଶକ୍ତି ଆଗରେ ଲୋକ ପ୍ରତିନିଧିମାନେ ଭୀଷଣ ଅସହାୟ।

# ଯୀଶୁଙ୍କ ଆବିର୍ଭାବ : କ୍ରିସ୍‌ମସ୍

**■ ଅଲେଖ ଚନ୍ଦ୍ର ସାମଲ ■**

ଆଜି କ୍ରିସ୍‌ମସ୍ ବା ବଡ଼ଦିନ । ଅନ୍ତର୍ଜାତୀୟ ସ୍ତରରେ ସମ୍ଭବତଃ ଚତୁର୍ଥ ଶତାବ୍ଦୀରୁ ଡିସେମ୍ବର ୨୫ ତାରିଖକୁ ମହାପୁରୁଷ ଜିଜସ୍ ବା ଜିସୁ ଖ୍ରୀଷ୍ଟଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଉଛି । ବିଶ୍ୱର ବିଭିନ୍ନ ଅଞ୍ଚଳର କିରସ୍ତାନ ଧର୍ମାବଲମ୍ବୀଙ୍କ ପାଇଁ ଆଜିର ପବିତ୍ର ଦିବସଟି ଏକ ସାଂସ୍କୃତିକ ଛୁଟିଦିନ । ଜିଜସ୍ ନିର୍ଦ୍ଦିଷ୍ଟ ଭାବେ କେଉଁ ମସିହାରେ ଏବଂ କେଉଁ ମାସର କେଉଁ ଦିନରେ ଜନ୍ମ ହୋଇଥିଲେ ଜଣାଯାଏ ନାହିଁ । ତେବେ ଖ୍ରୀଷ୍ଟ ପୂର୍ବ ସପ୍ତମରୁ ଦ୍ୱିତୀୟ ଶତାବ୍ଦୀ ମଧ୍ୟରେ କୌଣସି ଏକ ସମୟରେ ସେ ଜନ୍ମ ହୋଇଥିବା ଆଧୁନିକ ଐତିହାସିକମାନେ ବିଶ୍ୱାସ କରୁଛନ୍ତି । ଜିଜସ୍‌ଙ୍କର ଜନ୍ମ, ମୃତ୍ୟୁ ଓ ପୁନର୍ଜନ୍ମ ବାବଦରେ ମାଥ୍ୟୁ, ମାର୍କ, ଲ୍ୟୁକ୍ ଓ ଜନ୍‌ଙ୍କ ନୀତିବାଣୀ ସମ୍ବଳିତ ଧର୍ମପୁସ୍ତକ ସୁସମାଚାର ବା ଗସ୍‌ପେଲ୍‌ରେ ଉଲ୍ଲେଖ ରହିଛି । ମାଥ୍ୟୁ ଓ ଲ୍ୟୁକ୍‌ଙ୍କ ଗସ୍‌ପେଲରେ ଜିଜସ୍‌ଙ୍କ ଜନ୍ମ ବିଶଦ ଭାବେ ବର୍ଣ୍ଣିତ । ଲୋକପ୍ରିୟ ପରମ୍ପରା ଅନୁଯାୟୀ ଜିଜସ୍ ବେଥଲ୍‌ହେମ୍ ନଗରୀର ଏକ ଘୋଡ଼ାଶାଳରେ ପୋଷା ଜନ୍ତୁଙ୍କ ଗହଣରେ ଜନ୍ମ ହୋଇଥିଲେ । ଘୋଡାଶାଳଟି ଏକ ସରାଇଖାନା ସହ ସଂଯୁକ୍ତ ଥିଲା । ସରାଇଖାନାରେ ପ୍ରକୋଷ୍ଠ ଖାଲି ନଥିବାରୁ ଜିଜସ୍‌ଙ୍କ ମାତା ମେରି ଓ ପିତା ଜୋଜେଫ୍ ଘୋଡ଼ାଶାଳରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ଜିଜ୍‌ସ ଭୂମିଷ୍ଠ ହେବା ପରେ ମାତା ମେରି, ତାଙ୍କୁ ଏକ କମ୍ବଳରେ ଗୁଡ଼ାଇ ଘୋଡ଼ାଙ୍କୁ ଖାଦ୍ୟ ଦିଆଯାଉଥିବା ଏକ କୁଣ୍ଡରେ ରଖି ଦେଇଥିଲେ । ଜଣେ ତ୍ରାଣର୍କା ଆବିର୍ଭୂତ ହୋଇଥିବା ଖବର ସଙ୍ଗେ ସଙ୍ଗେ ପ୍ରଚାରିତ ହୋଇଯାଇଥିଲା ଏବଂ ମେଷପାଳକମାନେ ବହୁ ସଂଖ୍ୟାରେ ଆସି ଜିଜସ୍‌ଙ୍କ ଦର୍ଶନ କରିଥିଲେ । ମେଲ୍‌ସିଓର୍, କାସ୍‌ପର୍ ବାଲ୍‌ଥାଜର ନାମକ ତିନିଜଣ ଜ୍ଞାନୀ ପୁରୁଷ ମଧ୍ୟ ସେଠାରେ ପହଞ୍ଚିଥିଲେ । ଏହାକୁ ସ୍ମରଣୀୟ କରିବା ପାଇଁ ସର୍ବତ୍ର କ୍ରିସ୍‌ମସ୍ ପାଳନ କରାଯାଉଛି ।

ଦୁଇ ହଜାର ବର୍ଷ ପୂର୍ବେ ରୋମ ସାମ୍ରାଜ୍ୟର ଏକ ସହର ନାସରତରେ ଗ୍ରୋବିଏଲ ନାମକ ଜଣେ ଦେବଦୂତ ମେରିୟମ୍‌ଙ୍କୁ ଦର୍ଶନ ଦେଇ କହିଥିଲେ ଯେ, ସେ ଏକ ଦିବ୍ୟ ତଥା ପବିତ୍ର ଆତ୍ମାକୁ ଗର୍ଭରେ ଧାରଣ କରିବେ ଏବଂ ଏକ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେବେ। ସେହି ପବିତ୍ର ଆତ୍ମାଙ୍କ ନାଁ ହେବ ପ୍ରଭୁ ଯୀଶୁ। ଏହି ସମୟରେ ୟୁସୁଫଙ୍କ ସହିତ ମେରିକମ୍‌ଙ୍କ ନିର୍ବନ୍ଧ ହୋଇଯାଇଥିଲା। ଦେବଦୂତଙ୍କ ଏହି ସନ୍ଦେଶକୁ ମେରିୟମ ୟୁସୁଫଙ୍କୁ କହିଥିଲେ। ୟୁସୁଫ୍ ଚମକି ପଡ଼ିଲେ। ଦିବ୍ୟ ଆତ୍ମା କଥା ଶୁଣି ଭୟଭୀତ ହୋଇଗଲେ। ଆଉ ତୁରନ୍ତ ନିର୍ବନ୍ଧକୁ ବାଜ୍ୟାପ୍ତ କରି ମେରିୟମ୍‌ଙ୍କୁ ଜୀବନରୁ ଭୁଲିଯିବା ପାଇଁ ନିଷ୍ପତ୍ତି ନେଲେ। ସ୍ୱର୍ଗଦୂତ ଏକଥା ଜାଣିବା ପରେ ୟୁସୁଫ୍‌ଙ୍କୁ ଦର୍ଶନ ଦେଇ ତାଙ୍କର ନିଷ୍ପତ୍ତି ବଦଳାଇବା ପାଇଁ କହିବା ସହିତ ମେରିଙ୍କୁ ବିବାହ କରିବାକୁ ଆଦେଶ ଦେଇଥିଲେ। ଦିବ୍ୟ ଆତ୍ମା ଅର୍ଥାତ୍ ସ୍ୱୟଂ ଭଗବାନ ତାଙ୍କ ନିକଟକୁ ଆସୁଛନ୍ତି ବୋଲି ସମସ୍ତେ ଉତ୍ସାହିତ ହୋଇଗଲେ। ଆନନ୍ଦରେ ନାଚି ଉଠିଲେ । କିଏ କ'ଣ ସବୁ ଭାବିଲା ତାହାର ଆଉ କଳନା ନାହିଁ । ଏଥିରୁ ରୋମ୍ ସମ୍ରାଟ ବି ବାଦ ପଡ଼ିଲେ ନାହିଁ।

ମେରିୟମ୍‌ଙ୍କ ଗର୍ଭଧାରଣ ସମୟରେ ରୋମ ସାମ୍ରାଜ୍ୟର ଜନଗଣନା ହେବା ବୋଲି ସମ୍ରାଟ ଆଦେଶ ଦେଲେ। ଆଦେଶ ଅନୁସାରେ ୟୁସୁଫ ମେରିୟମ୍‌ଙ୍କୁ ନେଇ ଜନଗଣନା ପାଇଁ ଜେରୁଜେଲମ୍‌ର ବେଥଲହମ ସହର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସେଠାରେ ଥିବା ଯାତ୍ରୀ ଶିବିରରେ ସ୍ଥାନ ନଥିବାରୁ ୟୁସୁଫ୍ ଓ ମେରି ଏକ ଗୋ'ଶାଳାରେ ରାତ୍ରୀଯାପନ କରିଲେ। ସେଠାରେ ହିଁ ମେରିୟମ ସେଇ ଦିବ୍ୟାତ୍ମାଙ୍କୁ ଶରୀର ଭାବେ ଜନ୍ମ ଦେଇଥିଲେ । ଏହାପରେ ଘାସକୁଟା ଦ୍ୱାରା ପ୍ରସ୍ତୁତ ଏକ ଚଟେଇରେ ନବଜାତ ଶିଶୁପୁତ୍ରକୁ ଶୁଆଇ ଦେଇଥିଲେ। ପୂଣ୍ୟାତ୍ମା ପ୍ରଭୁ ଯୀଶୁଙ୍କ ଜନ୍ମ ଖବର ଜାଣିବା ପରେ ଦେବଦୂତ ଏବଂ ନିକଟତମ ସହରର ୩ଜଣ ବିଦ୍ୱାନ ଜ୍ୟୋତିଷ ତାଙ୍କ ଦର୍ଶନ ପାଇଁ ଆସିଥିଲେ। ଆକାଶର ଏକ ଉଜ୍ଜ୍ୱଳ ତାରା ସେହି ୩ ଜଣ ଜ୍ୟୋତିଷଙ୍କୁ ଜେରୁଜେଲମ୍ ଠିକଣା ବତାଇଥିଲା ବୋଲି ବାଇବେଲରେ ଉଲ୍ଲେଖ ରହିଛି। ସେଇଠୁ ରୋମାନ କ୍ୟାଲେଣ୍ଡରରେ ଖ୍ରୀଷ୍ଟପୂର୍ବ ଓ ଖ୍ରୀଷ୍ଟାବ୍ଦ ଗଣନା ଆରମ୍ଭ ହେଲା। ଅନେକ କାହାଣୀ, ଲୋକ କଥା ଏଥିରେ ଯୋଡ଼ି ହୋଇଗଲା। ସେହିଦିନଠୁ ଆମେ ତାଙ୍କ ଜନ୍ମ ଦିନକୁ ପାଳୁଛୁ ବଡ଼ଦିନ ଭାବେ।


*ପୂର୍ବତନ ଡିଏଫ୍‌ଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର*


# ସନାତନ ଧର୍ମରେ ତୁଳସୀ ପୂଜନ

**■ ଡଃ ଅମୂଲ୍ୟ କୁମାର ପଣ୍ଡା ■**

ପ୍ରତ୍ୟେକ ବର୍ଷ ଡିସେମ୍ବର ୨୫କୁ ତୁଳସୀ ପୂଜନ ଦିବସ ରୂପରେ ସନାତନ ଧର୍ମରେ ପାଳନ କରାଯାଏ । ଦୁଃଖର ବିଷୟ ଯେ ଆମର ବହୁ ସନାତନୀ ଭାଇ ଭଉଣୀମାନେ ଏ ବିଷୟରେ ଜାଣି ନାହାଁନ୍ତି କି ତାଙ୍କ ପିଢ଼ିକୁ ଜଣାଇ ନାହାନ୍ତି । ଏହିଦିନ ଅନ୍ୟ ସମ୍ପ୍ରଦାୟର ପର୍ବରେ ମସଗୁଲ ହୋଇ ନିଜ ସଂସ୍କୃତି ଓ ପରମ୍ପରାକୁ ଭୁଲି ଯାଇଛନ୍ତି । ଆମେ ଜାଣିଛେ ଯେ ମାଆ ତୁଳସୀ ଦେବୀଙ୍କର ଘରେ ଘରେ ପୂଜନ, ଅର୍ଚ୍ଚନା, ବନ୍ଦନା ଏହି ଦିବସରେ କରାଯାଏ । ପଦ୍ମ ପୁରାଣରେ ଲେଖାଯାଇଛି ଯେ ତୁଳସୀର ପତ୍ର, ଫୁଲ, ଫଳ, ଶାଖା, ଛାଲି, ଗଣ୍ଡି ଓ ମାଟି ଆଦି ସବୁ ପବିତ୍ର ଅଟେ । କଳିଯୁଗରେ ତୁଳସୀ ପୂଜନ, କୀର୍ତ୍ତନ, ଭଜନ, ଧାରଣ କରିବା ଦ୍ୱାରା ସମସ୍ତ ପାପ ଭସ୍ମୀଭୂତ ହୁଏ ତଥା ମୋକ୍ଷ ପ୍ରାପ୍ତି ହୁଏ । ଏଥିସହ କଳିଯୁଗରେ ତୁଳସୀ ପୂଜନ, କୀର୍ତ୍ତନ, ଭଜନ, ଧାରଣ କରିବା ଦ୍ୱାରା ସମସ୍ତ ପାପ ଭସ୍ମୀଭୂତ ହୁଏ ତଥା ମୋକ୍ଷ ପ୍ରାପ୍ତି ହୁଏ । ପ୍ରତିଦିନ ତୁଳସୀ ପତ୍ର ସେବନ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ହୁଏ ତଥା ରୋଗ ପ୍ରତିରୋଧକ ଶକ୍ତି ବର୍ଦ୍ଧି ହୁଏ । ତୁଳସୀ ଦିନରେ ଏବଂ ରାତିରେ ମଧ୍ୟ ଅମ୍ଳଜାନ ଉତ୍ସର୍ଜନ କରେ । ତେଣୁ ପରିବେଶ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ତୁଳସୀରୋପଣ, ପୂଜନ, ଧାରଣ ତଥା ସମ୍ବର୍ଦ୍ଧନ ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ ।

ତୁଳସୀର ବହୁ ଉପକାରିତା ଅଛି । ତୁଳସୀ ପତ୍ରର ରସ ମନୁଷ୍ୟ ଶରୀର ପାଇଁ ଅମୃତ ସ୍ୱରୂପ । ଏହା ସ୍ୱାସ୍ଥ୍ୟ ପାଇଁ ଅମୃତତୁଲ୍ୟ । ତୁଳସୀ ପାଣି ହଜମ ପ୍ରକ୍ରିୟାକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଏହା ଶରୀରରେ ଜମା ହୋଇଥିବା ବିଷାକ୍ତ ପଦାର୍ଥକୁ ବାହାର କରିଦିଏ । ସକାଳେ ଏହାକୁ ସେବନ କରିବା ଦ୍ୱାରା ମାନସିକ ଚାପ କମିଥାଏ । ଏହା ଚର୍ମକୁ ସଫା କରେ ଏବଂ ଏହାର ଚମକ ବୃଦ୍ଧି କରେ । ଏହା ଥଣ୍ଡା ଏବଂ କାଶରୁ ମୁକ୍ତି ଦିଏ । ତୁଳସୀ ପାଣି ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ତୁଳସୀ ମଞ୍ଜିରେ ପ୍ରଚୁର ପରିମାଣରେ ଆଣ୍ଟିବାୟୋଟିକ, ଆଣ୍ଟିଭାଇରାଲ, ଆଣ୍ଟି ବ୍ୟାକ୍ଟେରିଆଲ, ଫାଇବର, ଓମେଗା–୩, ଫ୍ୟାଟି ଏସିଡ ଏବଂ ଅନ୍ୟାନ୍ୟ ଅନେକ ଏସିଡ ରହିଥାଏ । ଯାହା ଆମ ଓଜନ ହ୍ରାସ କରିବାରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ତୁଳସୀ ମଞ୍ଜିକୁ ପାଣିରେ ଫୁଟାଇବା ଏବଂ ଏହାକୁ ପିଇବା ଦ୍ୱାରା ଥଣ୍ଡା, କାଶ ଆଦି ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ । ଏହା ବ୍ୟତୀତ ଅନ୍ୟ ରୋଗ ପାଇଁ ମଧ୍ୟ ଅନେକ ଲାଭଦାୟକ । ତୁଳସୀ ମଞ୍ଜି ସେବନ କରିବା ଦ୍ୱାରା ଓଜନ ହ୍ରାସ, କୋଷ୍ଠ କାଠିନ୍ୟ, ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ମଧ୍ୟ ସାହାଯ୍ୟ କରିଥାଏ । ଆମେ ଚା କିମ୍ବା କାଢା ତିଆରି କରି ତୁଳସୀ ମଞ୍ଜି ବ୍ୟବହାର କରିଥାଉ । ତୁଳସୀର ଅନେକ ପ୍ରକାର ଲାଭ ମିଳିଥାଏ । କିନ୍ତୁ ମୁଖ୍ୟତଃ ୫ଟି ସ୍ୱତନ୍ତ୍ର କାର୍ଯ୍ୟ କରିଥାଏ । ମୁଖ୍ୟତଃ କୃଷ୍ଣ କିମ୍ବା କଳା ତୁଳସୀ ଏବଂ ଅଲଗା ସାଧା କିମ୍ବା ଧଳା ତୁଳସୀ ସବୁଆଡ଼େ ପ୍ରଚୁର ପରିମାଣରେ ମିଳେ । ଏହାର ମଞ୍ଜିର ମୂଳ ଜ୍ୱର ପାଇଁ କାମ କରେ । ଯଦି କାହାର ସାମାନ୍ୟ ଜ୍ୱର ହୁଏ ତେବେ ସେ ମଞ୍ଜିରୁ ଚା' କରି ସେବନ କଲେ ଜ୍ୱର ହ୍ରାସ ହେବା ସହ ଅନେକ ଫାଇଦା ମିଳିଥାଏ । ଏହା ବ୍ୟତୀତ ଯଦି କାହାର ବହୁତ ପୁରୁଣା ଓ ଗମ୍ଭୀର କ୍ଷତ ଅଛି । ଏଭଳି ପରିସ୍ଥିତିରେ ତୁଳସୀ ମଞ୍ଜିର ଏକ ପେଷ୍ଟ ତିଆରି କରି ପ୍ରୟୋଗ କରିଲେ ଖୁବଶୀଘ୍ର ଆରାମ ମିଳିଥାଏ । ତେବେ ଏହା ଚମକ ଦୂର କରିବାରେ ବହୁତ ଭଲ ଭୂମିକା ଗ୍ରହଣ କରିଥାଏ । ତେବେ ଆମେମାନେ ଘରେ ଏଭଳି ପ୍ରୟୋଗ କରିଲେ ବିଭିନ୍ନ ରୋଗରୁ ଉପଶମ ପାଇ ପାରିବେ ।

ଧାର୍ମିକ ମାନ୍ୟତା ଅନୁସାରେ ତୁଳସୀ ଗଛ ଧନ ଦେବୀ ମା' ଲକ୍ଷ୍ମୀଙ୍କ ରୂପ ହୋଇଥାନ୍ତି । ନିୟମିତ ଭାବେ ସକାଳେ ଓ ସନ୍ଧ୍ୟାରେ ତୁଳସୀ ଗଛକୁ ପୂଜା କଲେ ମା' ଲକ୍ଷ୍ମୀ ପ୍ରସନ୍ନ ହୋଇ ଘରେ ବାସ କରିଥାନ୍ତି । ସନାତନ ଧର୍ମରେ ତୁଳସୀକୁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦିଆଯିବା ସହ ଏହାକୁ ଅତ୍ୟନ୍ତ ପବିତ୍ର ବୋଲି ଧରାଯାଏ । ପ୍ରତ୍ୟେକ ହିନ୍ଦୁଙ୍କ ଘର ଅଗଣାରେ ତୁଳସୀ ଗଛ ରଖାଯାଇ ପୂଜା କରାଯାଇଥାଏ । କିଛି ଲୋକ ଅଛନ୍ତି ଏହାର ସକରାତ୍ମକ ପରିବେଶ ପାଇଁ ତୁଳସୀକୁ ଘର ଚାରିପଟେ ଲଗାଇଥାନ୍ତି । ଧାର୍ମିକ ମାନ୍ୟତା ଅନୁସାରେ ତୁଳସୀ ଗଛ ଧନ ଦେବୀ ମା' ଲକ୍ଷ୍ମୀଙ୍କ ରୂପ ହୋଇଥାନ୍ତି । ନିୟମିତ ଭାବେ ସକାଳେ ଓ ସନ୍ଧ୍ୟାରେ ତୁଳସୀ ଗଛକୁ ପୂଜା କଲେ ମା' ଲକ୍ଷ୍ମୀ ପ୍ରସନ୍ନ ହୋଇ ଘରେ ବାସ କରିଥାନ୍ତି । ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ । ମାନ୍ୟତା ଯେ ଭଗବାନ ବିଷ୍ଣୁଙ୍କର ତୁଳସୀ ଅତି ପ୍ରିୟ ହୋଇଥାଏ । ତେଣୁ ତାଙ୍କୁ ତୁଳସୀ ଅର୍ପଣ କଲେ ଦୁଇଗୁଣା ଫଳ ମିଳିଥାଏ । ତୁଳସୀ ପତ୍ର ବିନା ବିଷ୍ଣୁଙ୍କ ପୂଜା ହୋଇ ନଥାଏ । ଲୋକେ ଘରର ସୁଖ ଏବଂ ଦୁଃଖ ହଟାଇବା ପାଇଁ ତୁଳସୀର ପୂଜା କରିଥାନ୍ତି । ହେଲେ ତୁଳସୀ ଗଛ ମୂଳେ ପାଣି ଦେବା ସମୟରେ କିଛି ମନ୍ତ୍ର ଜପ କରିବା ନିହାତି ଆବଶ୍ୟକ । କାରଣ ବିନା ମନ୍ତ୍ରରେ ପାଣି ଦେବାକୁ ସ୍ୱୀକାର କରାଯାଏ ନାହିଁ । ତୁଳସୀକୁ ସବୁଦିନ ପୂଜା କରିବା ଦ୍ୱାରା ଭଗବାନ ବିଷ୍ଣୁ ଖୁସି ହୋଇଯାଇ ଆଶୀର୍ବାଦ ପ୍ରଦାନ କରିଥାନ୍ତି । ସକାଳୁ ସ୍ନାନ ସାରି ତୁଳସୀ ପୂଜା କରିବା ଆବଶ୍ୟକ । ସୂର୍ଯ୍ୟ ଅସ୍ତ ପରେ ତୁଳସୀ ମୂଳେ ପାଣି ଦେବା ଉଚିତ ନୁହେଁ । ଏହାସହ ରବିବାର ଦିନ ତୁଳସୀ ପତ୍ର ତୋଳିବାକୁ ଆମ ଶାସ୍ତ୍ରରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଏହି ଦିନ ପତ୍ର ଛିଣ୍ଡାଇବା ଦ୍ୱାରା ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ରାଗିଯାଇଥାନ୍ତି । ଯଦି ଗ୍ରହ ଦଶା ପଡିଛି ଏହାକୁ ଠିକ କରିବା ପାଇଁ ସବୁଦିନ ତୁଳସୀ ମୂଳେ ପାଣି ଦେବା ଉଚିତ । ତୁଳସୀ ମୂଳେ ଜଳ ଅର୍ପଣ କରିବା ସମୟରେ ଯଦି ତୁଳସୀ ମନ୍ତ୍ର ଜପ କରାଯାଏ ତେବେ ଏହା ବହୁ ଶୁଭ ଫଳ ଦେଇଥାଏ ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦକ୍ଷସାବର୍ଣ୍ଣିଙ୍କ ବଂଶଧର ଧର୍ମପରାୟଣ ରାଜା ଧର୍ମଧ୍ୱଜ ଓ ରାଣୀ ମାଧବୀଙ୍କ ଗର୍ଭରୁ ଲକ୍ଷ୍ମୀ ସ୍ୱରୂପିଣୀ ସର୍ବଗୁଣସମ୍ପନ୍ନା ପଦ୍ମିନୀ କନ୍ୟା 'ତୁଳସୀ' କାର୍ତ୍ତିକ ପୂର୍ଣ୍ଣିମା ଶୁକ୍ରବାରରେ ଶ୍ରୀକୃଷ୍ଣଙ୍କ ରାସସ୍ଥଳୀ ବୃନ୍ଦାବନରେ ଜନ୍ମ ଗ୍ରହଣ କରିଥିଲେ । ଗୋଲକ ବିହାରୀଙ୍କ ଅଷ୍ଟ ଗୋପପାର୍ଷଦ ମଧ୍ୟରୁ 'ସୁଦାମା' ଶ୍ରୀରାଧାଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ଶଙ୍ଖଚୂଡ ନାମକ ଦାନବ ରୂପେ ଜନ୍ମଗ୍ରହଣ କରିଥିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ନିର୍ଦ୍ଦେଶରେ ତୁଳସୀ ସେହି ଶଙ୍ଖଚୂଡକୁ ବିବାହ କରିଥିଲେ । ବିଷ୍ଣୁ ଶଙ୍ଖଚୂଡକୁ ବଧ କରନ୍ତେ, ପୂର୍ବଜନ୍ମର ବୃନ୍ଦାଙ୍କ ପରିବର୍ତ୍ତିତ ରୂପ ତୁଳସୀ ବିଷ୍ଣୁଙ୍କୁ ଶିଳାରୂପ ହେବାର ଅଭିଶାପ ଦେଇଥିଲେ । ମାୟାଧରଙ୍କ ନିର୍ଦ୍ଦେଶରେ ତୁଳସୀ ଦିବ୍ୟସ୍ୱରୂପ ଗ୍ରହଣ କରି ତପସ୍ୟାର ଫଳସ୍ୱରୂପ ଗୋଲକବିହାରୀଙ୍କ ସହ ବୈକୁଣ୍ଠରେ ଲକ୍ଷ୍ମୀଙ୍କ ସହ ବିଷ୍ଣୁପ୍ରିୟା ହୋଇ ରହିଲେ । ତୁଳସୀଙ୍କ ମରଶରୀର ଗଣ୍ଡକୀ ନଦୀ ହେଲା, କେଶରାଶିରୁ ତୁଳସୀ ବୃକ୍ଷ ସୃଷ୍ଟି ହେଲା । ଲୀଳାମୟ ଠାକୁର ଶ୍ରୀଜଗନ୍ନାଥଙ୍କୁ ରସିକରାଜ କୁହାଯାଏ । ତାଙ୍କର ବିଭିନ୍ନ ନୀତି ଓ ବେଶରେ ଭିନ୍ନ ଭିନ୍ନ ରଙ୍ଗ ଓ ବାସ୍ନାର ଫୁଲ ଲାଗିଥାଏ । ଶ୍ରୀମନ୍ଦିରରେ ହେଉ କି ପହଣ୍ଡିରେ ଅବା ରଥ ଉପରେ ଫୁଲରେ ସୁସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେବେ ମଥାରେ ସର୍ବଦା ତୁଳସୀ ଶୋଭାପାଏ । ତୁଳସୀ ଓ ଦୟଣା ପ୍ରିୟ ହେଉଛନ୍ତି ଶ୍ରୀଜଗନ୍ନାଥ । ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ, ଆଉ ମହାପ୍ରସାଦରେ ବି ତୁଳସୀ । ତୁଳସୀ ପଡ଼ିଲେ ହିଁ ଭୋଗ ପାଲଟେ ମହାପ୍ରସାଦ । ତୁଳସୀ ପ୍ରିୟ ଠାକୁର ସେ । ସେଇଥିପାଇଁ ତ ମହାପ୍ରଭୁଙ୍କ ଟାହିଆ, ଟୋପର, ଗୁଣା, ନାକଚଣା ସମେତ ପ୍ରତିଟି ପୁଷ୍ପାଳାଙ୍କାରରେ ତୁଳସୀ ବ୍ୟବହୃତ ହୋଇଥାଏ । ପ୍ରଭୁ ଜଗନ୍ନାଥଙ୍କ ଛଡ଼ା ତୁଳସୀ ଟିକେ ପାଇଗଲେ ଭକ୍ତର ମନ ପୂରିଉଠେ । ତୁଳସୀରେ ପୂଜା, ତୁଳସୀରେ ଉପଚାର, ତୁଳସୀରେ ଆଜ୍ଞା ଓ ତୁଳସୀରେ ଅନୁରାଗ । ପ୍ରଭୁଙ୍କର ଏମିତି କୌଣସି ନୀତି ନାହିଁ, ଯେଉଁଠି ତୁଳସୀ ନ ଥାଏ । ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ ତୁଳସୀ । ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିଦିନ ପୁଷ୍ପମଣ୍ଡିତ ସମୟରେ ଫୁଲମାଳାରେ ତୁଳସୀ ଦିଆଯାଇଥାଏ । ମହାପ୍ରଭୁ ତୁଳସୀର ମାଳ ପିନ୍ଧିବାକୁ ଭଲ ପାଆନ୍ତିଛ ଶ୍ରୀଅଙ୍ଗରେ ତୁଳସୀ ମଞ୍ଜରୀ ପ୍ରଦାନ କଲେ ମହାପ୍ରଭୁ ସମସ୍ତ ମନୋବାଞ୍ଛା ପୂରଣ କରିଥାଆନ୍ତି ବୋଲି ବିଶ୍ୱାସ ରହିଛି । ଏମିତି ବି କୁହାଯାଏ ଯାହା ଘରେ ତୁଳସୀ ଚଉରା ଥାଏ ସେ ଘରେ ଦୈବୀ ଦୁର୍ବିପାକ ହୋଇ ନ ଥାଏ । ତୁଳସୀ ପୂଜା ସମୟରେ ନିମ୍ନ ଲିଖିତ ମନ୍ତ୍ର ଜପ କରିଲେ ବହୁ ଶୁଭ ଫଳ ମିଳେ – ୟନ୍ ମୂଳେ ସର୍ବ ତୀର୍ଥାନୀ ୟନ୍ ମଧ୍ୟେ ସର୍ବ ଦେବତା / ୟଦାଗ୍ରେ ସର୍ବ ବେଦାଶ୍ଚ ତୁଳସୀ ତ୍ୱଂ ନମାମ୍ୟହମ୍ ।


ଅରଙ୍ଗାବାଦ ବରୀ ଯାଜପୁର
ମୋ. ୮୨୪୯୫୦୨୭୭୬



# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

## ଡାଇରୀ ସାଇତା କବିତା

● ରମେଶ ମଙ୍ଗରାଜ



**୪୬୩**

ରାତି ତ ଫେରାଇଦେଲା
ପ୍ରେମିକାର ସବୁ ପ୍ରତିଶ୍ରୁତି
ଯାହାକୁ ମୁଁ ରଖିଥିଲି
ତା' କାନ୍ଥର ଠଣାରେ ସାଇତି ।୧।

ରାତି ତ ଛାତିରେ ତା'ର
ଛାପି ଦେଲା ମୋ' ପ୍ରେମିକା ଛବି
ମାଗିବାରୁ ମନା କଲା
କହିଥିଲା– 'କାହିଁକି ମୁଁ ଦେବି'।୨।

ବିବସ୍ତ୍ର ପ୍ରେମିକା ଦେହ
ରାତି ନେଇ ମଉଜ କରୁଛି
ମୋ ପ୍ରେମିକା ପ୍ରତିଶ୍ରୁତି
ମୋତେ ଏବେ କବି ସଜାଇଛି ।୩।

**୪୬୪**

ରାତି ମୋତେ ଅନ୍ଧକରେ
ସ୍ୱପ୍ନମୟୀ ଦେହର ଗନ୍ଧରେ
ଅନ୍ଧକାର ଟାଣି ଧରେ
ଚଉଷଠି ଛନ୍ଦ ଓ ବନ୍ଧରେ ।୧।

ପାହାନ୍ତି ଚେତାଇ ଦିଏ
ଝାଡ଼ିବାକୁ ଅସଜଡ଼ା ଶେଯ
ମନ କିନ୍ତୁ ମାନେ ନାହିଁ
ଛାଡିବାକୁ ରାତିର ମଉଜ ।୨।

କାଉ କାଆ ଡାକି ଦେଲେ
ନିଦ ହଜେ ସକାଳ ଆସଇ
ଇଚ୍ଛାହୁଏ ଆଉଥରେ
ରାତି ପାଖେ ଫେରିଯିବା ପାଇଁ ।୩।

**୪୬୫**

ରାତି ଭାରି ଭଲ ଲାଗେ
ଏକାନ୍ତରେ ପାଇ ତୁମ ଛୁଆଁ
ପାହାଡ଼ ସମାନ ଦୁଃଖ
ଜାଳିଦିଏ ତମ ପ୍ରୀତି ନିଆଁ।୧।

ମନମୋର ପଣବନ୍ଦୀ
ତମ ପ୍ରେମ ପ୍ରଣୟକୋଠିରେ
ପଣିକିଆ ଘୋଷୁଥାଏ
ନିଶବଦ ଅନ୍ଧାରୀ ରାତିରେ ।୨।

ଏମିତିକା କଟିଯାଉ
ରାତି ମୋର ସୁଖ ସ୍ୱପ୍ନ ନେଇ
ତମ ପାଖେ ରହିଥାଉ
ମନ ମୋର ପଣବନ୍ଦୀ ହୋଇ।୩।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୬୨୧୬୨୮୦**

## ଯୀଶୁ

● ଅୟସକାନ୍ତ



ସବୁ ପଶୁ ପ୍ରବୃତ୍ତିର
ଆକ୍ରମଣ ସହିପାରେ ଯେ
ସେ ଯୀଶୁ
ଯନ୍ତ୍ରଣା ତାକୁ ଦେଇ ଦେଇ ଥକିପଡ଼େ
ମଣିଷ–ପଶୁ
ଯୀଶୁ କ୍ରୁଶ୍‌ରେ ଚଢିବା ପରେ
ଅମର ରହେ ବୋଲି ବୋବାଳି ଛାଡେ
ସେହି ପଶୁ ।
ଯଦି ହଠାତ୍ ଫେରନ୍ତି ଯୀଶୁ
ସେମାନଙ୍କ ଅହମିକାରେ
ନିଆଁ ଲାଗିଯିବ
ସ୍ୱାର୍ଥପରତା ବିଫଳ ହେବ
ଧରାପଡିଯିବେ ମିଛ ମହାତ୍ମାମାନେ ।
ପ୍ରତି ପ୍ରାର୍ଥନାରେ ସେମାନେ
ମିନତି କରୁଥିବେ
ଫେରିଆସନା ପ୍ରଭୋ
ସେଇଠି ଥାଅ
ତମ ଲାଗି ଆମ ବଣିଜ ବେପାର
ତମ ଲାଗି ଆମ ପ୍ରେମପ୍ରେମ ବିକଟ ଚିତ୍କାର
ତମ
ଆମ ଉତ୍ତମାଶାରେ ତମ ଆଶିଷ ମିଶି
ସିନ୍ଦୂରା ଫାଟୁ
ରଙ୍ଗୀନ୍ ହେଉ
ପୂର୍ବଶା
ଗୋଧୂଳିର ଗେରୁଧୂଳି
ଚନ୍ଦନ ସମ ବୋଳି ହେଉ କପାଳରେ
ଅନ୍ଧ ପାଇଁ ଇନ୍ଦ୍ରଧନୁ ଆଙ୍କ
ପ୍ରିୟତମ ଈଶ୍ୱର ପୁତ୍ର
ତମେ ସବୁ କଷ୍ଟ ନେଇଯାଇଛି ବୋଲି
ଏବେ କହନ୍ତି ତମକୁ ମାରିଥିବା
ପାମର ପାପିଷ୍ଠ
ହଁ ଏ' କ୍ରୁଶବିଦ୍ଧ ସମୟର ନାଁ
ଯୀଶୁଖ୍ରୀଷ୍ଟ !



ମୋ.୮୭୬୩୩୯୩୧୧୬

## ଶୀତ ଫେରେଇ ପାରେନା ତାରୁଣ୍ୟ

### କଥା ଏତିକି

● ସୁନୀଲ ବୋଷ



**ବ**ର୍ଷା ଛିଟା ଦେହରେ ବାଜିଲେ ଶିହରଣ ଖେଳିଯାଏ ମନରେ, ଭିଜିଲେ ତ ମନେପଡ଼ିଯାଏ କଲେଜ ବୟସର ଦିନସବୁ, ତାରୁଣ୍ୟର ଏକ ସ୍ରୋତ ବହିଯାଏ ଭିତରେ ଭିତରେ– ବର୍ଷାର ଏମିତି ଗୋଟେ କ୍ଷମତା ରହିଛି । ହେଲେ ଶୀତର ଛୁଆଁ ଫେରେଇ ପାରେନା ଅତୀତର ସେ ସଜ ଛନ୍‌ଛନ୍ ମନସବୁକୁ, ଗତ ଯୌବନକୁ ଆଉ ତଟକା ତାରୁଣ୍ୟକୁ, ବରଂ ଶୀତର ଛୁଆଁ କାରୁଣ୍ୟ ଭରିଦିଏ ମନରେ ।

ଶୀତର ଛୁଆଁ ସବୁବେଳେ ପାକଳ ବୟସର ମଣିଷଙ୍କ ପାଇଁ ଅସହ୍ୟ ହୋଇଥାଏ । ଆଣ୍ଠୁଗଣ୍ଠି ଧରିଲେ ଆଉ ଧଇଁପେଲା କାଶ ଆରମ୍ଭ ହେଲେ ଜାଣିହୁଏ ଶୀତ ଆସିଛି, କ୍ୟାଲେଣ୍ଡର ଦେଖିବାକୁ ପଡ଼େନି ।

ଶୀତର ଛୁଆଁ ଏ ବୟସର ତ୍ୱଚାକୁ ଅଧିକ ରୁକ୍ଷ କରାଏ । ବୟସର ହିସାବ ସିଏ ଗୋଟି ଗୋଟି କରି ଦିଏ ଲୋଳିତ ତ୍ୱଚାରେ ।

ଶୀତର ଛୁଆଁରେ ବାର୍ଦ୍ଧକ୍ୟ ଯନ୍ତ୍ରଣାଦାୟକ ହେଲାବେଳେ କ'ଣ ତାରୁଣ୍ୟ ମନେପଡ଼େ, ଯେମିତି ବର୍ଷାର ଛୁଆଁରେ ମନେପଡ଼େ? କେବେବି ମନେପଡ଼େନି କଲେଜ ବୟସର ସେସବୁ ଦିନକଥା, ଯେତେବେଳେ ଅଳ୍ପ ଶୀତରେ ଲାଜେଇ ପ୍ରେମିକା ସହ ଅଳ୍ପ ପରିଚୟ ବେଶ୍ ଉଷ୍ମତା ଦେଉଥିବାର ଅନୁଭବ । ଶୀତ ବଢ଼ିବା ସହ ପରିଚୟ ପାକଳ ହେଉଥାଏ । ଫୁଟ୍‌ପାଥ୍‌ରେ ପ୍ରେମିକା ସହ ଚିନାବାଦାମ ଖାଇ ଖାଇ ବାଟ ଚାଲିବା ଭିତରେ ଅନେକଥର ମନର କଥା କହିବେ କହିବେ ହୋଇ କହିପାରିନଥିବେ, ଚିନିବାଦାମ ସରିଯାଇଥିବ । ରାତିରେ ରେଜେଇ ଭିତରେ ଶୋଇ ଶୋଇ ଅନେକ ସ୍ୱପ୍ନ ଦେଖିଥିବେ, ଯେଉଁ ସ୍ୱପ୍ନ ବାରମ୍ବାର ଦେଖିବାକୁ ମନ ଚାହିଁଥିବ । ଶୀତ ଫେରିଯିବା ଭଳି ଦିନେ ସେ ପ୍ରେମିକା ଫେରିଯାଇଥିବ ଆପଣଙ୍କ ହାତ ପାଆନ୍ତାରୁ ହୃଦୟରେ କିଛି ସ୍ଥାନ ଅଧିକାର କରି ।

ଶୀତ କ'ଣ ଏସବୁ ସ୍ମୃତିକୁ ଫେରେଇପାରେ ଯେମିତି ବର୍ଷା ଫେରେଇପାରେ ତା' ସାମାନ୍ୟ ଛୁଆଁରେ?

ଶୀତ ଫେରିଯିବାକୁ ବସିଥିବ । ହଷ୍ଟେଲରୁ ଘରକୁ ଆସିଥିବା ପଡ଼ିଶା ଘର କଲେଜ ପଢୁଆ ଝିଅଟି ଫେରିବ ଫେରିବ ବୋଲି ହେଉଥିବ ହଷ୍ଟେଲକୁ । ଆପଣ ସେ ବୟସରେ ଭାବୁଥିବେ ଛାତ ଉପରେ ହୁଏତ ଆଉ ତାକୁ ଦେଖିବାକୁ ମିଳିବନି, ସିଏ ଗାଧୋଇ ସାରି ତା' ଓଦା କେଶକୁ ଶୁଖାଉଥିବା ବେଳେ । ଛାଇ ଲେଉଟିଲେ କ'ଣ ଆଉ ଆସିବ ତା' ଡ୍ରେସ ସବୁକୁ ତୋଳିନେବାକୁ ତାରରୁ? ସେ ନିଶ୍ଚେ ଫେରିଯିବ ଆଉ କେଇଦିନରେ ।

ବାର୍ଦ୍ଧକ୍ୟରେ ଶୀତର ଛୁଆଁ ଏସବୁ ସ୍ମୃତିକୁ ମନେପକେଇ ଦିଏନି ବରଂ ମନ ଚାହେଁ ଏ ଶୀତ କେବେ ଫେରିଯିବ ।

## ଡିସେମ୍ବର ୩୧

● ଦେଶବନ୍ଧୁ ସ୍ୱାଇଁ

**କ**ମ୍ବଳ ଭିତରୁ ମୁହଁ ବାହାର କରି ସେ ପଦାକୁ ଚାହିଁଲା ।

ଝରକା କବାଟର ଫାଙ୍କ ଦେଇ ମୁକ୍ତିବାହିନୀ ଆଲୋକମାନେ ଅନେକ ପୂର୍ବରୁ ତା'ର ସେହି କ୍ଷୁଦ୍ର ପ୍ରକୋଷ୍ଠ ମଧ୍ୟରେ ପ୍ରବେଶ କରି ତାକୁ ଅନ୍ଧାର କବଳରୁ ମୁକ୍ତ କରି ସାରିଲେଣି ।

କେତେଟା ବାଜିଲା ? ସାତ ନା ଆଠ ? ନିକଟସ୍ଥ ଛୋଟ ଟେବୁଲ ଉପରେ ଥୁଆ ହୋଇଥିବା ଆଲାରାମ ଘଣ୍ଟାଟିକୁ ସେ ମୁଣ୍ଡ ଉଠାଇ ଚାହିଁଲା ।

କେତେ ! ଦଶ !!

ଘଣ୍ଟାଟାର ହୃତ୍‌ପିଣ୍ଡର ଟିକ୍ ଟିକ୍ ଶବ୍ଦ ତା' କାନରେ ବାଜି ନଥିଲେ ସେ ହୁଏତ ମନେ କରିଥାନ୍ତା ସେ ଘଣ୍ଟାଟା ରାତି ଦଶଟାରୁ ମରିପଡିଛି ।

କୌଣସି ଏକ ଔଷଧ କମ୍ପାନୀ ପ୍ରଦତ୍ତ ମୁଭେବୁଲ କ୍ୟାଲେଣ୍ଡରଟା ଘୋଷଣା କରୁଥିଲା ଯେ ଆଜି ଡିସେମ୍ବର ଏକତିରିଶ । ବର୍ଷର ଶେଷ ଦିନ । କିନ୍ତୁ ପ୍ରକୃତରେ ଆଜି ହେଉଛି ନବବର୍ଷର ପ୍ରଥମ ଦିନ । ଗତାନୁଗତିକ ଭାବେ ସେ ଯଦି ସକାଳ ସାତଟାରେ ଶଯ୍ୟା ତ୍ୟାଗ କରିଥାନ୍ତା ତେବେ ସର୍ବପ୍ରଥମେ କ୍ୟାଲେଣ୍ଡରଟାକୁ ବଦଳାଇ ଡିସେମ୍ବର ଏକତିରିଶ ପରିବର୍ତ୍ତେ ତାକୁ ଜାନୁଆରୀ ଏକ କରିବାକୁ ପଡିଥାନ୍ତା ।

ଦଶଟା ବାଜି ଯାଇଥିଲେ ମଧ ବିଛଣା ଛାଡି କ୍ୟାଲେଣ୍ଡରଟାକୁ ବଦଳାଇବା ପାଇଁ ତା'ର ଆଦୌ ଇଚ୍ଛା ହେଲା ନାହିଁ । କଇଁଛ ପରି କମ୍ବଳର ଖୋଳପା ମଧ୍ୟରୁ ମୁହଁଟାକୁ ଭର୍ତ୍ତି କରିଦେଇ ସେ ଡିସେମ୍ବର ଏକତିରିଶ ତାରିଖ ରାତି କଥା ମନେ ପକାଇଲା ।

ବ୍ଲାଉଜ ଓ ବ୍ରେସିଅରର ଶକ୍ତ ବେଷ୍ଟନୀ ମଧ୍ୟରୁ ମୁକ୍ତି ପାଇଥିବା ଦୁଇଟି ବିଶାଳାକୃତି ସ୍ତନ ପ୍ରଥମେ ତା' ସ୍ମୃତିର ପରଦାରେ ନାଚି ଉଠିଲେ । ତା'ପରେ ଲିପ୍‌ଷ୍ଟିକ ବୋଳା ଦୁଇଟି ଅଧର.... କ୍ରିମ ମଖା ପାଲିସ ଗଣ୍ଡଦେଶ... ମେଦ ବହୁଳ ନାଭିମଣ୍ଡଳ.... ଦୁଇଟା ସଘନ ଜାନୁ ଓ ସର୍ବଶେଷରେ ଜାନୁ ମଧ୍ୟସ୍ଥ ସେହି ଆଦିମ ଅରଣ୍ୟ !

ମା'ଙ୍କ ଶରୀରର ଏହିସବୁ ଲୁକ୍କାୟିତ ସଂପଦ ପାଇଁ କେତେ ବଡ଼ ବଡ଼ ଲୋକ କେତେ ଯେ ଖର୍ଚ୍ଚ କରିନାହାନ୍ତି ! କିଏ ଚଣ୍ଡିଖୋଲ ବୁଲେଇ ନେଇଛି ତ କିଏ ତପ୍ତପାଣି, କିଏ ପୁରୀ ତ କିଏ ଗୋପାଳପୁର । ଆଜି ଏ ହୋଟେଲରେ ଡିନର ତ କାଲି ସେ ହୋଟେଲରେ ଲଞ୍ଚ । ଏହା ସାଙ୍ଗକୁ ପୁଣି ନେକ୍‌ଲେସ୍, ରିଙ୍ଗ ଓ ଶାଢିର ସ୍ରୋତ... !

ସବୁକଥା ସେ ଦେଖେ ଓ ଜାଣେ । ନିଜ ହାତରେ ଉପହାର ଧରି ମା'ଙ୍କ ପଛେ ପଛେ ଚାଲେ । ତାଙ୍କ ବରାଦ ମୁତାବକ ବିଦେଶୀ ପାନୀୟ ଆଣି ପହଞ୍ଚାଇଦିଏ ।

ମା'ଙ୍କ ଅଫିସରେ ଥିବା ପର୍ଯ୍ୟନ୍ତ ତା'ର ଛୁଟି । କିନ୍ତୁ ଅଫିସରୁ ଫେରିଲେ ଏଠିସେଠି ତାଙ୍କୁ ବୁଲାଇ ଫେରିଲା ବେଳକୁ କେଉଁଦିନ ରାତି ବାର ତ କେଉଁଦିନ ଦୁଇ !

ପୁରୁଣା ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ ଜଣାଇବା ନିମନ୍ତେ ସହରର ପ୍ରଖ୍ୟାତ ହୋଟେଲରେ ଆୟୋଜିତ ଏକ କକ୍‌ଟେଲ ପାର୍ଟିକୁ ମ । '



ଏବଂ ତାଙ୍କର ଅନ୍ୟାନ୍ୟ ବନ୍ଧୁମାନେ କାଲି ରାତିରେ ଯାଇଥିଲେ ।

ରାତି ଦଶଟାରେ ମା'ଙ୍କୁ ସେଠି ପହଞ୍ଚାଇ ଦେଇ ଚିରାଚରିତ ଭଙ୍ଗୀରେ କାରର ଷ୍ଟିଅରିଂ ଉପରେ ମୁଣ୍ଡ ରଖି ସେ ଶୋଇ ପଡିଥିଲା । ତା'ପରେ ମା'ଙ୍କ ଡାକରେ ନିଦରୁ ଉଠି ଦେଖିଲା ଯେ ମା' ପଛ ସିଟ୍‌ରେ ନବସି ଆଗ ସିଟ୍‌ରେ ବସି ଟଳୁଛନ୍ତି ।

ସେ କାର୍‌ରେ ଷ୍ଟାର୍ଟ ଦେଲା ।

ପୋର୍ଟିକୋରେ ପହଞ୍ଚି ମା'ଙ୍କ ଉଦ୍ଦେଶ୍ୟରେ ସେ କାରର ଦରଜା ଖୋଲି ଧରିଲା ।

ମା' କିନ୍ତୁ ବାତ୍ୟାରେ ଏକ ଅପନ୍ତରା ବୃକ୍ଷ ସଦୃଶ ଭାରସାମ୍ୟ ହରାଇ ଭୀଷଣ ଭାବେ ଦୋହଲୁଥିଲେ ।

ସେ ଯେ ମା'ଙ୍କୁ ଏ ଅବସ୍ଥାରେ ପ୍ରଥମ କରି ଦେଖୁଥିଲା ତା' ନୁହେଁ । ତେବେ ଏଥରକର ଅବସ୍ଥା ସମ୍ପୂର୍ଣ୍ଣ ଆୟତ୍ତାଧୀନ ଥିଲା ।

ମା'ଙ୍କୁ ଓହ୍ଲାଇବାରେ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେ ସାମାନ୍ୟ ଇତସ୍ତତଃ ହୋଇ ସରୀସୃପର ଗଣ୍ଡି ସଦୃଶ ତାଙ୍କ ସ୍ଲିପଲେସ୍ ବାହୁରୁ ଗୋଟିଏ ଧରି ବାହାରକୁ ଟାଣିଲା । କିନ୍ତୁ ମା'ଙ୍କର ସେ ମେଦବହୁଳ ବପୁଟାକୁ ସେ ଗୋଟିଏ ହାତରେ ଝିଙ୍କିବାକୁ ସମର୍ଥ ହୋଇପାରିଲା ନାହିଁ । ତେଣୁ ଅଗତ୍ୟା କାର୍ ଭିତରକୁ ସମ୍ପୂର୍ଣ୍ଣ ଝୁଙ୍କିପଡି ଦୁଇ ହାତରେ ଦୁଇ ବାହୁ ମୂଳକୁ ଧରି ତାଙ୍କୁ ବାହାରକୁ ଟାଣି ଆଣିବାକୁ ପଡିଥିଲା । ମା' କିନ୍ତୁ ବାହାରକୁ ଆସି ପ୍ରକୃତିସ୍ଥ ହେବା ପରିବର୍ତ୍ତେ ହଠାତ୍ ସର୍ପ ପାଲଟିଯାଇ ତା' ଦେହରେ ଗୁଡାଇ ହୋଇଗଲେ ! ତାଙ୍କ ନାକ ପୁଡାରୁ ନିର୍ଗତ ସୁ ସୁ ଗର୍ଜନରେ ସେ ଭୀତତ୍ରସ୍ତ ହୋଇ ତାଙ୍କଠାରୁ ମୁକୁଳିବା ପାଇଁ ଟାଣି ଓଟାରି ହୋଇଥିଲେ ମଧ ବିଫଳ ହୋଇଥିଲା । ଆହୁରି ନିବିଡ ଭାବେ ମା' ତା ଦେହରେ ଜଡି ଯାଉଥିଲେ, ଏବଂ ଓଃ, ଡାର୍ଲିଙ୍ଗ– ଅସ୍ପଷ୍ଟ ଭାବେ ଏତକ ଉଚ୍ଚାରଣ କରି ତାକୁ ଦଂଶନ କରିବାକୁ ଆରମ୍ଭ କରିଦେଲେ । ପ୍ରଥମେ ତାର ଓଠ, ତା'ପରେ କପାଳ ତା'ପରେ.... ତା' ପରେ...

ତା'ପରେ କ'ଣ ହେଲା, ସବୁ ସ୍ପଷ୍ଟ ଭାବେ ମନେ ପଡୁନି । ସବୁ ଝାପ୍‌ସା ଝାପ୍‌ସା । କାରଣ ସେତେବେଳକୁ ମା'ଙ୍କ ଅଧରର ବିଷ ତା ଶରୀରର ଶିରା ପ୍ରଶିରାରେ ଚରି ଯାଇଥିଲା ।

ମା'ଙ୍କୁ ଟେକି ଆଣି ନିଜ ଖଟ ଉପରେ ପକାଇଦେଇ ଷ୍ଟିଅରିଂ ଧରା କର୍କଶ ହାତରେ ସେ ତାଙ୍କର ସମସ୍ତ ପରିଧେୟଗୁଡିକୁ ଗୋଟି ଗୋଟି କରି ଖୋଲି ଫୋପାଡି ଦେଇଥିଲା । ବିଷ ପ୍ରକ୍ରିୟାରେ ସେତେବେଳକୁ ସେ ନିଜେ ମଧ ମା'ଙ୍କ ପରି ସଁ ସଁ ଗର୍ଜନ କରୁଥିଲା ।

ତା'ର ପେଶୀବହୁଳ ଉତ୍ତପ୍ତ ଶରୀରର ସଂସ୍ପର୍ଶରେ ଆସି ମା'ଙ୍କ ତନୁର ବରଫ ସବୁ ଖୁବ୍ ଜୋର୍‌ରେ ତରଳିବାକୁ ଆରମ୍ଭ କଲେ । ତା'ପରେ ହଠାତ୍ ଦୁଇକୂଳ ଲଂଘି ବରଫ ନଦୀରେ ଛୁଟି ଆସିଲା ଯୌବନର ବନ୍ୟା ।

କଳ କଳ.... ଛଳ ଛଳ... ସେ ଯମୁନାର ସ୍ରୋତ ଏବଂ ସେହି ଖରସ୍ରୋତା କାମ– ଯମୁନାର ଭଉଁରୀ ମଧ୍ୟରେ ସେ ଅଣନିଃଶ୍ୱାସୀ ହୋଇପଡୁଥିଲା ।

ଯେତିକି ଜୋରରେ ବନ୍ୟା ଆସିଥିଲା ସେତିକି ଜୋରରେ ଛାଡିଗଲା ।

ମା' ଉଠିପଡ଼ି ଶାଢିଟାକୁ ଦେହରେ ଗୁଡାଇ ଦୋହଲି ଦୋହଲି ନିଷ୍କ୍ରାନ୍ତ ହୋଇଗଲେ । ନଦୀର ପଠା ଉପରେ ସେ କିନ୍ତୁ ପଡି ରହିଥିଲା ଗୋଟିଏ ମୁର୍ଦ୍ଦାର ପରି... ନୀରବ, ନିଶ୍ଚଳ ।

xxxx

'ଡ୍ରାଇଭର... ହୋ ଡ୍ରାଇଭର...'

ତା'ପରେ କବାଟରେ ଧଡ ଧଡ ଶବ୍ଦ ।

କମ୍ବଳ ଭିତରୁ ମୁହଁ କାଢି ସେ କାନ ଡେରିଲା । ବୃଦ୍ଧ ପୂଝାରୀ ଡାକୁଛି ।

ବଡ ବିରକ୍ତିରେ ସେ ଯାଇ କବାଟ ଖୋଲିଲା ।

ମା' ଡାକୁଛନ୍ତି, ଜଲ୍‌ଦି ଆସ– କହି ଦେଇ ପୂଝାରୀ ବୁଲିପଡି ଚାଲିଗଲା ।

ଜଲ୍‌ଦି ଯିବାର କାରଣ କ'ଣ ହୋଇପାରେ ? ଆଜି ତ ଅଫିସ ଛୁଟି । ନ୍ୟୁଇୟରସ୍ ଡେ ।

ଘଟଣା କ'ଣ ଜାଣିବା ଲାଗି ମୁହଁଟା ଧୋଇ ପକାଇ, ଦେହରେ ହାୱାନି ଗଳେଇ ଦେଇ ସେ ଚପଲ ଘୋଷାରି ଘୋଷାରି କ୍ୱାର୍ଟର ଅଭିମୁଖେ ପାଦ ବଢାଇଲା ।

ମା' ବାରଣ୍ଡାରେ ଠିଆ ହୋଇଛନ୍ତି । ଦେହଟା ତାଙ୍କର ଧଳା ଶାଢିରେ ଆବୃତ ।

ମା'ଙ୍କୁ ସେ ଗୋଟିଏ ସିଂହୀ ସଦୃଶ ଭୟ କରୁଥିଲା । କିନ୍ତୁ ଆଜି ତାକୁ ଜଣାପଡୁଥିଲା ସିଂହୀ ପରିବର୍ତ୍ତେ ଗୋଟିଏ ଧଳା ପୁଷି ତା'ରି ପ୍ରତୀକ୍ଷାରେ ବାରଣ୍ଡାରେ ଠିଆ ହୋଇଛି । ସେ ବର୍ତ୍ତମାନ ମିଆଁଉ ମିଆଁଉ ଶବ୍ଦ କରି ତା ଦେହରେ ଘଷି ହେବ । ମାଇଁ ଡାର୍ଲିଙ୍ଗ... .ମାଇଁ ଡାର୍ଲିଙ୍ଗ ବୋଲି ଘୁଡୁରୁ ଘୁଡୁରୁ ଶବ୍ଦ କରି ତା କୋଳ ଭିତରେ ପଶିଯିବ ।

ସେ ବାରଣ୍ଡା ଉପରକୁ ଉଠିଲା ଏବଂ ମିଆଁଉ ମିଆଁଉ ଶବ୍ଦର ପ୍ରତୀକ୍ଷାରେ ତଳକୁ ମୁହଁ ପୋତି କାନ ଡେରିଲା ।

କ'ଣ ଏପର୍ଯ୍ୟନ୍ତ ନିତ୍ୟକର୍ମ ସରିନି ?– ସିଂହୀର ଗର୍ଜନ ।

ଉତ୍ତୁଙ୍ଗ ପର୍ବତ ଶିଖରରୁ ତାକୁ କିଏ ଯେପରି ତଳେ କଚାଡି ଦେଲା ! ସେ ଉପରକୁ ମୁଣ୍ଡ ଟେକିଲା । ପୁଷି ନୁହେଁ, ସିଂହୀଟିଏ ତା' ସମ୍ମୁଖରେ ଠିଆ ହୋଇଛି ଏବଂ ଚଷମା ମଧ୍ୟରେ ତା ଆଖି ଦୁଇଟା ହୁତୁ ହୁତୁ ହୋଇ ଜଳୁଛନ୍ତି । 'ୟୁସ୍‌ଲେସ ଫେଲୋ... । ଆଚ୍ଛା ମୁଁ ଚେୟାରମ୍ୟାନଙ୍କ ଘରେ ଅପେକ୍ଷା କରିଛି । ତୁମେ ଅଧଘଣ୍ଟା ମଧ୍ୟରେ ସେଠି ଗାଡି ନେଇ ପହଞ୍ଚ ।' ଏହା କହି ମା' ରୁମ ଭିତରକୁ ପଶିଗଲେ ।

ସେ ସମ୍ପୂର୍ଣ୍ଣ ଶଙ୍କି ଯାଇଥିଲା । କାରଣ ମା' ରାଗିଲେ ଏଇ 'ୟୁସ୍‌ଲେସ୍' ଶବ୍ଦଟିକୁ ବ୍ୟବହାର କରିଥାନ୍ତି ।

ଯେମିତି ନିରବରେ ସେ ବାରଣ୍ଡାକୁ ଉଠିଥିଲା ସେମିତି ନିରବରେ ସେ ଓହ୍ଲାଇ ଆସିଲା । ରୁମ୍‌ରେ ପହଞ୍ଚିବା ପରେ ଝରକା ଦେଇ ସେ ପଦାକୁ ଚାହିଁ ଦେଖିଲା ଯେ ମା ଗେଟ୍ ନିକଟରେ ଯାଉଥିବା ଗୋଟିଏ ରିକ୍ସାକୁ ଅଟକାଇ ସେଥିରେ ଉଠୁଛନ୍ତି ।

ସେ ଝରକା ନିକଟରୁ ଚାଲି ଆସିଲା ଏବଂ ଟେବୁଲ ଉପରେ ଥୁଆ ହୋଇଥିବା ମୁଭେବୁଲ କ୍ୟାଲେଣ୍ଡରଟାକୁ କିଛି ସମୟ ଚାହିଁଲା ।

ଡିସେମ୍ବର ଏକତିରିଶ !

ଡିସେମ୍ବର ଏକତିରିଶ !!

ଡିସେମ୍ବର ଏକତିରିଶ !!!

ଡିସେମ୍ବର ଏକତିରିଶ ଅତୀତରେ ହଜିଗଲାଣି । ତେଣୁ ମିଆଁଉ ମିଆଁଉ କରୁଥିବା ପୁଷିଟା ପୁଣି ସିଂହୀ ପାଲଟିଗଲାଣି । ବର୍ତ୍ତମାନ ସିଂହୀକୁ ପୁଷି ବୋଲି ମନେ କରିବା ଚରମ ନିର୍ବୋଧତା ।

ବର୍ତ୍ତମାନର ସ୍ରୋତରେ ନିଜକୁ ଭସାଇ ଦେବା ଉଦ୍ଦେଶ୍ୟରେ ସେ ହଠାତ କ୍ୟାଲେଣ୍ଡରର ହୁଇଲ ମୋଡି ଜାନୁଆରୀ ଏକ କରିଦେଇ ନିତ୍ୟକର୍ମ କରିବା ଉଦ୍ଦେଶ୍ୟରେ ଟ୍ୟାପ୍ ନିକଟକୁ ପାଦ ବଢାଇଲା ।

**ପାଟଳଦା, ଅସ୍ତରଙ୍ଗ, ପୁରୀ**

## ଦୁଇଟି ବ୍ୟଙ୍ଗ ଗଳ୍ପ

■ ମନୋରମା ମିଶ୍ର

## ପରିବେଶ ସୁରକ୍ଷା

**ଚି**ତ୍ରାଦେବୀ ଜଣେ ନାମଜାଦା ମହିଳା । ବୟସ ବେଶ୍ ପାକଳ ହୋଇଥିଲେ ମଧ ଚେହେରାରୁ ଧରାପଡ଼େନି । ସୁରେଶ୍ୱରୀ ମହିଳା ସମିତିର ସମ୍ପାଦିକା ସେ ।

ସେଦିନ ବିଶ୍ୱ ପରିବେଶ ଦିବସରେ ବିଭିନ୍ନ ମହିଳା ସମିତିର ସଭ୍ୟା ଏବଂ ସମ୍ପାଦିକାମାନେ ରାଜଧାନୀର କୌଣସି ଏକ ସ୍ଥାନରେ ଏକତ୍ରିତ ହୋଇଥାଆନ୍ତି । ଉଦ୍ଦେଶ୍ୟ ସୁସ୍ଥ ପରିବେଶ କିଭଳି ଗଠନ କରିହେବ ସେ ସମ୍ବନ୍ଧରେ ସମ୍ପାଦିକାମାନେ ମହିଳାମଣ୍ଡଳୀଙ୍କୁ କିଛି କିଛି ଦିଗ୍‌ଦର୍ଶନ ଦେବେ । କିଛି ସମ୍ପାଦିକା ସ୍ୱଳ୍ପ ସମୟରେ ଉପାଦେୟ କଥାମାନ କହିଲେ । ସେତେବେଳକୁ ଚିତ୍ରାଦେବୀ ଖୁବ୍ ଛଟପଟ ହେଲେଣି ତାଙ୍କ ପାରିବାପଣିଆ ବଖାଣିବାକୁ । କେତେ ସଫେଇକାମ ତାଙ୍କ ଅଞ୍ଚଳରେ କରିଛନ୍ତି, ଲୋକେ କେତେ ବାହା ବାଃ ଦେଉଛନ୍ତି, ସେତକ କହିବା ପାଇଁ । କିଛି ସମୟ ପରେ ଚିତ୍ରାଦେବୀଙ୍କୁ ସୁଯୋଗ ମିଳିଲା । ସେ ଅନର୍ଗଳ ପରିବେଶ ସୁରକ୍ଷା ଉପରେ କହିଚାଲିଲେ । ତା' ସହିତ କହିଲେ, କାହାଠୁ ସମ୍ବର୍ଦ୍ଧନା ପାଇଛନ୍ତି, କେଉଁଠାରୁ ପୁରସ୍କାର ତଥା ଉଚ୍ଛ୍ୱସିତ ପ୍ରଶଂସା ପାଇଛନ୍ତି ଏବଂ ବାହାରକୁ ଯାଇ କାମ କରୁ କରୁ କେତେବେଳେ ନିଜ ଘରର ଦେଖାଶୁଣା ପାଇଁ ଫୁରସତ୍ ବି ଟିକେ ପାଇନାହାନ୍ତି ତଥାପି ଦୁଃଖ କରିନାହାନ୍ତି ଇତ୍ୟାଦି ଇତ୍ୟାଦି । ତାଙ୍କର ଏ ମହା ମୂଲ୍ୟବାନ ଭାଷଣ ଏବଂ ଆତ୍ମପ୍ରଶସ୍ତି କେତେବେଳ ଯାଏଁ ଚାଲିଥାଆନ୍ତା କିଏ ଜାଣେ, ଠିକ୍ ଏତିକି ବେଳକୁ ଚା' ସହିତ ଜଳଖିଆ ପ୍ୟାକେଟ୍ ଚାଲିଆସିଲା । ଚିତ୍ରାଦେବୀଙ୍କ ଭାଷଣ ଅକସ୍ମାତ ବନ୍ଦ ହୋଇଗଲା । ଅନ୍ୟବକ୍ତାଙ୍କ ପାଇଁ ମାଇକ୍ରୋଫୋନ୍ ଛାଡ଼ିଦେଇ ସେ ଗହଳି ଭିତରକୁ ଚାଲିଆସି ଚା' ଜଳଖିଆ ଧରି ବସି ପଡିଲେ । ଆଃ ଏତକ ଦରକାର ଥିଲା ଏ ବେଳରେ । ଅଚିରେ ସବୁ ଉଦରସ୍ଥ କରି ପରିବେଶ ସୁରକ୍ଷାକାରିଣୀ ଚିତ୍ରାଦେବୀ ୟୁଜ୍ ଆଣ୍ଡ ଥ୍ରୋ ଗ୍ଲାସ୍ ଏବଂ ଖାଲି ଜଳଖିଆ ପ୍ୟାକେଟ୍‌ଟିକୁ ହାତରେ ଚାପିଚୁପି ଦେଇ ବାରଣ୍ଡାରେ ଥୁଆ ହୋଇଥିବା ଡଷ୍ଟବିନ୍ ପର୍ଯ୍ୟନ୍ତ ନଯାଇ ଏଣେତେଣେ ଚାହିଁ ନିଜ ଚେୟାର ତଳକୁ ଫିଙ୍ଗିଦେଲେ ।

## ପ୍ରବଚନ ଶୁଣିବାକୁ ଯିବା ପୂର୍ବରୁ

**ଦୁ**ଇଦିନ ହେଲାଣି ବାବା ଆସି ସ୍କୁଲ ସାମ୍ନା ପଡ଼ିଆରେ ସନ୍ଧ୍ୟାବେଳେ ପ୍ରବଚନ ଦେଉଛନ୍ତି । ଦୀର୍ଘ ବର୍ଷେ ପରେ ବାବା ପୁନର୍ବାର ଆସିଛନ୍ତି । ରଜନୀ ଆଜି ପ୍ରବଚନ ଶୁଣି ଯିବାକୁ ବାହାରିଛି । ଚାରିଟା ବାଜିଗଲାଣି । ଯିବା ପୂର୍ବରୁ ତାକୁ ଅନେକ କାମ ସାରିବାକୁ ପଡ଼ିବ । କାମ କରୁ କରୁ ହଠାତ୍ ନିରିହ, ନିକମ୍ମା ସ୍ୱାମୀକୁ ଟିଭି ଲଗାଇ ବସିଯିବାର ଦେଖି ମନଇଚ୍ଛା ଗୁଡ଼ାଏ ଗାଳିଦେଲେ । ତା'ପରେ ସକାଳର ଫୁଟାକ୍ଷୀରକୁ ଅଳ୍ପ ଗରମ କରି ଶ୍ୱଶୁରଙ୍କ ପାଇଁ ଗୋଟେ ଗିନାରେ ଢାଳିଦେଇ ଚିନି ଆଣିବାକୁ ଗଲେ । ଚିନିଟିକେ ଧରି ଆସିଲା ବେଳକୁ ବିଲେଇଟା କ୍ଷୀର ଗିନାରେ ମୁହଁମାରି ଦେଲାଣି । ବିଲେଇକୁ ଘଉଡ଼ାଇବାକୁ ଯାଇ ଏମିତି ଶକ୍ତ ଗୋଇଠାଏ ମାରିଲା ଯେ ବିଲେଇଟା ଖଣ୍ଡେ ଦୂରରେ ବେକ ଭାଙ୍ଗି କିଛି ସମୟ ପଡ଼ିରହିଲା । ସେ କଥାକୁ ଟିକେ ବି ଚିନ୍ତା ନକରି ଚିନିତକ ଗିନାରେ ପକାଇ ଦେଇ ଚାମଚରେ ଗୋଳାଇଦେଲେ ଏବଂ ବୃଦ୍ଧ ଶ୍ୱଶୁରଙ୍କ ପାଖରେ ଥୋଇଦେଲେ । ମନକୁ ମନ ଯୁକ୍ତି ବାଢ଼ିଲେ, ହଁ ମ ଏତକ କ୍ଷୀର ଆଉ କ'ଣ ପିଙ୍ଗିଦେଇ ଥାଆନ୍ତି ? ବୟସ ତ ଆସି ସତୁରୀ ଉପରେ ହେଲାଣି । ପିଇଦେଲେ କ'ଣଟା ବେଦ ଅଶୁଦ୍ଧ ହୋଇଯିବ ।



ପ୍ରବଚନ ଶୁଣି ଯିବାକୁ ରଜନୀର ମନ ବଡ଼ ଚଞ୍ଚଳ ହେଲାଣି । କାମ ବି କିଛି କମ୍ ନାହିଁ । ଏତିକି ବେଳେ ଦୁଇ ଦୁଇଟା ଗାଈଙ୍କ କଥା ବୁଝୁଥିବା ରଘୁଆ କ୍ଷୀର ଦୁହିଁଆଣି ଥୋଇଦେଇ ଠିଆହେଲା । ରଜନୀ ତାକୁ ଦେଖିଦେଇ ବିରକ୍ତ ହେଲେ । କାମ ତ ସରିଲା, ନଯାଇ କାହିଁକି ଠିଆ ହୋଇଛୁ ?

ମୋ' ବାପା ଗାଁରୁ ଆସିଛନ୍ତି । ତାଙ୍କର ଦେହ ଖରାପ । ଡାକ୍ତରଙ୍କୁ ଦେଖାଇବି । ମୋତେ ଗଲା ମାସର ଦରମାଟା ଦେଇଥାଆନ୍ତେ ! ରଘୁଆର ସ୍ୱର କ୍ଷୀଣ ।

ରଜନୀଦେବୀ ତା' ଉପରେ ଖିଙ୍କାରୀ ଉଠିଲେ, ଗୋଟେ ମାସରତ ପଇସା ଅଛି । ଏମିତି କିଆଁ ହେଉଛୁ ? ତତେ କ'ଣ ସମସ୍ତେ ଆଗୁଆ ଦି'ମାସର ଦରମା ଦେଇ ଦେଉଛନ୍ତି ନା' କ'ଣ ? ମୋର ପ୍ରବଚନ ବେଳ ହୋଇଯାଉଛି । ଯାଆ ! ଯିଏ ଦେଉଛନ୍ତି ତାଙ୍କ ଠାରୁ ନେବୁ ! ରଘୁଆ ଆଡ଼େ ନଚାହିଁ ରଜନୀ କ୍ଷୀର ଜାଗାଟା ନେଇ ଚାଲିଗଲେ । ନାଗୁଆ ଗ୍ରାହକମାନେ ଏବେ ଆସିଯିବେ କ୍ଷୀର ନେବାକୁ । ତା'ଛଡ଼ା ଆଜି ସଂକ୍ରାନ୍ତି । କ୍ଷୀରର ଡିମାଣ୍ଡ ବେଶୀ । ସେଥିପାଇଁ ରଜନୀ କିଛି ଅଧିକ ପାଣି ମିଶାଇ କ୍ଷୀର ରଖିଦେଲେ ।

ପ୍ରବଚନ ବେଳ ପାଖେଇ ଆସୁଛି । ହେଲେ ରଜନୀଦେବୀଙ୍କ କାମ ସରୁନି । ମୂଷା ଗୁଡ଼ାକ ଭାରି ହଇରାଣ କରୁଛନ୍ତି । ସେଥିପାଇଁ ଔଷଧ ବିସ୍କୁଟ ଚାରିଖଣ୍ଡ ଗୁଣ୍ଡକରି ଔଷଧତକ ଓ ପାଣି ଟିକେ ପକାଇ ଚକଟି ଗୁଳା କରି ଷ୍ଟୋର ଘର ଓ ରୋଷେଇ ଘର ପାଖରେ ରଖିଦେଲେ ।

ଏଥର ପ୍ରବଚନ ଶୁଣିଯିବାକୁ ପ୍ରସ୍ତୁତ ହେଉ ହେଉ ଆଗରୁ ଚିହ୍ନା ମଧ୍ୟସ୍ଥି ଜଣେ ପୁଅ ପାଇଁ ପକାଇଥିବା ପ୍ରସ୍ତାବଟିଏ ବିଷୟରେ କଥା ହେବା ପାଇଁ ଆସି ପହଞ୍ଚିଲେ । ମୁହଁ ଉଜ୍ଜ୍ୱଳ ହୋଇଗଲା । ରଜନୀଦେବୀ ତାଙ୍କ ସହ କଥା ହୋଇସାରି ଶେଷରେ ଟିକେ ଜୋର ଦେଇ ସୂଚେଇ ଦେଲେ– ଦେଖନ୍ତୁ, ଯୌତୁକ ଟଙ୍କାଟା ଚଢ଼ା ହେବା ଦରକାର । ମଧ୍ୟସ୍ଥି ଆଶ୍ୱାସନା ଦେଇ ଚାଲିଗଲେ ।

ଆନନ୍ଦ ମନରେ ରଜନୀ ଭଲ ଶାଢ଼ି ପିନ୍ଧି, ପାଞ୍ଚ ସାତଖଣ୍ଡ କଡ଼ା ପାନ ଭାଙ୍ଗି ସାଙ୍ଗରେ ଧରି ପ୍ରବଚନ ଶୁଣି ବାହାରି ପଡ଼ିଲା । ବାଟରେ ଦେଖାହେଲା ସୁକାନ୍ତି । ବାସ୍ । ଦୁଇ ବାନ୍ଧବୀ ଚାଲିଲେ ସାଇର ସମସ୍ତଙ୍କ ଘରର ଟିକିନିଖି ଖବର ଗପି ଗପି ।

***ନୀଳାଦ୍ରୀ ବିହାର, ଭୁବନେଶ୍ୱର***

## ଡିସେମ୍ବରର ଶେଷ ସକାଳ

● ବେବୀଲତା ଶତପଥୀ



ସକାଳୁ ବାଲକୋନିରେ ବସି
ବିରସ ମନରେ ଭାବୁଥିଲି କିଛି
ହଠାତ୍ ଦେଖିଲି
ହଳଦିଆ ଗୋଲାପ ଫୁଲଟିରେ
ଠିକ୍ ତମ ପରି
ଧ୍ୟାନସ୍ଥ ପ୍ରଜାପତିଟିଏ ବସିଛି ।

ସମ୍ମୋହନେ ବତୁରି ଗଲି
ଆଳାପରେ ଭିଜିଗଲା ପରି
ତା' ଉଡ଼ିବାର ସାଥେ
ତାଳ ଦେଇ ନୀରବରେ ଝରୁଥିଲା
ଅନ୍ତକ୍ଷରି, ଅନ୍ତରୀକ୍ଷରୁ
ସୁଦୀର୍ଘ ଦୂରତାରେ ବି ଥିଲା ଉଷ୍ମ ତାତି
ମତେ ଲାଗେ ଏଠି ସଂଜକୁ
ତମର ସେଠି ରାତି ।

ଭଲ ଲାଗେ ତମ ମନର ବ୍ୟାକରଣ
ଯେବେ କୁହ ପ୍ରଶ୍ନ କ'ଣ ତମ ପାଇଁ,
ତମେ ତ ସବୁ ପ୍ରଶ୍ନର ଉତ୍ତର
ଆସକ୍ତି ତ ଶିଶୁଳିରେ
ତୁମ ହାତ ଶିଳାଲେଖା
ଅନାବିଷ୍କୃତ ଜଙ୍ଗଲର
ନୀରବ ମୂର୍ଚ୍ଛନା
ଅବୁଝା ସ୍ମୃତି ପଖଳା
ନାକ ଓ ପର ରାଗ
ଏଇ ଯେମିତି ତମେ କୁହ
କାହିଁ କର, ଅଯଥା
ସମୟର ଅପଚୟ ।

ଚେତନାକୁ ଚିଟଉ କରି କରି ପଠେଇଛି
ତମ ପାଇଁ
କଥା ଦିଅ ଆର ଡିସେମ୍ବରକୁ
ତୁମେ ଏମିତି ଆସିବ ତ?
ଏଇ ଦୁଷ୍ଟ ପ୍ରଜାପତି ପରି
ଏଭରେଷ୍ଟ ଶୃଙ୍ଗାରୁ ଆହୁରି ଉଚ୍ଚ
ମୋ ଆଶା ଓ ଉଦ୍ଦୀପନା
ତମେ ତ ମୋର ସଲିଳ ତୃଷ୍ଣା
ପ୍ରୀତି–ମଳୟ ଘୂର୍ଣ୍ଣିରେ ମୋ ଭାଗ୍ୟ ତ
ଏପରି
ଠିକ୍
'ଡିସେମ୍ବରର ଶେଷ ସକାଳ ପରି' ।

*ପଦ୍ମାଲୋକ, କେ–୪,*
*କଳିଙ୍ଗ ବିହାର, ଭୁବନେଶ୍ୱର*
*ମୋ.୬୩୭୨୯୯୯୫୯୦*

## ୨୭ରେ ରତ୍ନଭଣ୍ଡାର ସଂପର୍କିତ ବୈଠକ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରସଙ୍ଗରେ ଉଚ୍ଚସ୍ତରୀୟ ବୈଠକ ହେବ । ରତ୍ନ ଗଣତି ମଣତି ନେଇ ଆସନ୍ତା ୨୭ ତାରିଖରେ ବୈଠକ ବସିବ । ଏ ନେଇ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ସୂଚନା ଦେଇଛନ୍ତି । ବୈଠକରେ ଏସଓପି ସଂପର୍କରେ ଆଲୋଚନା ହେବ । ୨୭ ତାରିଖ ଅପରାହ୍ନରେ ପୁରୀରେ ବୈଠକ ଅନୁଷ୍ଠିତ ହେବ । ପ୍ରଥମେ ଏସଓପି ବାବଦରେ ଆଲୋଚନା ହେବ । ଗଣତି ମଣତି ଯୋଗୁ ଦର୍ଶନ ପାଇଁ ସମସ୍ୟା ହୋଇପାରେ । ତେଣୁ ଭକ୍ତଙ୍କ ସହଯୋଗ ଲୋଡ଼ାଯିବ ବୋଲି ଜଷ୍ଟିସ ରଥ କହିଛନ୍ତି । ଜାନୁଆରୀ ମାସ ଭିତରେ ଗଣତି ମଣତି ଆରମ୍ଭ ହୋଇପାରେ । ଗଣତି ମଣତି ଭିତର ଭଣ୍ଡାରରେ ହେବ । କେଉଁମାନେ ଗଣତି ପ୍ରକ୍ରିୟାରେ ସାମିଲ ହେବେ, ସ୍ଥିର ହୋଇନି । ୨୭ ତାରିଖ ବୈଠକରେ ଏ ନେଇ ନିଷ୍ପତ୍ତି ହେବ । ୧୯୭୮ ମସିହା ଗଣତି ବେଳର ତାଲିକା ମେଳକ କରାଯିବ । ରତ୍ନର ମୂଲ୍ୟ ଆକଳନ କରିବା ମୁସକିଲ । କିନ୍ତୁ ରତ୍ନଗୁଡ଼ିକର ଗୁଣ ମାନ ନିର୍ଣ୍ଣୟ କରାଯିବ । ରିଜର୍ଭ ବ୍ୟାଙ୍କର ସହଯୋଗ ଲୋଡ଼ାଯାଇଛି । ୨ ଜଣ ଏକ୍ସପୋର୍ଟ ଏହି କାର୍ଯ୍ୟରେ ସହାୟତା କରିବେ । ଶେଷଥର ପାଇଁ ଗଣତି ମଣତି ପାଇଁ ୭୨ଦିନ ଲାଗିଥିଲା । ଏଥିର ଯେତେଶିଘ୍ର ହୋଇପାରିବ ଚେଷ୍ଟା କରିବୁ ବୋଲି ଜଷ୍ଟିସ ରଥ ସୂଚନା ଦେଇଛନ୍ତି । ବିଶେଷ ପର୍ବଦିନଗୁଡ଼ିକୁ ଦୃଷ୍ଟିରେ ରଖି ଏସଓପି ଜାରି ହେବ । ୧୯୫୪ମସିହାର ରେକର୍ଡ଼ ଏବଂ ୧୯୭୮ ମସିହାରେ ହୋଇଥିବା ଗଣତିକୁ ନେଇ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଜଷ୍ଟିସ ରଥ ସୂଚନା ଦେଇଛନ୍ତି । ଅପର ପକ୍ଷରେ ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କହିଛନ୍ତି, ଖୁବ ଶିଘ୍ର ରତ୍ନ ଭଣ୍ଡାର ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହେବ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇ ଦିଆଯାଇଛି । ପ୍ରଥମେ ଉଚ୍ଚସ୍ତରୀୟ କମିଟି ବସିବ । ଏହାପରେ ମାନେଜିଙ୍ଗ କମିଟିକୁ ଏହି ପ୍ରସଙ୍ଗ ଆସିବ । ମାନେଜିଙ୍ଗ କମିଟି ଅନୁମୋଦନ ପରେ କେବେଠାରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବ ସେ ବିଷୟରେ ସରକାରଙ୍କୁ ଜଣାଇ ଦିଆଯିବ । ଏହି ପ୍ରକ୍ରିୟା ୫ରୁ ୬ ମାସ ମଧ୍ୟରେ ଶେଷ ହେବ ବୋଲି ଆଇନମନ୍ତ୍ରୀ କହିଛନ୍ତି ।

## ସୂର୍ଯ୍ୟ ମନ୍ଦିର ପ୍ରସ୍ଥାନ ଦ୍ୱାର ଅନ୍ଧାର

**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ସୂର୍ଯ୍ୟ ମନ୍ଦିର ପ୍ରସ୍ଥାନ ଦ୍ୱାର ଅନ୍ଧାରରେ ରହିଥିବା ଦେଖିବାକୁ ମିଳିଛି । ଫଳରେ ମନ୍ଦିର ପରିଦର୍ଶନ କରି ଫେରୁଥିବା ପର୍ଯ୍ୟଟକ ଅନ୍ଧାରରେ ଆସୁଥିବା ପରିଲକ୍ଷିତ ହୋଇଛି । ଏପରିକି କିଛି ପର୍ଯ୍ୟଟକ ମୋବାଇଲରେ ଲାଇଟ ମାରି ଆସୁଥିବା ଦେଖିବାକୁ ମିଳିଛି । ଏହି ପ୍ରସ୍ଥାନ ବାଟରେ ଖୁଣ୍ଟ ଓ ଲାଇଟ୍ ଲାଗିଥିଲେ ମଧ୍ୟ ଦୀର୍ଘ ଦିନ ଧରି ଆଲୁଅ ନଜଳିବା ଫଳରେ ପର୍ଯ୍ୟଟକମାନେ ଅନ୍ଧାରରେ ଆବୁଡ଼ା ଖାବୁଡ଼ା ରାସ୍ତାରେ ଅତ୍ୟନ୍ତ ବିପଦ ପୂର୍ଣ୍ଣ ଭାବେ ଆସୁଥିବା ଦେଖିବାକୁ ମିଳିଛି । ସୂର୍ଯ୍ୟ ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ସଂସ୍ଥା ଏଏସଆଇ ବାର୍ଷିକ କୋଟିକୋଟି ଟଙ୍କା ପ୍ରବେଶ ଶୁଳ୍କ ଭାବେ ଆଦାୟ କରୁଥିବା ବେଳେ ମନ୍ଦିରରେ ପର୍ଯ୍ୟଟକମାନଙ୍କ ପାଇଁ କୌଣସି ମୌଳିକ ସୁବିଧା ସହ ଆବଶ୍ୟକୀୟ ଉନ୍ନତି ମୂଳକ କାର୍ଯ୍ୟ କରିବା ନିମନ୍ତେ ଆଖି ଦୃଶିଆ ପଦେକ୍ଷପ ନିଆଯାଇନଥିବା ଜଣାପଡିଛି । ଏହି ପ୍ରସ୍ଥାନ ବାଟ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଥିବା ବେଳେ ଅନ୍ଧାର ଯୋଗୁଁ ଆହୁରି କଷ୍ଟକର ହୋଇପଡ଼ିଛି । ଆବୁଡା ଖାବୁଡା ରାସ୍ତା ସହ ସାପ, ଗୋଧି ପରି ବିଷାକ୍ତ ସରୀସୃପପୂର୍ଣ୍ଣ ଏହି ରାସ୍ତାରେ ଯଦି କୌଣସି ପର୍ଯ୍ୟଟକମାନଙ୍କର କ୍ଷତି ହୁଏ, ତେବେ କିଏ ଦାୟୀ ରହିବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି । କୋଟିକୋଟି ଟଙ୍କା ପ୍ରବେଶ ଶୁଳ୍କ ଭାବେ ସଂଗ୍ରହ କରୁଥିବା ବେଳେ ଏଏସଆଇ ପର୍ଯ୍ୟଟକମାନଙ୍କ ପାଇଁ ସାମାନ୍ୟ ଆଲୁଅ ଉପଲବ୍ଧ କରାଇ ନପାରିବା ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି । କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କ ସମେତ ବିଭାଗୀୟ ଅଧିକାରୀ, ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ପ୍ରକାଶ ପାଇଛି ।

## ଜଗତସିଂହପୁର କଂଗ୍ରେସର ବିକ୍ଷୋଭ




**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନାର ନାମକରଣ ବଦଳାଇବା, ଯୋଜନାର ରୂପରେଖ ବିକୃତି କରିବା ବିରୋଧରେ କେନ୍ଦ୍ର ବିଜେପି ସରକାର ବିରୁଦ୍ଧରେ ଓପିସିସି ନିର୍ଦ୍ଦେଶ କ୍ରମେ ଆଜି ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ, ଓପିସିସି ଉପ ସଭାପତି ଡ. ଲଲାଟେନ୍ଦୁ ମହାପାତ୍ର ଓ ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ୟାସିର ନୱାଜଙ୍କ ଉପସ୍ଥିତିରେ ଜଗତସିଂହପୁର ସ୍ଥିତ ବସଷ୍ଟାଣ୍ଡ ସମ୍ମୁଖରେ ଶତାଧିକ କଂଗ୍ରେସ କର୍ମୀ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ବିଜେପି ସରକାର ଜାତିର ପିତାଙ୍କ ନାମରେ ନାମିତ ଯୋଜନାରେ ତାଙ୍କ ନାମକୁ ହଟାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ନିନ୍ଦନୀୟ ବିଷୟ ଏବଂ ଏକ ଆପତ୍ତିଜନକ ଭୟଙ୍କର ଆଦର୍ଶଗତ ନିଷ୍ପତ୍ତି । ଏହି ନାମ ପରିବର୍ତ୍ତନ ଗାନ୍ଧୀ ମୂଲ୍ୟ ପ୍ରତି ଅସ୍ୱୀକୃତିକୁ ପ୍ରତିବିମ୍ବିତ କରୁଛି ତତସହିତ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରୂପରେଖକୁ ବଦଳାଇ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ୬୦:୪୦ ଭାବେ ଅନୁଦାନକୁ ଭାଗ ଭାଗ କରାଯାଇଛି ତାହା ବିରୋଧ ଯୋଗ୍ୟ । ତୃତୀୟରେ ଶ୍ରମିକର ଦାବି ମୁତାବକ କାମ ଆଉ ମିଳିପାରିବ ନାହିଁ । କାରଣ କେନ୍ଦ୍ର ତା ପାଖରେ କ୍ଷମତା ରଖିଛି ନିଷ୍ପତ୍ତି ନେବାକୁ କେଉଁ ଅଞ୍ଚଳରେ କାମ ହେବ ଆଉ ସେହି ଅଞ୍ଚଳର ଶ୍ରମିକ ହିଁ ଯୋଜନାର ଉପକାର ପାଇ ପାରିବେ । ଏହାକୁ ଜାତୀୟ କଂଗ୍ରେସ ଦଳ ଘୋର ବିରୋଧ କରୁଛି ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ନାୟକ ମତବ୍ୟକ୍ତ କରିଛନ୍ତି । ଧାରଣା ପରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସର୍ବେଶ୍ୱର ପଣ୍ଡା, ପ୍ରିୟବ୍ରତ ମିଶ୍ର, ଆର୍ତ୍ତତ୍ରାଣ ପଣ୍ଡା, ନିହାର ରଞ୍ଜନ ଦାସ, ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଡ. ଜଗଦାନନ୍ଦ, ଦିଲ୍ଲିପ ଗୁପ୍ତା, ସୁବ୍ରତ ରାୟ, ପ୍ରିତମ ପରିଜା, ବୃନ୍ଦାବନ ପ୍ରଧାନ, ସେକ୍ ହିଦାୟତ ଅଲ୍ଲୀ, ଦେବ ପ୍ରସାଦ ମହାପାତ୍ର, ସତ୍ୟବ୍ରତ ଦାସ, ଦିଲ୍ଲିପ କୁମାର ମାହାର, ରାକେଶ ମହାନ୍ତି, ଲକ୍ଷ୍ମୀଧର ମଲ୍ଲିକ, ଶୁଭ ନାରାୟଣ ନାୟକ, ମହମ୍ମଦ ଅବଦୁଲ ୱାହିଦ, ବିଶ୍ୱଜିତ ସେଠୀ, ସେକ୍ ଅବୁ ସୋଫିୟାନ, କିଶୋର ପଟ୍ଟନାୟକ, ଅନନ୍ତ ପୃଷ୍ଟି, ଅଜୟ ମଲ୍ଲିକ, ପଦମନ ସେଠୀ, ସୁରଜକାନ୍ତ ଦାସ, ସତ୍ୟଜିତ ମହାନ୍ତି, ସୌଭାଗ୍ୟ ସାହୁ, ଅମ୍ରିତ ପଶାୟତ, ପବିତ୍ର ମୋହନ ଦାସ, ଦେବ ପ୍ରସାଦ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ନାରାୟଣ ନାୟକ, ପ୍ରଦୀପ୍ତ ଦାସ, ଲକ୍ଷ୍ମୀଧର ନାୟକ, ପ୍ରଶାନ୍ତ ଲେଙ୍କା, ଧ୍ରୁବ ଚରଣ ପରିଡା, ଜ୍ଞାନେନ୍ଦ୍ର ସ୍ୱାଇଁ, ଦେବଜ୍ୟୋତି ମହାନ୍ତି, ପ୍ରକାଶ ସ୍ୱାଇଁ, ସ୍ୱାଧୀନ ମହାପାତ୍ର, ବିଜୟ ପୃଷ୍ଟି, ଶୁଭାଶିଷ ସ୍ୱାଇଁ, ବିଭୁ ରଞ୍ଜନ ସ୍ୱାଇଁ, ରାକେଶ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର, ରାହୁଲ ମଲ୍ଲିକ, ଦିଗବିଜୟ ମହାନ୍ତି ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦାନ କରିଥିଲେ ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ବୃଦ୍ଧ ଗିରଫ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଥାନା ଅନ୍ତର୍ଗତ ଦେବୀ କନ୍ଦଳ ଦୀପାଞ୍ଚଳ କସର୍ଦା ଫାଣ୍ଡି ଅଞ୍ଚଳରେ ୧୨ବର୍ଷିଆ ନାବାଳିକାକୁ କସର୍ଦା ଗ୍ରାମର ବସନ୍ତ ଦାସ (୬୨)ଦୁଷ୍କର୍ମ ଓ ଜୋର ଜବରଦସ୍ତ ଶାରୀରିକ ନିର୍ଯାତନା ଦେଇଥିବା ନିଆଳି ଥାନାରେ ଅଭିଯୋଗ ହୋଇଛି । ନିଆଳୀ ଥାନା ପୋଲିସ୍ ୬୦୭/୨୫ରେ ପୋକ୍ସୋ ଆକ୍ଟ ଅଭିଯୁକ୍ତ ବସନ୍ତ ଦାସକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳିକାକୁ ବସୁନ୍ଧରାରେ ଥଇଥାନ କରାଯାଇଛି । ସୂଚନା ମୁତାବକ ଗତ ୧୬ତାରିଖ ଦିନ ନାବାଳିକା ଝିଅଟି ଘରେ ଏକା ଥିବାର ସୁଯୋଗ ନେଇ ବସନ୍ତ ଜୋର ଜବରଦସ୍ତ ବଳାତ୍କାର କରିବା ଶହ ଶାରୀରିକ ସମ୍ପର୍କ ରଖିଥିଲା । ଏ ସମ୍ପର୍କରେ କୌଣସି ବ୍ୟକ୍ତି ଟୋଲଫ୍ରି ନମ୍ବରରେ ସିଡବ୍ଲ୍ୟୁସିକୁ ଫୋନ ମାଧ୍ୟମରେ ଜଣାଇବାରୁ ସିଡବ୍ଲ୍ୟୁସି ନିଆଳି ଥାନାକୁ ଜଣାଇଥିଲେ । ପରେ ଥାନା ପକ୍ଷରୁ ବସନ୍ତ ଦାସକୁ ଗିରଫ କରାଯାଇଥିବା ବେଳେ ତାର ଡାକ୍ତରୀ ପରୀକ୍ଷା କରାଯାଇଥିବା ସହିତ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଛି । ନାବାଳିକାକୁ ବସୁନ୍ଧରାରେ ଛାଡିଦିଆଯାଇଥିବା ନେଇ ଥାନା ଅଧିକାରୀ ଦିଲ୍ଲିପ କୁମାର କାଣ୍ଡି ସୂଚନା ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ, ନାବାଳିକା ପରିବାର ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିବାରୁ ଏତେ ବଡ଼ ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି ।

# ମନରେଗା କୌଣସି କଂଗ୍ରେସ ନେତାଙ୍କ ନାମରେ ନଥିଲା

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାର ପୂର୍ବତନ ମନ୍ତ୍ରୀ, ସାଂସଦ, ବିରୋଧୀ ଦଳ ନେତା ତଥା ବର୍ତ୍ତମାନର କୋରାପୁଟ ସାଂସଦ ସପ୍ତଗିରି ଉଲାକାଙ୍କ ପିତା ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ରାୟଗଡାସ୍ଥିତ ଓଏମପି ଛକରେ ଉନ୍ମୋଚନ କାର୍ଯ୍ୟକ୍ରମ ଓ ତାଙ୍କ ସ୍ମୃତିରେ ଆୟୋଜିତ ପ୍ରାର୍ଥନା ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଛତିଶଗଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ ଲାଲ୍ଲୁ, ସିଏଲପି ନେତା ରାମଚନ୍ଦ୍ର କାଡାମ ଏବଂ କଂଗ୍ରେସ ଦଳର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ ।



ଏହି ପ୍ରାର୍ଥନା ସଭାକୁ ସମ୍ବୋଧିତ କରି ପିସିସି ସଭାପତି ଶ୍ରୀ ଦାସ କହିଲେ, ବର୍ତ୍ତମାନ ଦେଶ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ସରକାର ଗଣତନ୍ତ୍ର ଓ ସମ୍ବିଧାନର ଖୋଲାଖୋଲି ହତ୍ୟା କରୁଛନ୍ତି । ଯେଉଁ ମହାତ୍ମା ଗାନ୍ଧୀ ଦେଶର ପ୍ରତ୍ୟେକ ହୃଦୟ ଏବଂ କୋଣ ଅନୁକୋଣରେ ଅଛନ୍ତି, ଯେଉଁ ମହାତ୍ମା ଇଂରେଜ ଶାସକଙ୍କ ଗୁଳି ଗୋଳା ଓ ଅତ୍ୟାଚାରର ଡରକୁ ଦେଶବାସୀଙ୍କ ମନରୁ କାଢି ଫିଙ୍ଗି ଦେଇଥିଲେ । କର ବା ମର ମାଧ୍ୟମରେ ଭାରତକୁ ସ୍ୱାଧୀନ କରିଥିଲେ, ସେଇ ମହାତ୍ମାଙ୍କ ନାମକୁ ସରକାର ଲିଭାଇ ଦେବାକୁ ଚାହୁଁଛନ୍ତି । ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶରେ ଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଉଦ୍ୟମରେ ପୃଥିବୀ ବିଖ୍ୟାତ ମହାତ୍ମା ଗାନ୍ଧୀ ନରେଗା ଯୋଜନା ସାମୁହିକ ବିକାଶ ଲକ୍ଷକୁ ନେଇ ଆରମ୍ଭ ହୋଇଥିଲା । ଗରିବଙ୍କ ପାଖକୁ ଟଙ୍କା ଆସୁନଥିଲା । ଯୋଜନା ମାଧ୍ୟମରେ ଗରିବଙ୍କ ପାଖକୁ ଟଙ୍କା ଏବଂ କାମ ଆସିଲା । ଦେଶର ସମସ୍ତ ଗରିବ ଶ୍ରେଣୀ ଉପକୃତ ହେଲେ ଓ ଅନାହାର ବ୍ୟାଧି ହଟିଲା । ଏହି ଯୋଜନା କୌଣସି କଂଗ୍ରେସ ନେତା ବା ମନ୍ତ୍ରୀଙ୍କ ନାମରେ ନାମିତ ନଥିଲା ବରଂ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ ଦିଆ ଯାଇଥିଲା । କିନ୍ତୁ ମେସିନ ଓ ଭୋଟ ଚୋର ସରକାର ଆଜି ଏହି ଯୋଜନାରୁ ଦେଶର ପିତା ମହାତ୍ମାଙ୍କ ନାମ ବଦଳାଇ ଦେବାର ଦୁଃସାହସ କରିଛି । ବାବା ସାହେବଙ୍କ ସମ୍ବିଧାନକୁ ପରିବର୍ତ୍ତନ କରୁଛି ।

ଆମକୁ ଲଜ୍ଜା ଲାଗିବା କଥା, ସରକାରଙ୍କ ଏସବୁ ଧୃଷ୍ଟତା ସତ୍ତ୍ୱେ ଆମେ ଚୁପ ରହୁଛୁ, ନ ଜାଣିଲା ଭଳିଆ ଶୋଇ ପଡୁଛୁ । ଯଦି ଆମେ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ସାମାଜିକ ନ୍ୟାୟ ଆଦର୍ଶରେ ଆମେ ଅନୁପ୍ରାଣିତ, ବାସ୍ତବିକ ଦାୟାଦ ତେବେ ଗଣତନ୍ତ୍ର ବିରୋଧୀ ସରକାରଙ୍କୁ ଉଚିତ ଜବାବ ହେବ ସ୍ୱର୍ଗତ ଉଲାକାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

ସଭାର ଅନ୍ୟତମ ଅତିଥି ଛତିଶଗଡ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ କହିଲେ, ପ୍ରାୟ ୧୦ ବର୍ଷରୁ ଅଧିକ ହେବ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ତଥା ତାଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଦିନରାତି ଗାଳି ଗୁଲଜ କରି ଅପମାନିତ କରାଯାଉଛି । ନେହରୁ ପରିବାରର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଦେଶ ପାଇଁ ନିଜ ଜୀବନକୁ ଆହୁତି ଦେଇଛନ୍ତି । ସୋନିଆ ଗାନ୍ଧୀ ଦୁଇ ଦୁଇଥର ପ୍ରଧାନମନ୍ତ୍ରୀ ପଦବୀକୁ ଅସ୍ୱୀକାର କରିଛନ୍ତି ଏବଂ ଏହି ବିଜେପି ସରକାର ସେହି ତ୍ୟାଗର ପରିବାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଦଶନ୍ଧି ଧରି ନ୍ୟାସନାଲ ହେରାଲଡ଼ ମିଥ୍ୟା ମାମଲାରେ ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଇଡି ସହାୟତାରେ ଅକଥନୀୟ ନିର୍ଯାତନା ଦେଇଥିଲେ ଯାହା କୋର୍ଟ ଭିତ୍ତିହୀନ ଓ ନିର୍ଦ୍ଦୋଷ ବୋଲି ବିଚାର ଦେଇଛି । ଏହା ସରକାରଙ୍କ ଗାଲରେ ଶକ୍ତ ଚାପୁଡା ସଦୃଶ । ନେହରୁଙ୍କ ପରିବାରଙ୍କୁ ବଦନାମ କରିବା ପରେ ଏବେ ମହାତ୍ମା ଗାନ୍ଧୀଙ୍କ ନାମ ଇତିହାସରୁ ଲିଭାଇ ଦେବାକୁ ବସିଛନ୍ତି । ଦୁନିଆର ସବୁଠୁ ବଡ଼ ଯୋଜନା ବନ୍ଦ କରିଦେଇ ଲକ୍ଷଲକ୍ଷ ଗରିବ ଜନତାଙ୍କ ଉପରେ ବିଶ୍ୱାସଘାତ କରିଛନ୍ତି । କିନ୍ତୁ କଂଗ୍ରେସ ଏହାର ଜବାବ ଦେବ ।

ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଲେ, ଧାଡ଼ିର ଶେଷରେ ଛିଡା ହୋଉଥିବା ବ୍ୟକ୍ତିକୁ ଧରି ଯେଉଁ ନେତା ଚଲେ ସିଏ ପ୍ରକୃତ ନେତା ଏବଂ ସ୍ୱର୍ଗତ ଉଲାକା ସମସ୍ତଙ୍କ ପ୍ରିୟ ନେତା ଥିଲେ । ଓଡ଼ିଶାରେ ଆଦିବାସୀ, ଦଳିତଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀଙ୍କୁ ତାଙ୍କ ଜଙ୍ଗଲ ଜମିରୁ ବିତାଡିତ କରି ନିର୍ଯାତନା ଦିଆଯାଉଛି । ଦୁଷ୍କର୍ମ ବଢ଼ିବାରେ ଲାଗିଛି । ହଜାର ହଜାର ମହିଳା ନିଖୋଜ ଅଛନ୍ତି । ପଛୁଆ ୮୪% ଥିଲେ ସୁଦ୍ଧା ଆରକ୍ଷଣ ଠିକରେ ମିଳୁ ନାହିଁ । ବର୍ତ୍ତମାନ ରିଏଲ ନେତାଙ୍କ ଅପେକ୍ଷା ରିଲବାଲା ନେତାଙ୍କ ଚାହିଦା ବେଶୀ । ଆମକୁ ଏଇ ଡବଲ ଇଞ୍ଜିନ ସରକାର ଫିଙ୍ଗି ଦେବାକୁ ପଡ଼ିବ । ଏବଂ ସମ୍ବିଧାନର ସରକାର ପ୍ରତିଷ୍ଠା କରିବାକୁ ପଡ଼ିବ ।

କୋରାପୁଟ ସାଂସଦ ଓ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପୁତ୍ର ସପ୍ତଗିରି ଉଲାକା ପ୍ରାର୍ଥନା ସଭା ଶେଷରେ ଯୋଗ ଦେଇଥିବା ସମସ୍ତ ମାନ୍ୟବର ନେତୃତ୍ୱଙ୍କ ଭୁୟସୀ ପ୍ରଶଂସାକରି ଧନ୍ୟବାଦ ଦେଇଥିଲେ, ପୂର୍ବତନ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ନିର୍ବାଚନ ସମୟରେ କାଶୀପୁର ଗସ୍ତ କିଭଳି ସମସ୍ତ ରାୟଗଡାର ନିର୍ବାଚନର ଦିଗ ପରିବର୍ତ୍ତନ କରି ଦେଇଥିଲା, ପିସିସି ସଭାପତି ଶ୍ରୀ ଦାସ ଜଣେ ଟାଣୁଆ ଲଢୁଆ ଓ ଉଦାହରଣର ନେତା, ପିଲାଦିନରୁ ମୁଁ ତାଙ୍କ ଆନ୍ଦୋଳନ ସଂଘର୍ଷ ଶୁଣି ଆସିଛି । ଲାଞ୍ଜିଗଡ ରାହୁଲ ଗାନ୍ଧୀଙ୍କ ରାଲିରେ ଶ୍ରୀ ଦାସଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଜର୍ମାନୀରୁ ଚାକିରି ଛାଡି ରାଜନୀତିରେ ଯୋଗ ଦେଇଥିଲି । ଉପସ୍ଥିତ ସମସ୍ତ ନେତୃବୃନ୍ଦଙ୍କ ଠାରୁ ମୁଁ ସଦା ପ୍ରେରଣା ପାଇଛି । ଏବଂ ଯୋଗ ଦେଇଥିବା କଂଗ୍ରେସର ନେତୃବୃନ୍ଦ ଏବଂ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରି ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ଲିଗାସିକୁ ଆଗେଇ ନେବାକୁ ଶ୍ରୀ ଉଲାକା ପ୍ରତିଜ୍ଞା କରିଥିଲେ ।

ଆଜିର ଶ୍ରାଦ୍ଧ ସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ରମେଶ ଜେନା, ପବିତ୍ର ସାଉଁତା, ଆପଲା ସ୍ୱାମୀ କାଡରକା, ମଙ୍ଗୁ ଖିଲ, ଦାଶରଥି ଗମାଙ୍ଗୋ, ସତ୍ୟଜିତ ଗୋମାଙ୍ଗୋ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ବିଧାୟକ ନିମାଇଁ ସରକାର ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଣି ଡିକି ଭାଙ୍ଗି ଟଙ୍କା ଲୁଟ୍

**ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମବଂଗ ସୀମାନ୍ତ, ଅପରାଧ ପ୍ରବଣ ଜଳେଶ୍ୱର ଅଞ୍ଚଳରେ ଲୁଟ୍, ଛିନତାଇ, ରାହାଜାନୀ, ବାଇକ୍ ଚୋରି ଭଳି ଘଟଣା ପ୍ରତିଦିନ ସଂଘଟିତ ଭାବେ ହେଉଛି । ସପ୍ତାହକ ଭିତରେ ପଶ୍ଚିମବଂଗ ଯୁବକର ବାଇକ୍ ଡିକି ଭାଙ୍ଗି ୯୯ ହଜାର ଲୁଟ୍ ଚିତ୍ର ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ପୁଣି ମଙ୍ଗଳବାର ଦ୍ୱିପ୍ରହରରେ ୫୭ ନଂ ରାଜ୍ୟ ରାଜପଥ, ଆମ୍ବଳିଅଠା ଧାନକଟା ମେସିନ୍ ସୋରୁମ ସମ୍ମୁଖରୁ ଡିକି ଭାଙ୍ଗି ୨ ଲକ୍ଷ ୬୩ ହଜାର ଟଙ୍କା ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି । ନଛିମପୁର ପଞ୍ଚାୟତ ସାହାଡ଼ାପଡ଼ା ଗାଁର ବିକାଶ ପ୍ରଧାନ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ସୋରୁମ ସମ୍ମୁଖରେ ବାଇକ୍ ରଖି ପରିଶ୍ରା କରିବା ବେଳେ ଦୁଇ ବାଇକ୍ ଆରୋହୀ ଲୁଟ୍ କରି ଚମ୍ପଟ ମାରିଥିଲେ । ଲୁଟ୍ ଚିତ୍ର ଗୁପ୍ତ କ୍ୟାମେରରେ କଏଦ ହୋଇଥିବା ବେଳେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ ପରେ ତଦନ୍ତ ହେଉଛି ।




## ଭାରତ ସରକାର ଦ୍ୱାରା ଷ୍ଟାଇପେଣ୍ଡ ଆଧାରିତ ଇଣ୍ଟର୍ନସିପ୍

ସି-ଡେକ, ସିଇଆରଟି-ଆଇଏନ, ସିଏମଡିଟି, ଇଆରଏନଇଟି, ଏନଇଏଲଆଇଟି, ସମିର ଏବଂ ଏସଟିକ୍ୟୁସି (ପ୍ୟାନ ଇଣ୍ଡିଆ)ରେ କାର୍ଯ୍ୟ ଆଧାରିତ ଶିକ୍ଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ

**ପ୍ରଯୁକ୍ତିବିଦ୍ୟା କ୍ଷେତ୍ର**

ଏଆଇ, ଏମଏଲ, ବିଡିଏ, ମେସିନ ଭିଜନ, ଆରପିଏ, ଏଆର/ବିଆର, ବ୍ଲକ ଚେନ, ସିପିୟୁ, ଡିଜାଇନ, ୱାୟରଲେସ ନେଟୱର୍କ, ଆଇଓଟି, ଏଜ କମ୍ପ୍ୟୁଟିଂ ଏବଂ କ୍ଲାଉଡ କମ୍ପ୍ୟୁଟିଂ, ସାଇବର ସୁରକ୍ଷା ଏବଂ ସାଇବର ଫୋରେନ୍ସିକ୍ସ, ହେଲ୍‌ଥ ଇମ୍ଫରମେଟିକ୍ସ, ସଫ୍ଟୱ୍ୟାର ଡିଫାଇଣ୍ଡ ରେଡିଓ, ସିଲିକନ ଫୋଟୋନିକ୍ସ, ସ୍ମାର୍ଟ ସିଟି, କ୍ୱାଣ୍ଟମ, କମ୍ପ୍ୟୁଟିଂ, ସାମଗ୍ରୀ ଇଲେକ୍ଟ୍ରୋନିକ୍ସ ପ୍ୟାକେଜିଂ, ବ୍ୟାଟେରୀ, ଏଡିଟିଂ ମ୍ୟାନୁଫେକ୍ଚରିଂ, ନବିକରଣୀୟ ଉର୍ଜା ଏବଂ ଅନ୍ୟ ଟେକନିକ କ୍ଷେତ୍ର ।

**ଭାରତ ସରକାର, MeitY ଦ୍ୱାରା ପାଣ୍ଠିପ୍ରଦାନ**

MeitY, ଭାରତ ସରକାରଙ୍କ ପ୍ରମୁଖ ସଂଗଠନରେ ବିଶିଷ୍ଟ ଟେକନିକରେ କେନ୍ଦ୍ରୀତ ବାସ୍ତବିକ ଦୁନିଆର ଅତ୍ୟାଧୁନିକ ରାଷ୍ଟ୍ରୀୟ ପରିଯୋଜନାଗୁଡ଼ିକରେ କାମ କରି ହାତ ଦ୍ୱାରା ବ୍ୟବହାରିକ ଅନୁଭବ, ଟେକନିକ ଜ୍ଞାନ, ବିଶ୍ଳେଷଣାତ୍ମକ ଜ୍ଞାନ, ବାସ୍ତବିକ ସମୟରେ କାମ, ସମସ୍ୟା ସମାଧାନ, ତର୍କ, ବିଚାର କୌଶଳ ଇତ୍ୟାଦିରେ ବଢାଇବା ଅବସର ଏଠାରେ ଅନ୍ତର୍ଭୁକ୍ତ ।

**ଜାନୁଆରୀ ୨୦୨୬ ବ୍ୟାଚ ପାଇଁ ପଞ୍ଜିକରଣ**

ଅବଧି-୬ ମାସ, ଷ୍ଟାଇପେଣ୍ଡ-ଟ.୧୦,୦୦୦/ମାସ

ଶେଷ ତାରିଖ-୧୨ ଜାନୁଆରୀ,୨୦୨୬

**ଯୋଗ୍ୟତା**

- ବି.ଟେକ/ବି.ଇ/ଏମସିଏ/ଏମ.ଏସସି ପୂର୍ବ ୩ ବର୍ଷରେ ଉତ୍ତିର୍ଣ୍ଣ (ପ୍ରାସଙ୍ଗିକ ବିଷୟରେ)
- ବି.ଟେକ/ବି.ଇ/ଏମସିଏ/ଏମ.ଏସସି ର ଶେଷ ବର୍ଷ ଛାତ୍ର
- ଏସସି, ଏସଟି ଏବଂ ଇଡବ୍ଲ୍ୟୁଏସ ଶ୍ରେଣୀ ର ଛାତ୍ର
- ମହିଳା ଛାତ୍ର

**ଭାଗ ନେଇଥିବା ସଂଗଠନ**

Vacancies - 442

Apply Now - https://internship.aicte-india.org/ernet.php or https://wblp.in/wbl-Opportunities

ଉନ୍ନତ କମ୍ପ୍ୟୁଟିଂ ବିକାଶ କେନ୍ଦ୍ର (ସି-ଡେକ), ମୋହାଲି

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଦ୍ୟୌଗିକି ମନ୍ତ୍ରଣାଳୟ, ଭାରତ ସରକାର ଏକ ବୈଜ୍ଞାନିକ ସୋସାଇଟି

ଏ-୩୪ ଇଣ୍ଡଷ୍ଟ୍ରିୟାଲ ଏରିଆ, ଫେଜ-୮,ମୋହାଲି, ପଞ୍ଜାବ, ଭାରତ, ଫ୍ୟାକ୍ସ:+୯୧-୧୭୨-୨୨୩୭୦୫୦-୫୧,

www.cdac.in CBC 06134/11/0001/2526 wblp@cdac.in



## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



√ସୁଜାତା ମହାନ୍ତି

ଭୁବନେଶ୍ୱର, ଖୋର୍ଦ୍ଧା, କଟକ, ନାଗଣପୁର, ଏଡିନବର୍ଗ ଓ ନରବିଲା ତୁମର ପରିବାର, ଶୁଭଚିନ୍ତକ ।

ତୁମର ଅବର୍ତ୍ତମାନ ସହ ତୁମର ସ୍ନେହ, ଶ୍ରଦ୍ଧା ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମ ଜୀବନର ମାର୍ଗ ଦର୍ଶକ ହେଉ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି ।

**ଶୋକସନ୍ତପ୍ତ**

ସ୍ୱାମୀ- ଡାକ୍ତର ବିମଳ ପ୍ରସାଦ ମହାନ୍ତି
ଝିଅ ଓ ପୁଅ- ବନାନୀ, ନିନି, ଦେବୁ ଏବଂ ଚିନା, ବନ୍ଧୁ ଓ ପରିବାରବର୍ଗ


## ପାଟଣେଶ୍ୱରୀ ପୀଠର ଉନ୍ନତିକରଣ ଦାବି

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଐତିହାସିକ ସାଲେଭଟା ଗ୍ରାମରେ ହଜାର ହଜାର ବର୍ଷ ପୂର୍ବରୁ ଗୋଟିଏ ଗମ୍ଭିରା ଘରରେ ମାଁ ପାଟଣେଶ୍ୱରୀ ଓ ମାଁ ସମଲେଶ୍ୱରୀ ପୂଜା ପାଇ ଆସୁଛନ୍ତି । ପାଟଣା ଶାସନ ସମୟରେ ରାଜା ବଳରାମ ଦେଓ ନିର୍ମାଣ କରିଛନ୍ତି ବୋଲି କିମ୍ବଦନ୍ତି ଅଛି । ବଲାଙ୍ଗିରର ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ୨୬ଟି ଗଡ ମଧ୍ୟରୁ ସାଲେଭଟା ଗ୍ରାମ ବେଶ ମୁଖ୍ୟ ଭୂମିକା ନେଉଥିଲା । ଏହି ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡା. ମୁକେଶ ମହାଲିଙ୍ଗଙ୍କୁ ଲୋଇସିଂହା ନିର୍ବାଚନ ମଣ୍ଡଳିରେ ଥିବା ତିନିଗୋଟି ଐତିହ୍ୟ ପୀଠ କୁଶଙ୍ଗାଇ ମନ୍ଦିର ଉନ୍ନତିକରଣ, ସୌନ୍ଦର୍ଯ୍ୟକରଣ, ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ସାଉନ୍ତେଶ୍ୱରୀ ଦେବୀ ଉନ୍ନତିକରଣ ଏବଂ ଐତିହାସିକ ପୀଠ ସାଲେଭଟା ଗ୍ରାମର ପାଟଣେଶ୍ୱରୀ ପୀଠ ଉନ୍ନତିକରଣ ପାଇଁ ଏବଂ ପର୍ଯ୍ୟଟନ ସ୍ଥଳି ମାନ୍ୟତା ଦାବି ରଖିଥିଲେ । ଦେବାଳୟ ଓ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ୪ଗୋଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଏବଂ ବଲାଙ୍ଗିର ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଲୋଗୋ ଅର୍ପଣ କରାଯାଇଥିଲା ଏବଂ ସଂସ୍କୃତି ବିଭାଗକୁ ଆର୍ଥିକ ସାହାଯ୍ୟ ପାଇଁ ନିବେଦନ କରାଯାଇଥିଲା । ଏଥିରେ ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ପାଟଣେଶ୍ୱରୀ ମନ୍ଦିର ପୂଜକ ଅଭିନାଶ ଦିଶ୍ରୀ ସାମିଲ ଥିଲେ ।


## ବିଜ୍ଞାପନ ସଂଖ୍ୟା ୧୧ ତାରିଖ ୨୪/୧୨/୨୫

## ଖରିଫ ଧାନ ସଂଗ୍ରହ, ୨୦୨୫-୨୬

ଏତଦ୍ ଦ୍ୱାରା **କଟକ** ଜିଲ୍ଲା ଅନ୍ତର୍ଗତ **ଆଠଗଡ** ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତା. ୨୬.୧୨.୨୦୨୫ ରିଖରୁ ଧାନକ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ଖରିଫ୍ ଋତୁ (୨୦୨୫-୨୬) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି । ତେଣୁ ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ ।

"ଚାଷୀ ଭାଇମାନଙ୍କୁ ଅନୁରୋଧ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ । ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷ ମୁକ୍ତ ହୋଇଥିବ ।"

ଧାନ କ୍ରୟ ଦିବସ-ସୋମ, ମଙ୍ଗଳ, ବୁଧ, ଶୁକ୍ର, ଶନି ସମୟ- ସକାଳ ୮ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ମଧ୍ୟରେ ଧାନ ବିକ୍ରୟ କରି ପାରିବେ ।

### ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି) | ୧.୦% |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୁଷ, ଅଗାଡି ବା ପୋଲା ଇତ୍ୟାଦି) | ୧.୦% |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪%ରୁ ଅଧିକ ହୋଇନଥିବ) | ୫.୦% |
| ୪. | ଅପରିପକ୍ୱ (କଞ୍ଚା-ସବୁ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ ( କେବଳ ଗ୍ରେଡ "ଏ" ଧାନ ନିମନ୍ତେ) | ୬.୦% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟଦର ନିମ୍ନରେ ଦିଆଗଲା :-

| କ୍ର.ନଂ | (FAQ) ଧାନର ମାନ | କ୍ୱିଣ୍ଟାଲ ପ୍ରତି ଧାନର ସହାୟକ ମୂଲ୍ୟ |
|---|---|---|
| ୧. | ସାଧାରଣ ମାନ (Common FAQ) | ୩,୧୦୦.୦୦ |

ନିବେଦକ
ଉପଜିଲ୍ଲାପାଳ, ଆଠଗଡ-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନରସିଂହପୁର


## ଖଣି ମନ୍ତ୍ରଣାଳୟ ସଚିବଙ୍କ ନାଲକୋ ଗସ୍ତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସଚିବ ପୀୟୁଷ ଗୋୟଲ, ଆଇଏଏସ୍, ଆଜି ଭୁବନେଶ୍ୱରସ୍ଥିତ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ)ର ମୁଖ୍ୟାଳୟ ପରିଦର୍ଶନ କରିଛନ୍ତି ।




ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଗୋୟଲଙ୍କ ନାଲକୋ ମୁଖ୍ୟାଳୟକୁ ଏହା ପ୍ରଥମ ଗସ୍ତ । ଗସ୍ତ ସମୟରେ ସେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ । ସେ କମ୍ପାନୀର ସମ୍ପ୍ରସାରଣ ତଥା ପରିଚାଳନାଗତ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ । ବୈଠକରେ କମ୍ପାନୀ ବୋର୍ଡର ସଦସ୍ୟ, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ(ଅର୍ଥ) ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଶ୍ରୀ ଗୋୟଲ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ, ଉତ୍ପାଦନ ଲକ୍ଷ୍ୟ ହାସଲ ଏବଂ ପରିଚାଳନାଗତ ଦକ୍ଷତାର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ନାଲକୋର ସାମୂହିକ ସଫଳତା ତଥା ଭୌତିକ ଏବଂ ଆର୍ଥିକ କ୍ଷେତ୍ର ଗୁଡ଼ିକରେ ଦୃଢ଼ ପ୍ରଦର୍ଶନ ପାଇଁ ପ୍ରଶଂସା କରିଥିଲେ । ଶ୍ରୀ ଗୋୟଲ ନାଲକୋ ସମୂହକୁ କାର୍ଯ୍ୟର ସମସ୍ତ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଶ୍ରୀ ଗୋୟଲ ପରିବେଶଗତ ସୁରକ୍ଷା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଇ ଏକ ଚାରା ମଧ୍ୟ ରୋପଣ କରିଥିଲେ ।

ଏହି ଗସ୍ତ ସମୟରେ ସେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଅନ୍ୟ ଏକ ବୈଠକରେ ଯୋଗଦେବା ସହ ଦାମନଯୋଡିସ୍ଥିତ ମାଇନ୍ସ ଓ ରିଫାଇନେରୀ କମ୍ପ୍ଲେକ୍ସ ତଥା ଅନୁଗୋଳରେ ଥିବା ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସରେ ନାଲକୋର ସମ୍ପ୍ରସାରଣ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ସେ ନିଲାମ ହୋଇଥିବା ପ୍ରମୁଖ ଖଣିଜ ବ୍ଲକଗୁଡ଼ିକର କାର୍ଯ୍ୟକ୍ଷମତା ସମ୍ପର୍କରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଭାରତ ସରକାରଙ୍କ ଏଜେନ୍ସି ଏବଂ ନିଲାମ ହୋଇଥିବା ବ୍ଲକଗୁଡ଼ିକର ବିଡରଙ୍କ ସହିତ ଏକ ଖଣି କ୍ଷେତ୍ର ସମୀକ୍ଷା ବୈଠକର ଅଧ୍ୟକ୍ଷତା ମଧ୍ୟ କରିଥିଲେ ।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. ELS-ANGL-OT-25-26-09

**କାର୍ଯ୍ୟର ନାମ :** ଦୁଇ ବର୍ଷ ପାଇଁ ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ ଅନୁଗୁଳରେ ମଡିଫାଏଡ ଲେବିରିନ୍ଥ ସେଟ୍ ସହିତ 3-ଫେଜ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ସର ଟ୍ରାକ୍ସନ୍ ମୋଟର (6FRA-6068) ମରାମତି / ରିକଣ୍ଡିସନିଂ ।

**ବିଜ୍ଞାପିତ ମୂଲ୍ୟ (₹):** 2,53,33,561.60, EMD (₹) : 2,76,700.00, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.12.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 13.01.2026 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ http://www.ireps.gov.in ରେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୁଳ

PR-932/Q/25-26



## AFFIDAVIT

By virtue of an affidavit sworn before Executive Magistrate, Rajnagar, vide affidavit No.9009 date-24-12-2025. I Ananda Kumar Ray, S/O- Rabindra Ray Vill/Post-Manjulapalli.P.S.- Talachua Marine,Dist- Kendrapara, State-Odisha, PIN-754248, declare that, I have changed my name from Ananda Ray to Ananda Kumar Ray. Henceforth, I shall be known as Ananda Kumar Ray for all purposes.

**S/d- Ananda Kumar Ray.**

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 25th December, 2025 Thursday | RNI Regd. No. ODIODI/2009/28880

## ହେଲ୍‌ଥ ଟନିକ୍



### କଞ୍ଜୁସ ପତି

ଘଟଣାଟି ସେହି ସମୟର ଯେତେବେଳେ ମୋବାଇଲ୍ ଫୋନ୍‌ରେ କଲ୍ କଲେ ଥରକୁ ୨ ଟଙ୍କା କଟୁଥିଲା।

ଦିନେ ରାତି ଅଧରେ କଞ୍ଜୁସ୍ ପତି ସ୍ତ୍ରୀକୁ ଖୁବ୍ ବ୍ୟସ୍ତ ହୋଇ କହିଲେ- ମୋ ଛାତିରେ ଯନ୍ତ୍ରଣା ହେଉଛି, ଟିକେ ଡାକ୍ତରବାବୁଙ୍କୁ କଲ୍ କର।

ସ୍ତ୍ରୀ ବ୍ୟସ୍ତ ହୋଇ କହିଲେ- ତମ ମୋବାଇଲ୍ ଫୋନ୍‌ଟା କୋଉଠି ଅଛି ଦିଅ। ସେଥିରେ ଡାକ୍ତରଙ୍କ ନମ୍ବର ଅଛି।

ସ୍ୱାମୀ ଟିକେ ରହିଗଲେ। କହିଲେ- ଏବେ ମତେ ଟିକେ ଆଗ ଅପେକ୍ଷା ଭଲ ଲାଗୁଛି....।

******

### ଛାଡ଼ପତ୍ର

ବିଦେଶରେ ଝିଅମାନଙ୍କ ପକ୍ଷରେ ଛାଡ଼ପତ୍ର ପାଇବା ଭାରି ସହଜ।

ସେଥିପାଇଁ ତ ସେଠି ବାହା ହୋଇ ସ୍ୱାମୀ ସହିତ ଶାଶୁଘରକୁ ଯିବାବେଳେ ଝିଅମାନେ କାନ୍ଦନ୍ତି ନାହିଁ।

## ୪ ଦିନ ବନ୍ଦ ରହିବ ଟି-ସେତୁ

**କଟକ,୨୪।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବଡ଼ମ୍ବା ସିଂହନାଥ ମକର ମେଳାରେ ଦଳାଚକଟା ଆଶଙ୍କା ଏଡାଇବାକୁ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ଜାନୁଆରୀ ୧୪ରୁ ୧୭ଯାଏ ଟି-ସେତୁ ବନ୍ଦ ରହିବ । ସକାଳ ୭ଟା ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ୧୨ ଘଣ୍ଟା ଟି ସେତୁ ବନ୍ଦ ରହିବ । ଏହି ସମୟରେ ଗହଳିର ଆଶଙ୍କା ଅଧିକ ରହିଥିବା କାରଣରୁ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି । ଗୋପିନାଥପୁର ଓ ବୈଦେଶର ଉଭୟ ପଟୁ ବାଟ ବନ୍ଦ ରହିବ । ସିଂହନାଥ ପୀଠରେ ପ୍ରସ୍ତୁତି ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି । ପ୍ରକାଶଥାଉକି, ୨ ବର୍ଷ ପୂର୍ବେ ମକର ମେଳାରେ ଏଠାରେ ଅନେକ ଶ୍ରଦ୍ଧାଳୁଙ୍କ ସମାଗତ ହୋଇଥିଲା । ଫଳରେ ଦଳଚକଟା ଭଳି ପରିସ୍ଥିତି ଉପୁଜି ପ୍ରାଣହାନି ମଧ୍ୟ ହୋଇଥିଲା । ଦଳାଚକଟା ଯୋଗୁ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୦ରୁ ଅଧିକ ଆହତ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି ସିଂହନାଥ ପୀଠକୁ ସଂଯୋଗ କରୁଥିବା ବୈଦେଶ୍ୱର-ବଡ଼ମ୍ବା ଟି-ସେତୁକୁ ବନ୍ଦ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି ।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାକୁ ମିଳିଲା...

୧୯୯୧ ବ୍ୟାଚର ଆଇଏଏସ୍ ଅଧିକାରୀ ରାଜ୍ୟର ମୁଖ୍ୟ ଶାସନ ସଚିବ ହେବେ ବୋଲି ପ୍ରାୟ ଦୁଇ ବର୍ଷ ହେବ ଚର୍ଚ୍ଚା ହୋଇ ଆସୁଥିଲା । ବିଭିନ୍ନ ବିଭାଗରେ ଅନୁ ଗର୍ଗଙ୍କ କାର୍ଯ୍ୟଦକ୍ଷତା ରହିଛି । ସେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସମେତ ଆହୁରି ଅନେକଗୁଡିଏ ବିଭାଗରେ କାମ କରିଛନ୍ତି । ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଥିବା ବେଳେ ସେ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ସେହିପରି ପୁରୀରେ ରଥଯାତ୍ରା-୨୦୨୫ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଭଳି ପରିସ୍ଥିତି ଘଟଣାରେ ପୁରୀ ଅଘଟଣ ତଦନ୍ତକାରୀ କମିଟି ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ରାଜ୍ୟ ସରକାର କୋଭିଡ-୧୯ ସଂକଟ କାଳରେ ଅନୁ ଗର୍ଗଙ୍କୁ ଗୁରୁ ଦାୟିତ୍ୱ ଦେଇଥିଲେ । ୧୪ଜଣିଆ କୋଭିଡ ପର୍ଯ୍ୟବେକ୍ଷକ ତାଲିକାରେ ଅନୁ ଗର୍ଗଙ୍କୁ ସାମିଲ କରିଥିଲେ ।

### ଫିଟର୍‌ଙ୍କ ମୁଣ୍ଡ...

କୋଚ୍ ସମ୍ବିତ ମହାନ୍ତିଙ୍କୁ ମୁଥ ମାରିବା ସହ ଆକ୍ରମଣ ମଧ୍ୟ କରିଥିଲେ ଫିଟର ଦିଲ୍ଲୀପ ନାଟିଆ । ଏହି ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । ଓଡ଼ିଆ ଅଲମ୍ପିକ୍ସ ଆସୋସିଏସନ୍ ଓ ଓସିଏର ବଡ଼ କର୍ମକର୍ତ୍ତା ଓ ଅଲମ୍ପିକ୍ସ ଆସୋସିଏସନର ବଡ଼ ବାବୁମାନଙ୍କର ହାତ ଦିଲ୍ଲୀପଙ୍କ ମୁଣ୍ଡ ଉପରେ ଥିବା ନେଇ ଅଭିଯୋଗ ହୋଇଛି । ତେବେ ଦିଲ୍ଲୀପ ନାଟିଆ ଫିଟର ହୋଇ କେମିତି ଓଡ଼ିଶା ଦଳ ସହ ଉତ୍ତରାଖଣ୍ଡ ଯାଇଥିଲେ ଓ ତାଙ୍କୁ ଯିବା ପାଇଁ କିଏ ଅନୁମତି ଦେଇଥିଲେ ତାହାକୁ ନେଇ ପ୍ରଶ୍ନ ଉଠିଛି । ଏମିତିକି ପିଲାମାନଙ୍କ ସହ ଏଭଳି ବ୍ୟବହାର କରିବାକୁ କିଏ ଅନୁମତି ଦେଲା ବୋଲି ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ କ୍ରୀଡା ସାମ୍ବାଦିକ ।

ଅନ୍ୟପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନର ସମ୍ପାଦକ ଅଭିଜିତ ପାଲ୍ । ସେ କହିଛନ୍ତି କି ଏହି ଘଟଣାରେ ଅଲମ୍ପିକ୍ସ ଆସୋସିଏସନର କୌଣସି ସଂପୃକ୍ତି ନାହିଁ । ଏ ଘଟଣା ସହ ମୋର କୌଣସି ବ୍ୟକ୍ତିଗତ କୌଣସି ସଂଯୋଗ ନାହିଁ । ଯିଏ ବି ଏ ଘଟଣାର ଦୋଷୀ ଅଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଅଭିଜିତ ପାଲ୍ ।

### ଏଣିକି ବିନା...

ବା ସିମ୍ ବଦଳାଇବାର ଆବଶ୍ୟକତା ପଡ଼ିବ ନାହିଁ । କାରଣ ସମ୍ପୃକ୍ତ କମ୍ପାନି ସାରା ବିଶ୍ୱର ପ୍ରମୁଖ ମୋବାଇଲ ଅପରେଟରଙ୍କ ସହ ମିଶି କାର୍ଯ୍ୟ କରୁଛି । ତେଣୁ ଏହାର ଫାଇଦା ବିଶ୍ୱର ସମସ୍ତ ୟୁଜର୍ସଙ୍କ ପାଖରେ ଅତି ସହଜରେ ପହଞ୍ଚାଯାଇପାରିବ ।

### ଘୋଟାଲାକୁ ଘୋଡ଼ାଇବା...

ତଥ୍ୟ ପ୍ରଦାନରେ ବିଳମ୍ବ ଏବଂ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଆବେଦନକୁ ଶୁଣାଣି ନକରିବା ଘଟଣା ଉକ୍ତ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ଚପାଇ ରଖିବା ପାଇଁ ଏକ ପ୍ରୟାସ ବୋଲି ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ସେ କହିଛନ୍ତି । ପୂର୍ବରୁ ଏସମ୍ପର୍କରେ ଲିଖିତ ଭାବରେ ପୂର୍ତ୍ତ ଡିଭିଜନ ନଂ-୨ ର ଅଧୀକ୍ଷଣଯନ୍ତ୍ରୀଙ୍କୁ ଜଣାଇ ସେ ଆଜି ଧାରଣାରେ ବସିଥିଲେ । ଅଧୀକ୍ଷଣ ଯନ୍ତ୍ରୀ ଆବେଦନକାରୀ ଦୁଷ୍ମନ୍ତଙ୍କୁ କାର୍ଯ୍ୟାଳୟକୁ ଡକାଇ ଆଲୋଚନା କରିବା ସହ ଏକସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିବା ଜଣାଯାଇଛି । ଏହି ଧାରଣାକୁ ସମର୍ଥନ କରି ସୂଚନା ଅଧିକାର ଅଭିଯାନର ଜିଲା ଆବାହକ ପ୍ରତାପ ମହାନ୍ତି, ମାନସ ଆଚାର୍ଯ୍ୟ, ପବିତ୍ର କୁମାର ପାଣି, ରମାକାନ୍ତ ମାହାଳି, ଜନକର ଜେନା, ସମ୍ପଦ ରାଉତ, କେଶବ ଜେନା, ସୁମନ୍ତ ସାହୁ, ରମାକାନ୍ତ ମାଝି, ସୁମନ୍ତ ସେଠୀଙ୍କ ସମେତ ବହୁ ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ସାମିଲ ହୋଇଥିଲେ ।

### ୧ ଫେବୃଆରୀରୁ...

ବୋଲି ଘୋଷଣା କରାଯାଇଥିଲା । ଏହା ସହିତ, ମନ୍ତ୍ରୀ ଏବଂ ମୁଖ୍ୟ ସଚିବ ଉଷା ପାଢୀଙ୍କ ତତ୍ତ୍ୱାବଧାନରେ ଜାରି କରାଯାଇଥିବା ଏସଟିଏ ନିର୍ଦ୍ଦେଶନାମାରେ ମୋଟର ଯାନ ଆଇନ, ୧୯୮୮ର ବ୍ୟବସ୍ଥା ଉଲ୍ଲେଖ ହୋଇଥିଲା । ଏଥିରେ ଯାନବାହନ ନିର୍ଗମନ ହ୍ରାସ କରିବା ଏବଂ ପରିବେଶଗତ ଅବକ୍ଷୟକୁ ରୋକିବାର ଜରୁରୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ବର୍ଦ୍ଧିତ ସମୟ ସୀମା ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ କୁହାଯାଇଛି, ମୋଟର ଯାନର ପ୍ରଦୂଷଣ ସାର୍ଟିଫିକେଟ୍ ଯାଞ୍ଚ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରି 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ନିଷ୍ପତ୍ତିକୁ ଘୁଞ୍ଚାଯାଇଛି । ପୂର୍ବରୁ ଜାନୁଆରୀରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା ।

ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗର ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବ୍ରୁଆରୀ ପହିଲାକୁ ଘୁଞ୍ଚାଯାଇଛି । ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ନ ଥିବା ଯାନ ମାନେ ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ଅବଧିକୁ ବୃଦ୍ଧି କରାଯାଇଥିବାରୁ ଜନସାଧାରଣ ବିବ୍ରତ ନ ହୋଇ ସୁବିଧାରେ ଯାଞ୍ଚ କରାଇବେ ବୋଲି ଆଶା କରାଯାଉଛି ।

ଫେବ୍ରୁଆରୀ ୧ ପୂର୍ବରୁ କୌଣସି ପେଟ୍ରୋଲ ପମ୍ପରେ କାହାକୁ ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଇନ୍ଧନ ଦେବାକୁ ମନା କରାଯାଇପାରିବ ନାହିଁ । ଏହି ସମୟରେ ପ୍ରଦୂଷଣ ସାର୍ଟିଫିକେଟ ସଂକ୍ରାନ୍ତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି ।

ପରିବହନରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି । ପ୍ରଦୂଷଣ ସୃଷ୍ଟି କରୁଥିବା ଗାଡ଼ି ବ୍ୟବହାର କରନ୍ତୁ ନାହିଁ । ମୋଟରଯାନ ଆଇନ ଅନୁଯାୟୀ ନିୟମିତ ବ୍ୟବଧାନରେ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରନ୍ତୁ ଏବଂ ସର୍ବଦା ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ସୁନିଶ୍ଚିତ କରନ୍ତୁ । ପରିବହନ ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ପ୍ରଦୂଷଣ ଯାଞ୍ଚ କେନ୍ଦ୍ରରେ ହିଁ ଗାଡ଼ିର ପ୍ରଦୂଷଣ ଯାଞ୍ଚ କରନ୍ତୁ ।

# ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ହେବ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ

**ଭୁବନେଶ୍ୱର,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ୍ ରିଜିଅନ୍ ଗଠନ କରାଯିବ । ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ଇକୋନୋମିକ୍ ରିଜିଅନ୍ ଗଠନ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏହି ସମଗ୍ର ଅଞ୍ଚଳରେ ଥିବା ସହରଗୁଡ଼ିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ ।



ଏହି ଇକୋନୋମିକ୍ ରିଜିଅନ୍‌ରେ ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ । ଏଥିରେ କ୍ୟାପିଟାଲ ରିଙ୍ଗ୍ ରୋଡ୍ ଅଧିନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟରର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ । ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ (୧୧୧ କିଲୋମିଟର) ସହିତ ସମନ୍ୱିତ କରି ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ଏହା ସହିତ କଟକ ଜିଲ୍ଲା ଜାତମୁଣ୍ଡିଆ-ତ୍ରିଶୁଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କିଲୋମିଟରର ଏକ ଆଉଟର ରିଙ୍ଗ୍ ରୋଡ୍ ଏବଂ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫ କିଲୋମିଟରର ଏକ ଇନ୍‌ର ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବାର ଯୋଜନା ରହିଛି । ଏହିପରି ସମୁଦାୟ ୬୪୫ କିମିର ୩ଟି ରିଙ୍ଗ୍ ରୋଡ୍ ନିର୍ମାଣ କରାଯିବ । ଏଥି ସହିତ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କିଲୋମିଟର ରେଳପଥ ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡ଼ା ଦେଇ ୭୦ କିମିର ରେଳପଥ ନିର୍ମାଣ କରାଯିବାର ଯୋଜନା ରହିଛି ।

ଯେହେତୁ ଏହା ପାରାଦୀପକୁ ସଂଯୋଗ କରୁଛି, ତେଣୁ ଏହି ଇକୋନୋମିକ୍ ରିଜିଅନ୍ ଗଠନ ହେବା ପରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ । ଏହି ରିଜିଅନ୍ ମଧ୍ୟରେ କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକଚରିଙ୍ଗ୍, ପରିବହନ, ବନ୍ଦର ଭିତ୍ତିକ ଶିଳ୍ପ, କେମିକାଲ୍ସ, ଟେକ୍ସଟାଇଲ୍, ଆଇ.ଟି ଭଳି ଅନେକ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବ । ଏସବୁ ଅଞ୍ଚଳଗୁଡ଼ିକରେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ । ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଏସବୁ ଅଞ୍ଚଳଗୁଡ଼ିକରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ କହିଥିଲେ । ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ରାସ୍ତା ମଝି ଧସୁଛି, ବଡ଼ ଧରଣର ଦୁର୍ଘଟଣା ଆଶଙ୍କା

**ମାର୍ଶାଘାଇ,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବଜାର ଲକ ଛକ ଜମ୍ବୁ-ମାର୍ଶାଘାଇ ରାସ୍ତା ମଝିରେ ଏକ ବିରାଟ ଗାତ ସୃଷ୍ଟି ହୋଇଛି । ଏହି ରାସ୍ତା ଦେଇ ଦୈନନ୍ଦିନ ଶହଶହ ସଂଖ୍ୟାର ଗାଡି ମୋଟର ଯାତାୟାତ କରିଥାନ୍ତି । ରାସ୍ତାଟି ନିକଟରେ ପ୍ରଶସ୍ତିକରଣ କରାଯାଇ ବ୍ରିଟିଶ ଅମଳର ଲକ୍‌କୁ ବନ୍ଦ କରାଯାଇଥିଲା । ରାସ୍ତା ଉପରେ ଖାଲଖମା ହେଉଥିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ମରାମତି ପାଇଁ ଦୃଷ୍ଟି ଦେଉ ନଥିବା ବେଳେ ସ୍ଥାନିୟ ଲୋକମାନେ ରାସ୍ତା ତଡା ପିଚୁ ଆଣି ଖାଲଖମା ପୂରଣ କରିଥିଲେ । ଏବେ ନିକଟରେ ରାସ୍ତା ମଝିରେ ବିଶାଳ ଖାଲ ହୋଇଥିବାରୁ ବାଡିରେ ଲୁଗା ଗୁଡାଇ ଖାଲରେ ପୋତି ସତର୍କ କରାଇଛନ୍ତି । ପ୍ରଶାସନ ତରଫରୁ ଏହି ରାସ୍ତାର ମରାମତି ପାଇଁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି କରିଛନ୍ତି । ତେବେ ତୁରନ୍ତ ରାସ୍ତା ମରାମତି ଉପରେ ଗୁରୁତ୍ୱ ଦେବାପାଇଁ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୈତାରୀ ଟୁଡୁ ସୂଚନା ଦେଇଛନ୍ତି ।

## ନାରୀ ନିର୍ଯାତନାର ହବ୍ ପାଲଟିଛି ଓଡ଼ିଶା: କଂଗ୍ରେସ

**ଭୁବନେଶ୍ୱର,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ଦୁଷ୍କର୍ମ ଏବଂ ହତ୍ୟା ଉପରେ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଥିଲା । ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ କହିଲେ, କଂଗ୍ରେସ ସବୁବେଳେ ନାରୀ ସୁରକ୍ଷା ଉପରେ ଆନ୍ଦୋଳନ କରୁଛି । ବିଧାନସଭାରେ ବିଧାୟକ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛି । ପିସିସି ସଭାପତି ନାରୀ ସୁରକ୍ଷାକୁ ନେଇ ସଦାବେଳେ ସରକାରଙ୍କୁ ପ୍ରଶ୍ନ ପଚାରୁଛନ୍ତି ଓ ରାଜରାସ୍ତାକୁ ଓହ୍ଲାଉଛନ୍ତି । ସରକାର କିନ୍ତୁ ଆଦୌ ସଚେତନ ନୁହନ୍ତି । ୧୫ ମାସ ଭିତରେ ସବୁଠୁ ବେଶୀ ନାରୀ ନିର୍ଯାତନା ଘଟିଛି । ମୋଟ ଯୌନ ନିର୍ଯାତନା ମାମଲା ୯୧୮୧, ୮୨୨୭ ଅପହରଣ, ୫୪୬୪ଅଣ ଯୌତୁକ ନିର୍ଯାତନା ହୋଇଛି । ମାଲକାନଗିରି, ଧଉଳି ଏବଂ ବର୍ତ୍ତମାନ ଚାନ୍ଦବାଲିରେ ଜଣେ ଦଶ ବର୍ଷର ତୃତୀୟ ପଢୁଥିବା ଝିଅକୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ଘଟିଛି । ଏହା ଅତ୍ୟନ୍ତ ବେଦନାଯୁକ୍ତ । କୌଣସି ଦୁଷ୍କର୍ମ ଅପରାଧୀ ଦଣ୍ଡ ପାଉ ନାହାନ୍ତି । ଯୁବ କଂଗ୍ରେସ ନେତା ମନୋଜ ବିଶ୍ୱାଳ କହିଲେ, ଚାନ୍ଦବାଲି ଦୁଷ୍କର୍ମ ହୃଦୟ ବିଦାରକ । ଦୁଷ୍କର୍ମ କଲାପରେ ମୁଣ୍ଡକୁ ପଥରରେ ଅପରାଧୀ ଛେଚି ଦେଇଥିଲା । ଖୋଦ ବିଜେପି ସଭାପତି ମନ ମୋହନ ସାମଲଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀର ଅବସ୍ଥା ଏଇୟା । ଦୀର୍ଘ ୧୨ ମାସ ହେଲା ଚାନ୍ଦବାଲି ଏସ୍‌ଡ଼ିପିଓ ନାହାନ୍ତି । ଆଇଆଇସି ଚୋରା ମଦର କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି । ଅବାଧ ନିଶାଦ୍ରବ୍ୟ କାରବାର ଚାଲିଛି । କଂଗ୍ରେସର ଦାବୀ ପୀଡିତା ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଓ ଆଇଆଇସିଙ୍କୁ ଦଣ୍ଡିତ କରାଯାଉ। କଂଗ୍ରେସ ଓ ଲୋକଙ୍କ ଚାପରେ ଦୁଷ୍କର୍ମକାରୀକୁ ଗିରଫ କରାଯାଇଛି କିନ୍ତୁ ତାକୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉ ।

ପିସିସି ସାଧାରଣ ସମ୍ପାଦକ ମଧୁସ୍ମିତା ସେଠୀ କହିଲେ, ୨୮ ହଜାର ନାରୀ ଅତ୍ୟାଚାର ମାମଲା ବର୍ତ୍ତମାନ ୨୦୨୪/୨୫ ରେ ୪୧ ହଜାରରେ ପହଁଚିଛି । ରାଜ୍ୟରେ ଖୋଦ ଜଣେ ମହିଳା ଉପମୁଖ୍ୟମନ୍ତ୍ରୀ ଅଛନ୍ତି କିନ୍ତୁ ତାଙ୍କ ହୃଦୟ ତରଳୁ ନାହିଁ । ଆମେ ପ୍ରତିବାଦ କରୁଛୁ ତଥାପି ସରକାର କିମ୍ବା ମନ୍ତ୍ରୀ ଉତ୍ତରଦାୟିତ୍ୱ ନେଉ ନାହାନ୍ତି । ଶକ୍ତିଶ୍ରୀ ଆରମ୍ଭ ସରକାର କରିଛନ୍ତି । ଶୂନ୍ୟ ସହନଶୀଳତା କଥା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି କିନ୍ତୁ କଣ ନାରୀ ଅତ୍ୟାଚାର, ଦୁଷ୍କର୍ମ ଆଦି ଘଟଣାରେ ସରକାରଙ୍କ ଦୋମୁହାଁ ନୀତି ପଦାରେ ପଡିଛି । ବିଜେପି ସଭାପତି ପଦରେ ମନ ମୋହନ ସାମଲ ଅଛନ୍ତି, ନିଜ ନିର୍ବାଚନ ମଣ୍ଡଳୀରେ ଘଟିଥିବା ଦୁଷ୍କର୍ମ ଘଟଣାକୁ ନେଇ ରାଜ୍ୟବାସୀଙ୍କୁ କି ଆଶ୍ୱାସନା ଦେବେ। ଆପଣ ପଦର ଯୋଗ୍ୟତା ହରାଇ ବସିଛନ୍ତି । ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱର ନାରୀ ନିର୍ଯାତନାର ହବ ପାଲଟିଛି । କଂଗ୍ରେସର ଦାବୀ ସ୍ୱତନ୍ତ୍ର ଅନୁଧ୍ୟାନ ସ୍କୁଲ କଲେଜ ଆଦି ପ୍ରତିଷ୍ଠାନ ମାନଙ୍କରେ କରାଯାଉ ।

କଂଗ୍ରେସ ମୁଖପାତ୍ର ଡଃ ମନୀଷା ଦାସ ପଟ୍ଟନାୟକ କହିଲେ, ସରକାର ବର୍ତ୍ତମାନ ଜନତାଙ୍କ ପାଇଁ ଧୃତରାଷ୍ଟ୍ର ସାଜିଛି, କୁରୁସଭାରେ ଲୋକଙ୍କ ପାଇଁ ନ୍ୟାୟ ଚାଲିଛି, ଛୋଟ ଝିଅଙ୍କ ପାଇଁ କଂସ ଅତ୍ୟାଚାର କରୁଛି । ଗୋପାଳପୁର ଗଣଦୁଷ୍କର୍ମ ମାମଲାରେ ଯଦି ସରକାର ଚେତିଥାନ୍ତେ ତେବେ ସୌମ୍ୟାଶ୍ରୀ ବଳଙ୍ଗା ଏବଂ ବର୍ତ୍ତମାନର ଧଉଳି, ଚାନ୍ଦବାଲି ଘଟଣା ଦେଖିବାକୁ ମିଳି ନଥାନ୍ତା । ଯେହେତୁ ସରକାର ଏବଂ ପୋଲିସ ଅପରାଧୀଙ୍କୁ ଘଣ୍ଟ ଘୋଡାଇବାରେ ବ୍ୟସ୍ତ ହେଲେ ତେଣୁ ଅପରାଧୀଙ୍କ ମନୋବଳ ବୃଦ୍ଧି ପାଇଲା । ପୋଲିସକୁ ମଧ୍ୟ ନିରପେକ୍ଷ ଅନୁସନ୍ଧାନ କରିବାକୁ ଦିଆଯାଉ ନାହିଁ । ବଳାତ୍କାରୀ ଓ ହତ୍ୟାକାରୀଙ୍କୁ ଫୁଲମାଳ ଦେଉଥିବା ଦଳଙ୍କ ଠାରୁ ଆଉ କଣ ଆଶା କରାଯାଇପରେ । ଦଳର ନେତା ସାଂସଦଙ୍କ ଝିଅ ବାହାଘରେ ଫୋଟୋ ଉଠାରେ ବ୍ୟସ୍ତ କିନ୍ତୁ ସେମାନଙ୍କୁ ରାଜ୍ୟର ଦୁଷ୍କର୍ମ ଘଟଣା ଦେଖାଯାଉ ନାହିଁ । ଏକ ନିତାନ୍ତ ଅଯୋଗ୍ୟ ଏବଂ ନିକମ୍ମା ମହିଳା କମିଶନ ଅଛନ୍ତି । ତାଙ୍କ ସଦସ୍ୟ ରାତି ୮ ଟାରେ ଘରୁ ଝିଅପିଲା ନ ବାହାରିବା ପାଇଁ ତାଗିଦ କରୁଛନ୍ତି । ପ୍ରକୃତରେ ଆମେ ଏକ ନିଲ୍ଲଠା, ଅଳାୟୁକ ସରକାର ଦ୍ୱାରା ଶାସିତ ହେଉଛୁ ବୋଲି ଡଃ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

## ବାଂଲାଦେଶରେ ଶ୍ରମିକଙ୍କୁ ନିର୍ଯାତନା ଓ ହତ୍ୟା ପ୍ରତିବାଦରେ ବିକ୍ଷୋଭ

**କେନ୍ଦ୍ରାପଡ଼ା,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତମାସ ୧୮ତାରିଖରେ ବାଂଲାଦେଶରେ ଶ୍ରମିକ ଭାବେ କାମ କରୁଥିବା ଦିପୁଚନ୍ଦ୍ର ଦାସଙ୍କୁ ବିଧର୍ମୀ କଟ୍ଟର ପନ୍ଥି ସଂଖ୍ୟାଲଘୁଙ୍କ ଦ୍ୱାରା ନିର୍ମମ ମାଡ଼ ମାରି ଗଛରେ ବାନ୍ଧି ଜୀବନ୍ତ ଅବସ୍ଥାରେ ନିଆଁ ଲଗାଇ ହତ୍ୟା କରାଯାଇଥିଲା । ଏଥିସହିତ ସେହି ହତ୍ୟାକୁ ଗଣ ପର୍ବ ଭଳି ପାଳନ କରାଯାଇ ଥିଲା । ସେହି ଘଟଣାର ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଆଜି ଅପରାହ୍ନରେ ନୂଆ ବସ୍‌ଷ୍ଟାଣ୍ଡରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ବାଂଲାଦେଶର ହିନ୍ଦୁ ହତ୍ୟାକାରୀ ପ୍ରଧାନ ମନ୍ତ୍ରୀ ମହମ୍ମଦ ୟୁନସ ଓ ବାଂଲାଦେଶ ଅସ୍ଥିରତାର ମୁଖ୍ୟ ଖଳନାୟକ୍ ଆସିବ ମୁନିରର କୁଶପୁତଳିକା ଦାହ କରାଯାଇଥିଲା । ଉକ୍ତ ଘଟଣାକୁ ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ତୀବ୍ର ନିନ୍ଦା କରିବା ସହ ସରକାର ଙ୍କ ନିକଟରେ ୩ ଟି ଦାବି ରଖଉଛି । ସେହି ଦାବି ଗୁଡିକ ହେଉଛି ବାଂଲାଦେଶୀ ହିନ୍ଦୁ ମାନଙ୍କ ସୁରକ୍ଷା ନିମନ୍ତେ ଉକ୍ତ ଘଟଣା କ୍ରମ ଉପରେ ଭାରତ ସରକାର ସିଧା ସଳଖ ହସ୍ତକ୍ଷେପ କରନ୍ତୁ ଏବଂ ଉକ୍ତ ଘଟଣାର ଅଭିଯୁକ୍ତ ମାନଙ୍କୁ ଚିହ୍ନଟ କରାଯାଇ ବିଶ୍ୱ ସମୁଦାୟ ସାମ୍ନାରେ ଫାଶୀ ଖୁଣ୍ଟରେ ଚଢ଼ାଯାଉ । ଆମ ଦେଶ ଓ ରାଜ୍ୟରେ ରହୁଥିବା ରୋହିଙ୍ଗିଆ ବାଂଲାଦେଶୀ ମାନଙ୍କୁ ଗଳା ଧକ୍କା ଦେଇ ବିଦା କରାଯାଉ । ଭାରତ ସରକାର ବାଂଲାଦେଶୀ ଅତ୍ୟାଚାରୀତ ହିନ୍ଦୁମାନଙ୍କୁ ସସମ୍ମାନେ ଭାରତକୁ ଆଣି ସ୍ଥାୟୀ ବାସିନ୍ଦାର ସିକୃତି ଦିଅନ୍ତୁ । ଆଜିର ବିକ୍ଷୋଭ ପ୍ରଦର୍ଶନ ରେ ବିଶ୍ୱହିନ୍ଦୁ ପରିଷଦ ପୂର୍ବ ପ୍ରାନ୍ତ ସଂଘଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ଯୋଗ ଦେଇ ବିକ୍ଷୋଭ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ରଖିବା ସହ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ହିନ୍ଦୁମାନଙ୍କୁ ଏକତା ହୋଇ ରହିବା ପାଇଁ କହିଥିଲେ । ବିଭାଗ ସମ୍ପାଦକ ବିରେନ୍ଦ୍ର ସାମଲ, ଜିଲ୍ଲା ସଭାପତି ଅଦୈତ ସ୍ୱାଇଁ, ଜିଲ୍ଲା ସମ୍ପାଦକ ଚିତ୍ତ ରଂଜନ ଖୁଣ୍ଟିଆ, ସହ ସମ୍ପାଦକ ସନ୍ତୋଷ ସାହୁ, ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ଶୁଭ୍ରାଂଶୁ ଶେଖର ରାଉତ, ଦୂର୍ଗା ବାହିନୀ ସଂଯୋଜିକା ଆଶାଲତା ମଲ୍ଲିକ, ବଜରଙ୍ଗ ଦଳ କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଯୋଜକ ଯସପାଲ୍ ସୁତାର, ନୀଳକଣ୍ଠ ସ୍ୱାଇଁ, ଉପ ସଭାପତି ପ୍ରଦୀପ କିଶୋର ନାୟକଙ୍କ ସମେତ ବହୁ ସଂଖ୍ୟକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ସରକାରୀ ମଦ ଦୋକାନକୁ ବିରୋଧ

**କେନ୍ଦ୍ରାପଡ଼ା,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାର ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ସରକାର ପନ୍ଦରଟି ନୂଆ ମଦ ଦୋକାନ ଖୋଲିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଆଜି ଏହା ବିରୋଧରେ ଆପତ୍ତି ଅଭିଯୋଗ ଦାଖଲର ଶେଷ ତାରିଖ ଥିବା ବେଳେ ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରତିବାଦ ଦରଖାସ୍ତ ଦାଖଲ କରାଯାଇଛି । ସଂଗଠନର ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ଭାଗୀରଥି ଜେନା, ଆଳି ବ୍ଲକ ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ସମ୍ପାଦକ ଗୋବିନ୍ଦ ନନ୍ଦ, ସହ ସମ୍ପାଦକ ସୋହାନା ବେଗମ୍, ଅମରେନ୍ଦ୍ର ଦାସ, ଧନେଶ୍ୱର ରାଉତ ପ୍ରମୁଖଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦିଆଯାଇଥିବା ଏହି ଅଭିଯୋଗପତ୍ରର ନକଲ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଅବକାରୀ କମିଶନର ଓ ଅବକାରୀ ଅଧୀକ୍ଷକଙ୍କ ନିକଟକୁ ପଠାଯାଇଥିବା ବେଳେ ଏଥିରେ ସରକାରଙ୍କୁ ତାଙ୍କର ନିର୍ବାଚନ କାଳୀନ ପ୍ରତିଶ୍ରୁତିକୁ ସ୍ମରଣ କରାଇ ଦିଆଯାଇ ସରକାର ରାଜସ୍ୱ ବୃଦ୍ଧି ପାଇଁ ଆପଣାଉଥିବା ଏପରି ଜନବିରୋଧୀ କାର୍ଯ୍ୟକ୍ରମରୁ ବିରତ ରହିବାକୁ ଅନୁରୋଧ କରାଯାଇଛି । ଜିଲ୍ଲାପାଳଙ୍କ ସହ ଆଲୋଚନା କାଳରେ ଏହି ଘଟଣାକୁ ନେଇ ଆଳି କନିକା ଅଞ୍ଚଳରେ ଏବେ ସୃଷ୍ଟି ହୋଇଥିବା ଜନ ଅସନ୍ତୋଷ ସମ୍ପର୍କରେ ସୂଚାଇ ଦିଆଯାଇଥିଲା ।

## କଟକରେ ହେବନି ବାମସେଫର ଅଧିବେଶନ

**କଟକ,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଯାତ୍ରା ପଡ଼ିଆରେ ହେବାକୁ ଥିବା ବାମସେଫର ସଂଗଠନର ରାଷ୍ଟ୍ରୀୟ ଅଧିବେଶନର ଆୟୋଜନକୁ ଅଦାଲତି ଝଟକା ଲାଗିଛି । କଟକ ଜିଲ୍ଲାପାଳ ଓ ଡିସିପିଙ୍କ ନିର୍ଦ୍ଦେଶ ଉପରେ ଅନ୍ତରୀଣ ଅଙ୍କୁଶ ଲଗାଇବାକୁ ହାଇକୋର୍ଟ ମନା କରିଦେଇଛନ୍ତି । ଏଭଳି ସମାବେଶ ଦ୍ୱାରା ସାମାଜିକ ସଦଭାବନା କ୍ଷୁଣ୍ଣ ହେବାର ଆଶଙ୍କା ଥିବାନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ଼ଭୋକେଟ ଜେନେରାଲ ଯୁକ୍ତି ରଖିଥିଲେ । ଯାହାକୁ ହାଇକୋର୍ଟ ଗ୍ରହଣ କରିବା ସହ ଅନ୍ତରୀଣ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି । ସୂଚନାଯୋଗ୍ୟ ଆସନ୍ତା ୨୬ ତାରିଖରୁ ୩୦ ତାରିଖ ଯାଏ ପାଂଚ ଦିନିଆ ବାମସେଫ ସଂଗଠନ ପକ୍ଷରୁ ବାଲିଯାତ୍ରା ପଡ଼ିଆରେ ରାଷ୍ଟ୍ରୀୟ ଅଧିବେଶନ ହେବାର ଥିଲା । ଏ ନେଇ ସମସ୍ତ ପ୍ରକାର ପ୍ରଶାସନିକ ଅନୁମତି ମଧ୍ୟ ମିଳି ସାରିଥିଲା । କିନ୍ତୁ ଭୁଲ ତଥ୍ୟ ଦେଇ ଆୟୋଜକ ଅନୁମତି ନେଇଛନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହାକୁ ଆଧାର କରି ସମାବେଶ ପାଇଁ ମିଳିଥିବା ଅନୁମତି ପ୍ରଶାସନ ପକ୍ଷରୁ ପ୍ରତ୍ୟାହାର କରିନିଆଯାଇଥିଲା । ଯାହାକୁ ଚାଲେଂଜ କରି ଆୟୋଜକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

## ରାଜ୍ୟସ୍ତରୀୟ ଯୁବଉତ୍ସବରେ କେନ୍ଦ୍ରାପଡାରୁ ୩୧

**କେନ୍ଦ୍ରାପଡ଼ା,୨୪।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବରେ ବିଭିନ୍ନ ବର୍ଗରେ କୃତିତ୍ୱ ଅର୍ଜନ କରିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଆୟୋଜିତ ହେବାକୁ ଥିବା ଯୁବ ମହୋତ୍ସବରେ ଯୋଗଦେବା ପାଇଁ ମଙ୍ଗଳବାର ଭୁବନେଶ୍ୱର ଯାତ୍ରା କରିଛନ୍ତି । ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରୁ ୩୧ ଜଣ ପ୍ରତିଯୋଗୀ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ବସ ଯୋଗେ ଯାଇଛନ୍ତି । ଆଜି ସକାଳେ ଜିଲ୍ଲାପାଳ ରଘୁରାମ ଆର. ଆୟର ପ୍ରତିଯୋଗୀ ମାନଙ୍କୁ ଯାତ୍ରା ପୂର୍ବରୁ ଉତ୍ସାହିତ କରିବା ସହିତ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟର ପତକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ୨୪ ଡିସେମ୍ବରରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ପାଟ୍ରୋଲିଂ ଗାଡିକୁ ଆକ୍ରମଣ: ଡ୍ରାଇଭର ଗିରଫ

**ମାର୍ଶାଘାଇ,୨୪।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ଟିକରପଙ୍ଗା ନିକଟରେ ଲୁହା ପଥର ବୋଝେଇ ଟ୍ରକଗୁଡିକୁ ଧାଡିରେ ଛାଡିବା ପାଇଁ ପୋଲିସ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେଉଥିବା ବେଳେ ପାଟ୍ରୋଲିଂ ଟିମ ଉପରେ ଜଣେ ଡ୍ରାଇଭର ଆକ୍ରମଣ କରିଛି । ଘଟଣାରୁ ଜଣାଯାଏ ଏଏସଆଇ ଲୋଭାବତୀ ସାହୁ ଓ ପୋଲିସ ଟିମ ଉପରେ ପାଟ୍ରୋଲିଂ ସମୟରେ ଧାଡି ଭାଙ୍ଗି ଲୁହାପଥର ବୋଝେଇ ଟ୍ରକ ଯାଉଥିବା ବେଳେ ଅଟକାଇବାରୁ ପୋଲିସକୁ ଆକ୍ରମଣ କରିଥିଲା । ଜଗ୍ ରଡ ଧରି ଆକ୍ରମଣ କରିବା ବେଳେ ଡ୍ରାଇଭର ରାଜସ୍ଥାନର ମାନିଆ ଥାନା ରାଧେପୁରର ପିତମ ସିଂ(୩୨)କୁ ଗିରଫ କରିବା ସହିତ ଥାନା କେଶ ନମ୍ବର (୪୦୧/୨୫)ରେ କୋର୍ଟ ଚାଲଣ କରାଯାଇଥିବା ଆଇଆଇସି ତପନ ନାୟକ ସୂଚନା ଦେଇଛନ୍ତି ।


ଚୈତି ୨୦୨୫

ବାର୍ତ୍ତା

ରାୟଗଡ଼ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ ଚୈତି-୨୦୨୫

ରାୟଗଡ଼ର ମୋ ମୋର ପ୍ରିୟ ଜିଲ୍ଲାବାସୀଙ୍କୁ ନମସ୍କାର ଓ ଅଭିନନ୍ଦନ। ରାୟଗଡ଼ ଜିଲ୍ଲା ଲୋକ ମହୋତ୍ସବ 'ଚୈତି-୨୦୨୫' ଓ ପଲ୍ଲିଶ୍ରୀ ମେଳା' ଆସନ୍ତା ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜିସିଡି ପଡ଼ିଆ ଠାରେ ଅନୁଷ୍ଠିତ ହେବାକୁ ଯାଉଛି। ମହୋତ୍ସବ ହେଉଛି ଆମ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ଏବଂ ବିକାଶର ପ୍ରତୀକ। ଚୈତି ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ଆପଣମାନେ ଆମ ଆଦିବାସୀ ସଂସ୍କୃତିର ବୈଶିଷ୍ଟ୍ୟ, ହସ୍ତଶିଳ୍ପ ଓ ଜିଲ୍ଲାର ପ୍ରଗତିକୁ ଅନୁଭବ କରିପାରିବେ। ଏହି ପାଞ୍ଚ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରଙ୍କ ସହ ଅନ୍ୟ ରାଜ୍ୟର କଳାକାରଙ୍କ ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରିବ। ଏତଦ ବ୍ୟତୀତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ହସ୍ତ ଶିଳ୍ପ ହସ୍ତକଳା କାରିଗର ନିଜର ଉତ୍ପାଦିତ ଦ୍ରବ୍ୟ ବିକ୍ରିବଟା କରିବାର ସୁଯୋଗ ପାଇବେ। ଏହି ଉତ୍ସବରେ ସମସ୍ତ ଜିଲ୍ଲାବାସୀଙ୍କୁ ଯୋଗଦେବା ନିମନ୍ତେ ଆମନ୍ତ୍ରଣ କରୁଅଛି।

ଆଶୁତୋଷ କୁଲକର୍ଣ୍ଣୀ, (ଭା.ପ୍ର.ସେ.)
ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ, ରାୟଗଡ଼

Chairman: Ph- (06856) 222245 (O), 222345 (R)
DCO, Rayagada, Ph: 9668350530
E-mail: dm-rayagada@od.gov.in /
dcorayagada01@gmail.com
Organised By; District Council of Culture, Rayagada


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ